

୧୪୭ ବର୍ଷର କ୍ରିକେଟ୍‌ରେ ପ୍ରଥମ
ପୃଷ୍ଠା ୭


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 263 | ଭାଗ ୩୨ | ସଂଖ୍ୟା ୨୬୩ | Bhubaneswar | Tuesday 17 December 2024 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୧୭ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ରାଜଧାନୀର ଅଭିଶପ୍ତ ଗଳି

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ରାଜଧାନୀରେ ରହିଛି ଅଭିଶପ୍ତ ଗଳି। ବଡ ବଡ ସରକାରୀ କ୍ୱାର୍ଟର ଥିବା ଏହି ଗଳିର ଇତିହାସ ଜାଣିବାପରେ ସେଠାରେ କ୍ୱାର୍ଟର୍ସ ନେବାକୁ ଏବେ ଆଉ ନେତା କି ବାବୁ କେହି ରାଜି ହେଉନାହାନ୍ତି। ଯେଉଁମାନେ ନେଇଛନ୍ତି ସୁଯୋଗ ସୁବିଧା ଦେଖି କିଭଳି ଛାଡିବେ ସେଥିପାଇଁ ଚିନ୍ତାରେ ଅଛନ୍ତି । ଆଲୋଚନା ଅନୁଯାୟୀ ଏହି ଅଭିଶପ୍ତ ଗଳି ଟି ରହିଛି ରାଜଭବନ ନିକଟରେ। ଭୁବନେଶ୍ୱର କ୍ଲବର ଠିକ୍ ପଛପଟେ। କ୍ଲବର ପଛପଟ ଫାଟକରୁ ଆରମ୍ଭ ହୋଇଥିବା ଭିଆଇ-ଆର କ୍ୱାର୍ଟର୍ସ ଲମ୍ବିଛି ରାଜଭବନ ରାସ୍ତାକୁ ସଂଯୋଗ କରୁଥିବା ଛକ ପର୍ଯ୍ୟନ୍ତ । ଏଠାରେ ସରକାରୀ ଘରଟିଏ ପାଇବାପାଇଁ ନେତାଙ୍କ ଠାରୁ ବାବୁଙ୍କ ପର୍ଯ୍ୟନ୍ତ ଅନେକ କସରତ କରନ୍ତି। ହେଲେ ଏବେ ଘର କିଭଳି ଛାଡିବେ ସେଥିପାଇଁ କସରତ ଆରମ୍ଭ ହୋଇଥିବା ସୂଚନା ମିଳିଛି । ଅଭିଶକ୍ତି ଗଳି ଭାବେ ଚର୍ଚ୍ଚାରେ ଥିବା ଏହି କ୍ୱାର୍ଟର୍ସଗୁଡିକରେ ପୂର୍ବରୁ ବରିଷ୍ଠ ସରକାରୀ ଅଧିକାରୀ ବେଣୁ ମିଶ୍ର, ଲଳିତ ଦାସ, ଗୋପବନ୍ଧୁ ଦାସ, ପ୍ରଦୀପ ମହାପାତ୍ର, ମନୋଜ ମିଶ୍ର ଓ ଆଶିଷ ସିଂହ ପ୍ରମୁଖ ରହିଥିଲେ । ଇତି ମଧ୍ୟରେ ଲଳିତ ଦାସ ଏଠାରେ ଥିବାବେଳେ ଆଶିଷ ସିଂହ ସଦ୍ୟ କ୍ୱାର୍ଟର୍ସ ଛାଡିଛନ୍ତି । ଏମାନଙ୍କ ମଧ୍ୟରୁ ବେଣୁ ମିଶ୍ର କ୍ଷମତା କେନ୍ଦ୍ରରୁ ଅଚାନକ ବିଦା ହୋଇଥିବାବେଳେ ବିଜେଡି ସରକାରରେ ନିଜକୁ କ୍ଷମତା କେନ୍ଦ୍ର କହୁଥିବା ଗୋପବନ୍ଧୁ ଦାସ ଅତି ହୀନସ୍ତା ହୋଇ କ୍ୱାର୍ଟର୍ସରୁ ବିଦା ହୋଇଥିଲେ। ଏକଦା ଶକ୍ତିଶାଳୀ ଅଫିସର ଥିବା ପ୍ରଦୀପ ମହାପାତ୍ରଙ୍କ ନାଁ ଶୁଣାଯାଉ ନାହିଁ । ବରିଷ୍ଠ ଆଇପିଏସ୍ ଅଫିସର ଲଳିତ ଦାସ ବି କିଛିଦିନ ଓଏସ୍‌ଡି ହୋଇ ବସି ରହିଲେ। ରେଳବାଇରୁ ଡେପୁଟେସନରେ ଆସି ବିଜେଡି ସରକାରରେ ସର୍ବେସର୍ବା ପାଲଟିଥିବା ମନୋଜ ମିଶ୍ର ଚାକିରିରୁ ଇସ୍ତଫା ଦେଇ ଏବେ ଏକ ପ୍ରକାର ଶୂନ ହୋଇଯାଇଛନ୍ତି। ଓଡ଼ିଶା ପୁଲିସ୍ ପ୍ରଶାସନରେ ସିଂଘମ ଅଫିସର ଭାବେ ପରିଚିତ ଥିବା ଆଶିଷ ସିଂହ ଏଠାରେ ସରକାରୀ କ୍ୱାର୍ଟର୍ସରେ ରହିବାପରେ ଯେଉଁ ପରିଣାମ ଭୋଗିଲେ ତାହା ସମସ୍ତେ ଦେଖିଛନ୍ତି । ➪ପୃଷ୍ଠା-୬



● ଘର ନେବାକୁ ପଛଘୁଞ୍ଚା
● ଯିଏ ନେଇଛି ସିଏ ଭୋଗିଛି



୭୯ତମ ପୋଲିସ ଡ୍ୟୁଟି ମିଟ୍ ୨୦୨୪

# ସ୍ମାର୍ଟ ପୋଲିସିଂକୁ ଗୁରୁତ୍ୱ

● ମହିଳା ବିରୋଧୀ ଓ ସାଇବର ଅପରାଧ ଉପରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ
● ଅସ୍ତରଙ୍ଗ, ବଳଙ୍ଗା ଓ ଡେଲାଙ୍ଗ ଥାନାର ନୂତନ ଗୃହର ଉଦ୍‌ଘାଟିତ
● ସବୁ ଜିଲ୍ଲାରେ ହେବ ସାଇବର ଥାନା
● ୪ ଜିଲ୍ଲାରେ ମହିଳା କୋର୍ଟ ସ୍ଥାପନ
● ଯୋଜନାବଦ୍ଧ ଭାବେ ଅପରାଧ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନିଅ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଆଜିକାଲି ଅପରାଧୀମାନେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ତେଣୁ, ପୋଲିସକୁ ମଧ୍ୟ ଅପରାଧୀଙ୍କ ଠାରୁ ପାଦେ ଆଗରେ ରହିବାକୁ ହେବ। ଆଜି କଟକରେ ୭୯ତମ ପୋଲିସ ଡ୍ୟୁଟି ମିଟ୍ ୨୦୨୪ର ଉଦଯାପନୀ ସମାରୋହରେ ପୋଲିସ ବାହିନୀକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ଏଥିପାଇଁ ପୋଲିସ ବଳର ଆଧୁନିକୀକରଣ, ପୋଲିସ ବ୍ୟବସ୍ଥାରେ ସଂସ୍କାର, ପୋଲିସ ଅନୁସନ୍ଧାନ ପାଇଁ ଭିତ୍ତିଭୂମି ଏବଂ ପ୍ରଶିକ୍ଷିତ ମାନବ ସମ୍ବଳର ନିତାନ୍ତ ଜରୁରୀ। ନ ହେଲେ, ଏକ ଅର୍ଦ୍ଧ-ପ୍ରସ୍ତୁତ ପୋଲିସ ବଳ ଅପରାଧୀଙ୍କୁ ଧରି ଦଣ୍ଡବିଧାନ କରିବା କାଠିକର ପାଠ ହୋଇଯିବ। ପୋଲିସ ବିଭାଗର ଆଧୁନିକୀକରଣକୁ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଆଗାମୀ ଦିନରେ ପୋଲିସ୍‌ର ବ୍ୟବହାର ପାଇଁ ସମଗ୍ର ରାଜ୍ୟରେ ଗାଡ଼ି ସଂଖ୍ୟା ବଢ଼ାଯିବ ଯାହାଦ୍ୱାରା ପାଟ୍ରୋଲିଙ୍ଗ୍, ତଦନ୍ତ, ପୀଡ଼ିତ ପାଖରେ ପହଁଞ୍ଚିବା, ଅପରାଧୀ ଧରିବା ଆହୁରି ସୁଦୃଢ଼ ହେବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାରେ ଥିବା ଅସ୍ତରଙ୍ଗ, ବଳଙ୍ଗା ଏବଂ ଡେଲାଙ୍ଗ ପୋଲିସ ଷ୍ଟେସନର ନୂତନ ଗୃହର ଉଦଘାଟନ କରିଥିଲେ। ସେ କହିଥିଲେ, ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବଶୀଘ୍ର ପୂରଣ କରାଯିବ। କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଥାନାଗୁଡ଼ିକୁ ୯ ହଜାର ବାଇକ୍ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଥାନାକୁ ୬ଟି ଲେଖାଏଁ ବାଇକ୍ ଦିଆଯିବ। ଏଇ ନିକଟରେ ଗୃହରେ ପାରିତ ହୋଇଥିବା ଅତିରିକ୍ତ ବଜେଟରେ ଏଥିପାଇଁ ୩୫ କୋଟି ଟଙ୍କାର ➪ପୃଷ୍ଠା-୬

# ସମନ ସତ୍ତ୍ୱେ ହାଜର ହେଉନାହାନ୍ତି ବିଷ୍ଣୁପଦ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଟେଣ୍ଡର ପାଇଁ ଲାଞ୍ଚ ମାମଲାରେ ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଭୂମିକା ସନ୍ଦେହ ଘେରରେ ଥିବାରୁ ତାଙ୍କୁ ପଚରାଉଚରା ଲାଗି ସିବିଆଇ ସମନ କରିଛି। ଦୁଇଦୁଇ ଥର ସମନ ସତ୍ତ୍ୱେ ଶ୍ରୀ ସେଠୀ ହାଜର ହୋଇନାହାନ୍ତି। ମାତ୍ର ତାଙ୍କ ୩ ଡ୍ରାଇଭରଙ୍କୁ ଜେରା କରିଛି ସିବିଆଇ। ଅନ୍ୟପକ୍ଷରେ ଆଜି ଆଇଏଏସ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଥିବା ବେଳେ ପୋଲିସ ମୁହାଁମୁହିଁ ହୋଇଛି। ବିକ୍ଷୋଭକାରୀମାନେ ବିଷ୍ଣୁପଦଙ୍କ ବାସଭବନ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଛନ୍ତି। ତେବେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ବେଳେ ମହୁମାଛି ଆକ୍ରମଣ ସମସ୍ୟା ସୃଷ୍ଟି କରିଛି। ବିକ୍ଷୋଭକାରୀଙ୍କ ସହ ପୋଲିସ ମଧ୍ୟ ମହୁମାଛି ଆକ୍ରମଣରେ ନୟାନ୍ତ ହୋଇଛନ୍ତି। ଗଣମାଧ୍ୟମ ପ୍ରତିନିଧି ମଧ୍ୟ ବାଦ୍ ପଡିନାହନ୍ତି। ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ସମସ୍ତେ ➪ପୃଷ୍ଠା-୬

ଜେଲ ଗଲେ ୩ ଅଭିଯୁକ୍ତ
ବିକ୍ଷୋଭ ବେଳେ ମହୁମାଛି ଆକ୍ରମଣ



### ଅପପ୍ରଚାରରେ ପୂର୍ଣ୍ଣଚ୍ଛେଦ

# ମୋହନ-ମୁକୁ-ଜୟ ଏକାଠି



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** କିଛିଦିନ ଧରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ବିଜେପିର ବରିଷ୍ଠ ନେତା ଜୟନାରାୟଣଙ୍କ ସମ୍ପର୍କକୁ ନେଇ ଉଦ୍ଦେଶ୍ୟମୂଳକ ଭାବେ ଚାଲିଥିବା ଅପପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ରାଜ୍ୟରେ ମୋହନ ଶାସନ ଚାଲିବ ଓ ଦିଲ୍ଲୀ ଦରବାରରେ ରହି ମୁକୁ ଓଡିଶା ରାଜନୀତିକୁ ଦିଗ୍‌ଦର୍ଶନ ଦେବେ ।

ରାଜ୍ୟରେ ନୂଆ ସରକାର ଗଠନକୁ ଅଳ୍ପଦିନ ବିତିବା ପରେ କିଛି ଅପପ୍ରଚାରକାରୀ ଉଦ୍ଦେଶ୍ୟମୂଳକ ଭାବେ ମୋହନ-ମୁକୁ-ଜୟଙ୍କ ଭିତରେ ଫାଟ ସୃଷ୍ଟିପାଇଁ ଲାଗି ପଡିଥିଲେ । ଏପରିକି ମୋହନ ମୁଖ୍ୟମନ୍ତ୍ରୀ ପଦରୁ ଯିବେ ଓ ସେହି ଆସନରେ ଧର୍ମେନ୍ଦ୍ର ବସିବେ ବୋଲି କହି ବୁଲିଥିଲେ। ଏମାନେ ଏହି ବିବାଦ ଭିତରକୁ ଉଦ୍ଦେଶ୍ୟମୂଳକ ଭାବେ ଜୟଙ୍କୁ ଟାଣିଥିଲେ। ହେଲେ ସମ୍ବଲପୁରର ବିଭିନ୍ନ କାର୍ଯ୍ୟକ୍ରମରେ ମୋହନ-ମୁକୁ-ଜୟଙ୍କ ମିଳନ ସମସ୍ତଙ୍କ ମୁହଁ ବନ୍ଦକରି ଦେଇଛି । କେବଳ ସମ୍ବଲପୁରରେ ଏମାନେ ଏକାଠି ହୋଇନଥିଲେ ସେଠାରୁ ରାଜଧାନୀ ଆସି ସାମାଜିକ କାର୍ଯ୍ୟକ୍ରମରେ ବି ଯୋଗ ଦେଇଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅପପ୍ରଚାରକୁ ଖାତିର ନକରି ଚଳିତ ବିଧାନସଭା ଅଧିବେଶନ କାଳରେ ଶ୍ରୀ ମିଶ୍ର ବିଜେଡିକୁ ଯେଭଳି ଶାଣିତ ଆକ୍ରମଣ କରିଥିଲେ ତାହା ଅନ୍ୟ କୌଣସି ବିଜେପି ନେତାଙ୍କ ପାଖରେ ଦେଖିବାକୁ ମିଳିନଥିଲା। ଏବେ ବି କୌଣସି କଥାକୁ ଖାତିର ନକରି ଜୟନାରାୟଣ ସିଧାସଳଖ ଭାବେ ନବୀନ ପଟ୍ଟନାୟକ ଓ ସନ୍ୟାସୀଙ୍କୁ ଯେଭଳି ଶାଣିତ ଆକ୍ରମଣ ଜାରି ରଖିଛନ୍ତି । ତେଣୁ ଏଭଳି ସ୍ଥିତିରେ ରାଜ୍ୟର ତିନି ବରିଷ୍ଠ ନେତା ଯେଉଁ ପରିପକ୍ୱତା ➪ପୃଷ୍ଠା-୬

# ଯାଞ୍ଚ ପରେ ଅପେକ୍ଷାରତଙ୍କୁ ମିଳିବ ସୁଭଦ୍ରା ଟଙ୍କା

● ୫.୧୧ ଲକ୍ଷ ଆବେଦନକାରୀଙ୍କୁ ଇ-କେୱାଇସି କରିବାକୁ ପରାମର୍ଶ
● ମୋ’ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରରେ କରିପାରିବେ କେୱାଇସି ଯାଞ୍ଚ
● ୬୬ ଜନସେବା କେନ୍ଦ୍ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ
● ୧ କୋଟି ୬ ଲକ୍ଷ ୨୪ ହଜାର ପଞ୍ଜୀକୃତ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଏବେଠୁ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରିବାକୁ ପଡିବ। ଯେଉଁ ୫.୧୧ଲକ୍ଷ ହିତାଧିକାରୀ ସୁଭଦ୍ରା ଅଧୀନରେ ଇ-କେୱାଇସି କରିନାହାନ୍ତି କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି, ସୁଭଦ୍ରା ସହାୟତା ପାଇବା ନିମନ୍ତେ ସେମାନଙ୍କୁ ମଧ୍ୟ ବାୟୋମେଟ୍ରିକ ପ୍ରକ୍ରିୟା ଇ-କେୱାସି କରିବାକୁ ପଡିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଏହି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଯାଞ୍ଚ ସରିଲେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା ଉପଲବ୍ଧ ହେବ। ମୋ’ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର (ସିଏସସି/ଏମଏସକେ)ମାନଙ୍କରେ ବାୟୋମେଟ୍ରିକ ପ୍ରକ୍ରିୟାରେ ସୁଭଦ୍ରା ସହାୟତା ପାଇନଥିବା ହିତାଧିକାରୀମାନଙ୍କ ଇ-କେୱାସି କରାଯିବ ବୋଲି ସେ ସୁନିଶ୍ଚିତ କରିଛନ୍ତି। ଏହି କେନ୍ଦ୍ରମାନଙ୍କର କର୍ମଚାରୀ ସେମାନଙ୍କୁ ଟେଲିଫୋନ କରି ବାୟୋମେଟ୍ରିକ ପଦ୍ଧତିରେ ଇ-କେୱାସି ➪ପୃଷ୍ଠା-୬

# ଶ୍ରଦ୍ଧାଳୁଙ୍କ ଶୋଷଣ କେମିତି ସହୁଛନ୍ତି ସରକାର ?

**ପୁରୀ, ୧୩।୧୨ (ସଂଚାର ବ୍ୟୁରୋ):** ବିଶ୍ୱ ଐତିହ୍ୟର ପ୍ରାଣକେନ୍ଦ୍ର ଶ୍ରୀକ୍ଷେତ୍ର ପୁରୀ। ରାତି ପାହିଲେ ଏଠାକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସୁଛନ୍ତି। ରଥଯାତ୍ରା ସମୟରେ ଏ ସଂଖ୍ୟା କୋଟି ପାର୍ କରି ଯାଉଛି। ପ୍ରତିଦିନ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ରହିବା ପାଇଁ ସରକାରଙ୍କ ତରଫରୁ ଏଠାରେ ସୁବିଧା କରାଯାଇଛି। ଲୋକଙ୍କ ଟିକସ ଟଙ୍କାରେ ତୋଳା ଯାଇଛି ବଡ଼ ବଡ଼ କୋଠା। ଭକ୍ତ ନିବାସ ନାଁରେ ଗଢ଼ି ଉଠିଥିବା ଏହି କୋଠାରେ ଭକ୍ତ ଓ ଶ୍ରଦ୍ଧାଳୁ କମ୍ ଖର୍ଚ୍ଚରେ ରହି ପାରିବେ। ଏଥିନେଇ ଗତ ସରକାର ସମୟରୁ ଏଗୁଡ଼ିକ କରାଯାଇଥିଲା। ହେଲେ ଅନ୍‌ଲାଇନରେ ଭକ୍ତନିବାସ ବୁକିଂ କରିବାକୁ ଯାଇ ଶ୍ରଦ୍ଧାଳୁ ଶୋଷଣର ଶିକାର ହେଉଛନ୍ତି। ପ୍ରତିଦିନ ମାଳମାଳ ଅଭିଯୋଗ ଆସୁଥିଲାବେଳେ ପୁରୀ ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପ୍ରତି ଆଖିବୁଜି ଦିଆଯାଇଛି।

ବିଶ୍ୱର କୋଣ ଅନୁକୋଣରୁ ଲୋକେ ପୁରୀ ଆସୁଛନ୍ତି। ଏଥିଲାଗି ସେମାନେ ଇଂଟରନେଟ୍ ଜରିଆରେ ରୁମ୍ ବୁକ୍ କରିବାକୁ ଚାହୁଁଛନ୍ତି। ବିଶ୍ୱର ଯେ କୌଣସି ସ୍ଥାନରେ ବସି ଶ୍ରଦ୍ଧାଳୁ ଭକ୍ତ ନିବାସ ବୁକ୍ କରିବାକୁ ଚାହିଁଲେ ସେମାନେ ବିଭିନ୍ନ ସର୍ଚ୍ଚ ଇଂଜିନରେ ଶ୍ରୀକ୍ଷେତ୍ର ଭକ୍ତ ନିବାସ, ନୀଳାଚଳ ଭକ୍ତନିବାସ କିମ୍ବା ଶ୍ରୀଜଗନ୍ନାଥ ଟେମ୍ପୁଲ୍ ସର୍ଚ୍ଚ କରୁଛନ୍ତି। ହେଲେ ଗୁଗୁଲ୍ ଭଳି ସର୍ଚ୍ଚ ଇଂଜିନରେ ଏହା ଟାଇପ୍ କଲେ ପ୍ରଥମେ ଫେକ୍ ୱେବ୍ ସାଇଟ୍ ଆସୁଛି। www.shreejagannatha.in, www.satyapurijagannatha.in, www.neeladribhaktanivas.in ଆଦି ବିଭିନ୍ନ ୱେବସାଇଟ୍ ଦେଖାଉଛି। ଏହାଦ୍ୱାରା ଶ୍ରଦ୍ଧାଳୁ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏଥିମଧ୍ୟରୁ କେଉଁଟି ଅସଲି କିମ୍ବା ନକଲି ତାହା ଜାଣିବା କାଠିକର ପାଠ। ସବୁ ୱେବସାଇଟରେ ମୋବାଇଲ୍ ନମ୍ବର, ରୁମ୍ ବୁକ୍ କରିବାର ସୁବିଧା ରହୁଛି। ଯେଉଁ ନମ୍ବରକୁ ଯୋଗାଯୋଗ କଲେ ସେମାନେ ଟଙ୍କା ଆଦାୟ କରୁଛନ୍ତି, ହେଲେ ପରେ ତାହା ନକଲି ବା ଫେକ୍ ୱେବସାଇଟ୍ ବୋଲି ଜଣାପଡୁଛି।

ନିକଟରେ କୋଲକାତାର ଜଣେ ଶ୍ରଦ୍ଧାଳୁ ପିଣ୍ଟୁ ମହାତୋ ଅନ୍‌ଲାଇନରେ ରୁମ୍ ବୁକ୍ କରିବା ପାଇଁ ଏହି ତିନିଟି ୱେବସାଇଟ୍ ସର୍ଚ୍ଚ ➪ପୃଷ୍ଠା-୬




● ଫେକ୍ ୱେବସାଇଟ ଜରିଆରେ ଠକୁଛନ୍ତି
● ରୁମ୍ ବୁକ୍ ନାଁରେ ଲୁଟୁଛନ୍ତି ସାଇବର ଠକ
● ଚୁପ୍ ବସିଛି ପୁରୀ ଓ ଶ୍ରୀମନ୍ଦିର ପ୍ରଶାସନ

## ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ମୋଦୀ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଓ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଆସନ୍ତା ଜାନୁଆରୀ ୮, ୯ ଓ ୧୦ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ। ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ➪ପୃଷ୍ଠା-୬

# ହାବିଲଦାର, କନଷ୍ଟେବଲ ଓ ସିପାହୀଙ୍କୁ ବଡ଼ଦିନ ଭେଟି



● ମିଳିବ ୧୦୦୦ ଟଙ୍କା ମୋଟର ସାଇକେଲ ଭତ୍ତା
● ପୋଷାକ ଭତ୍ତା ପାଇଁ ୧୦ ହଜାର

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ହାବିଲଦାର, କନଷ୍ଟେବଲ ଓ ସିପାହୀମାନେ ଏଣିକି ପୂର୍ବ ରୁମିଳୁଥିବା ଏକ ମାସର ଅଧିକ ଦରମା ନୂତନ ବେତନ ହାରରେ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏହାସହ ହାବିଲଦାର ଓ କନଷ୍ଟେବଲମାନେ ପୂର୍ବରୁ ସାଇକେଲ ଭତ୍ତା ବାବଦରେ ମାତ୍ର ୩ ଶହ ଟଙ୍କା ପାଉଥିଲେ, ଏବେ ମୋଟର ସାଇକେଲ ଭତ୍ତା ବାବଦରେ ଏକ ହଜାର ଟଙ୍କା ପାଇବେ। କଟକରେ ଆୟୋଜିତ ଓଡିଶା ପୋଲିସ, ଓଏସ୍‌ଏପି ହାବିଲଦାର, କନଷ୍ଟେବଲ ଓ ସିପାହୀ ମହାସଂଘର ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୋଷାକ, ଜୋତା ଇତ୍ୟାଦି ବାବଦରେ ପାଉଥିବା ୫ ହଜାର ଟଙ୍କା ବଦଳରେ ଏଣିକି ୧୦ ହଜାର ଟଙ୍କା ମିଳିବ। ଆହୁରି ମଧ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଭୁବନେଶ୍ୱର ଠାରେ ମହାସଂଘର ନୂତନ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ। ରାଜ୍ୟର ➪ପୃଷ୍ଠା-୬

## ଏମ୍‌ସ ପରିଚାଳନା ପରିଷଦରେ ଅପରାଜିତା



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଦେଶରେ ଥିବା ୧୨ ଏମ୍‌ସ ପରିଚାଳନା ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଗତମାସ ୨୯ରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଏମ୍‌ସର ପରିଚାଳନା ପରିଷଦକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ନିର୍ବାଚିତ ହୋଇଛନ୍ତି। ଏମ୍‌ସ ଭଳି ଏକ ଅତ୍ୟାଧୁନିକ ଏବଂ ମର୍ଯ୍ୟାଦାଜନକ ମେଡିକାଲ କଲେଜ ଓ ହସ୍ପିଟାଲର ପରିଚାଳନା ପରିଷଦକୁ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଟ୍ରେଣ୍ଡିଂ ନ୍ୟୁଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜ୍ୟରେ ବୁଲିବୁଲି ନିର୍ବାଚନ ପ୍ରଚାର କଲେ, କିନ୍ତୁ ମଣିପୁରକୁ ଥରୁଟିଏ ବି ଯାଇ ନାହାନ୍ତି। ଏଥିରୁ ମଣିପୁର ସମସ୍ୟାର ସମାଧାନ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା କେତେ ବାରିହୋଇପଡୁଛି ବୋଲି କହିଲେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ।

କୃଷକମାନେ ତିନି କଳା କୃଷି ଆଇନ ବିରୋଧରେ ଆନ୍ଦୋଳନକୁ ସରକାର ଭଣ୍ଡୁର କରିବାକୁ ଉଦ୍ୟମ କରୁଛନ୍ତି। ଏଣେ କୃଷକମାନଙ୍କୁ ଅନ୍ନଦାତା କହି ଭଣ୍ଡାଉଛନ୍ତି: ମନୀଶ ତିୱାରି।

ଜଣାଶୁଣା କର୍ଣ୍ଣାଟକୀ ସଂଗୀତଜ୍ଞ ଟିଏମ୍ କ୍ରିଷ୍ଣାଙ୍କୁ ଦିଆଯାଇଥିବା ସଂଗୀତ କଳାନିଧି ଏମ୍‌ଏସ୍ ସୁବୁଲକ୍ଷ୍ମୀ ପୁରସ୍କାର ଉପରେ ସୁପ୍ରିମ୍‌ରୋକ୍।

ଦିଲ୍ଲୀରେ ଆଇନଶୃଙ୍ଖଳା ରକ୍ଷା ନିମିତ୍ତ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ମହିଳାଙ୍କ ସୁରକ୍ଷା ଫେଲ ମାରିଛି ବୋଲି କହିଲେ ଆପ୍ ସୁପ୍ରିମୋ ଅରବିନ୍ଦ କେଜରିୱାଲ।

ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆଲୋଚନା। ଭାରତର ସୁରକ୍ଷାପ୍ରତି ବିପଦ ସୃଷ୍ଟି ହେବା ଭଳି ଶ୍ରୀଲଙ୍କାର କୌଣସି ଅଞ୍ଚଳକୁ ବିଦେଶୀଙ୍କୁ ବ୍ୟବହାର ଲାଗି ଅନୁମତି ଦିଆଯିବ ନାହିଁ ବୋଲି କହିଲେ ଦିଶାନାୟକେ।

ମହିଳା, ଛୋଟ ପିଲା ଓ ତୃତୀୟ ଲିଙ୍ଗୀଙ୍କ ସୁରକ୍ଷା ପାଇଁ ଗାଇଡ୍‌ଲାଇନ ଆଣିବାକୁ ସୁପ୍ରିମକୋର୍ଟରେ ଦାଏର ଆବେଦନର ଶୁଣାଣି ସମୟରେ ରାସାୟନିକ ପ୍ରକ୍ରିୟାରେ ପୁରୁଷଙ୍କୁ ନପୁଂସକ କରିବାକୁ ଆଇନଜୀବୀ ମହାଲକ୍ଷ୍ମୀ ପାୱାନି ଯୁକ୍ତି ଉପସ୍ଥାପନ କରିଛନ୍ତି।

ଜର୍ଜିଆରେ ଗୋଦାଉରି ପାର୍ବତ୍ୟାଞ୍ଚଳ ରିସୋର୍ଟରେ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ସଂସ୍ପର୍ଶରେ ଆସି ୧୧ ଭାରତୀୟ ସମେତ ୧୨ ଜଣ ପ୍ରାଣ ହରାଇଛନ୍ତି। ତିବ୍‌ଲିସ୍ ସ୍ଥିତ ଭାରତୀୟ ଦୂତାବାସ ମଧ୍ୟ ଏହି ଦୁର୍ଘଟଣାକୁ ସ୍ୱୀକାର କରିଛି।



### କାନ ଡେରିଥା

ହୁଇସିଲ ମାଇଲେ
ବିଜେଡି ଭାଙ୍ଗିବ
କହିଥିଲେ ଜୟନାରାୟଣ
ଧନକଡ଼ ଅବସ୍ଥାରେ
ବିଜେଡି ଦଳଟା
କେମିତି ଲହୁଲୁହାଣ।

# ବାହାରି ପାରୁନି ଓପିଜିସି ପରୀକ୍ଷାଫଳ

● କାମ କରୁଛି ବୃଦ୍ଧଙ୍କ ଲବି
● ଚାହିଁ ରହିଛନ୍ତି ଆଶାୟୀ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ଲାଭଜନକ ସଂସ୍ଥା ଓପିଜିସିର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପଦବୀ ପାଇଁ ଦେଢ ମାସ ତଳୁ ଚୟନ ପରୀକ୍ଷା ହୋଇଥିଲେ ମଧ୍ୟ ତାହାର ଫଳ ପ୍ରକାଶ ପାଇପାରୁ ନାହିଁ । ଫଳରେ ଏହି ରାଷ୍ଟ୍ରାୟତ ସଂସ୍ଥାରେ ନିୟମିତ ଏମ୍‌ଡି ପଦବୀ ପୂରଣ ହୋଇପାରୁନଥିବାବେଳେ ଆଶାୟୀମାନଙ୍କ ଆଶା ବି ଆଶାରେ ରହିଯିବା ଭଳି ସ୍ଥିତି ଉପୁଜିଲାଣି ।

ଓପିଜିସିରେ ଦୀର୍ଘଦିନ ହେଲା ଅସ୍ଥାୟୀ ଏମ୍‌ଡି କାମ ତୁଲାଉଛନ୍ତି । ଏମ୍‌ଡିଙ୍କ ବୟସ ୬୦ବର୍ଷ ପାର୍ କରିଥବଲେ ମଧ୍ୟ ସ୍ଥାୟୀ ଏମ୍‌ଡି ନିଯୁକ୍ତି ପରୀକ୍ଷା ହୋଇନଥିବାରୁ ଦୁଇ ଦୁଇଥର ତାଙ୍କ ଚାକିରିକାଳ ବଢ଼ାଯାଇ ସାରିଲାଣି । ତେବେ ଗତ ଅକ୍ଟୋବର ୨୩ ତାରିଖରେ ଏମ୍‌ଡି ପଦବୀ ପାଇଁ ଆବେଦନ କରିଥିବା ୭ଜଣଙ୍କୁ ନେଇ ମୌଖିକ ପରୀକ୍ଷା ହୋଇଥିଲା । ଏଥିରେ ଏନ୍‌ଟିପିସି ଭଳି ରାଷ୍ଟ୍ରାୟତ ସଂସ୍ଥାରେ କାର୍ଯ୍ୟ କରୁଥିବା ବରିଷ୍ଠ ଅଧିକାରୀମାନେ ରହିଥିବା ଜଣାଯାଇଛି । ଓପିଜିସି ବୋର୍ଡ ସମ୍ମୁଖରେ ମୌଖିକ ପରୀକ୍ଷା ହୋଇଥିଲେ ମଧ୍ୟ ତାହାର ଫଳ ପ୍ରକାଶ ପାଇବାକୁ ଏତେଦିନ ଲାଗିବାକୁ ଏବେ ଏହି ଲାଭଜନକ ସଂସ୍ଥାର କର୍ମଚାରୀମାନେ ସହଜରେ ଗ୍ରହଣ କରିପାର ନାହାନ୍ତି । କିଛି କର୍ମଚାରୀଙ୍କ ମତ ହେଉଛି ଯେ ପୁରୁଣା ସରକାରଙ୍କ ଭଳି ନୂଆ ସରକାର ମଧ୍ୟ ଠିକା ଏମ୍‌ଡିରେ କାମ ଚଳାଇନେବା ଯୋଜନାରେ ରହିଛନ୍ତି । ତେବେ ବର୍ତ୍ତମାନର ଏମ୍‌ଡି ଦାୟିତ୍ୱରେ ଥିବା ଅଧିକାରୀଙ୍କର ବୟସ ଅଧିକ ହୋଇଥିବାରୁ ଏବଂ ମୋହନ ସରକାର ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆଉ ଠିକା ନିଯୁକ୍ତିଦିଆଯିବ ନାହିଁ ବୋଲି ଘୋଷଣା କରିଥିବାରୁ ନୂଆ ଏମ୍‌ଡି ନିଯୁକ୍ତି ନିଶ୍ଚିତ ହୋଇଛି । ତେବେ ପରୀକ୍ଷାଫଳ କେଉଁଠାରେ ଅଟକିଛି ତାହା କେହି ଜାଣିପାରୁ ନାହାନ୍ତି। ଉଲ୍ଲେଖନୀୟ ଯେ ଓପିଜିସିର ଏମ୍‌ଡିଙ୍କ ବୟସ କେବଳ ୬୦ବର୍ଷରୁ ଅଧିକ ନୁହେଁ, ଏଠାରେ କାର୍ଯ୍ୟରତ ➪ପୃଷ୍ଠା-୬

OPGC
Power for Progress

# ରାଜକନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପରେ ଜାଲିଆତି

## ଜାଲ୍ ସାର୍ଟିଫିକେଟରେ ନିଯୁକ୍ତି, ଜିଲ୍ଲାପାଳଙ୍କୁ ଫେରାଦ

### ବଳି ପଡିଲେ ଯୋଗ୍ୟ ହିତାଧିକାରୀ
### ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

**ରାଜକନିକା, ୧୬।୧୨ (ସଂଚାର ବ୍ୟୁରୋ) :** ସବୁବେଳେ ବିବାଦ ଘେରରେ ରହୁଥିବା ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଏବେ ଆଉ ଏକ ବିବାଦରେ ଛନ୍ଦି ହୋଇପଡିଛି । ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଜଣେ ପାର୍ଥୀନୀଙ୍କ ଜାଲ୍ ସାର୍ଟିଫିକେଟ ଥାଇ ବି କିଭଳି ନିଯୁକ୍ତି ମିଳିଲା ତାକୁ ନେଇ ଅନ୍ୟ ଜଣେ ପାର୍ଥୀନୀ ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ ଆଜି ରାଜକନିକା ବ୍ଲକ ଅନ୍ତର୍ଗତ ବାଘବୁଦା ଗ୍ରାମ ପଞ୍ଚାୟତ ପରିସରରେ ହୋଇଥିବା ଜନଶୁଣାଣିରେ ଓଳାଭର ପଞ୍ଚାୟତ ୧୪ନମ୍ବର ୱାଡର ସ୍ମୃତିରେଖା ସାମଲ ଗୁରୁତର ଅଭିଯୋଗ ଆଣିଛନ୍ତି ଦର୍ଶାଇଛନ୍ତି ଯେ ଦେଉଳସାହି ଅଙ୍ଗନବାଡି କେନ୍ଦ୍ରର ନୂତନ ଭାବେ ସ୍ମିତାରାଣୀ ପରିଡା ଇତି ମଧ୍ୟରେ ନିଯୁକ୍ତି ପାଇଥିଲେ ବି ତାଙ୍କ ସାର୍ଟିଫିକେଟ ଅବୈଧ ବୋଲି ପୋର୍ଟାଲରେ ଜଣାପଡିଛି । ଜାଣିଶୁଣି ପାର୍ଥୀନି ଜଣକ ସାର୍ଟିଫିକେଟ ଏଡିଟ୍ କରି ନିଯୁକ୍ତି ପାଇଛି। ଯେହେତୁ ଏହି ପଦବୀ ପାଇଁ ୧୧ଜଣ ପାର୍ଥୀନୀ ଆବେଦନ କରିଥିବା ବେଳେ ତାଙ୍କର ସର୍ବାଧିକ ମାର୍କ ଥାଇବି ତାଙ୍କୁ ଉପେକ୍ଷା କରାଯାଇଛି ବୋଲି ସ୍ମୃତିରେଖା ଅଭିଯୋଗ ପତ୍ରରେ ଲେଖିଛନ୍ତି। ଏମିତିକି ନିଯୁକ୍ତି ପାଇଥିବା ସ୍ମିତାରାଣୀଙ୍କ ପ୍ରକୃତ ଯୁକ୍ତ ଦୁଇର ମାର୍କ ହେଉଛି ୨୫୪ ନମ୍ବର ଥିବା ବେଳେ କାର୍ଯ୍ୟାଳୟରେ ଦାଖଲ କରିଥିବା ମାର୍କ ହେଉଛି ୪୬୯ ।ଯାହାକି ଦୁଇଟି ମାର୍କ ଭିତରେ ତାରତମ୍ୟ ଥାଇ କିଭଳି ଯୋଗ୍ୟ ପାର୍ଥୀନୀକୁ ନିଯୁକ୍ତି କରାଗଲା ନାହିଁ ଏହାର ତଦନ୍ତ ହେବା ସହିତ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ସ୍ମୃତିରେଖାଙ୍କୁ ଉକ୍ତ ପଦବୀରେ ନିଯୁକ୍ତ କରାଯାଉ ବୋଲି ନିବେଦନ କରିଛନ୍ତି । ଏଭଳି ଏକ ସଙ୍ଗୀନ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇ ଥବାର ଜଣା ପଡିଛି ।

ପ୍ରକାଶଯୋଗ୍ୟ ଯେ ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଆଗରୁ ବହୁ ଅନିୟମିତତାର ଅଭିଯୋଗ ହୋଇ ଆସୁଥିବାବେଳେ ଆଜିର ଏହି ଗୁରୁତର ଅଭିଯୋଗ ନିଶ୍ଚିତ ଭାବେ କାର୍ଯ୍ୟାଳୟର ପାରିଲାପଣିଆ ଉପରେ ପ୍ରଶ୍ନ ଉଠାଇବା ସହିତ କାର୍ଯ୍ୟାଳୟ ନିରପେକ୍ଷତା ପ୍ରତି ସନ୍ଦେହ ସୃଷ୍ଟି କରିଛି ।

### ଖୁଲଣାଙ୍କୁ ଆବାସ ଯୋଜନା ନ ମିଳିବା ପ୍ରସଙ୍ଗ

# ଖବର ପ୍ରକାଶ ପରେ ଗୁରୁତର ସହ ନେଲା ପ୍ରଶାସନ

**ମହାକାଳପଡ଼ା, ୧୬।୧୨ (ସଂଚାର ବ୍ୟୁରୋ) :** ଜଣେ ବିଧବା ମାଆର ଦୁଃଖ ଦୂର ହେବ। ନୂଆ ଧାର୍ଯ୍ୟ ଘର ଆସିଲେ ଆବଶ୍ୟକୀୟ ତଦନ୍ତ କରି ଯୋଗ୍ୟ ବିବେଚିତ ହେଲେ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ଏମିତି ଏକ ଚିଠି ମହାକାଳପଡ଼ା ପଞ୍ଚାୟତ ସମିତି ତରଫରୁ ଜାରି ହୋଇଛି।



ଦୈନିକ ଖବରକାଗଜ ସଂଚାରରେ ଏନେଇ ଖବର ପ୍ରକାଶ ପରେ ବିଭିନ୍ନ ସାମାଜିକ ସଙ୍ଗଠନ, ସଚେତନ ଯୁବ ବନ୍ଧୁ ମାନଙ୍କ ଦ୍ୱାରା ବେଶ୍ ଗ୍ରହଣୀୟ ହୋଇଥିଲା। ଅସହାୟ ବିଧବା ବୃଦ୍ଧାଙ୍କ ପାଇଁ ସହଯୋଗ ପହଞ୍ଚିବାକୁ ସମସ୍ତେ ଉକ୍ତ ଖବରଟିକୁ ବହୁଳ ପ୍ରଚାର ପ୍ରସାର କରିଥିଲେ। ଏହି ଖବରକୁ ପ୍ରଶାସନ ଅତି ଗୁରୁତର ସହ ନେଇଛନ୍ତି। ନୂଆ ଘର ଆସିଲେ ଆବଶ୍ୟକୀୟ ତଦନ୍ତ କରି ଯୋଗ୍ୟ ବିବେଚିତ ହେଲେ ତାଙ୍କୁ ଘର ଯୋଗାଇ ଦିଆଯିବ ବୋଲି ମହାକାଳପଡ଼ା ପଞ୍ଚାୟତ ସମିତି ଚିଠିରେ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ଖୁଲଣା ମାଉସୀ ମନରେ ଆଶା ଭରିଛି।

### ଯୋଗ୍ୟ ବିବେଚିତ ହେଲେ ଆବାସ ଯୋଗାଇ ଦିଆଯିବ

ସୂଚନା ଥାଉକି ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଖୁଲଣା ଦାସ ଜଣେ ୭୬ ବର୍ଷୀୟ ବିଧବା ମହିଳା। କେହି ନଥିବା ଖୁଲଣା ଏକ ବିପର୍ଯ୍ୟସ୍ତ ଚାଳ ଛପର ଘରେ ରହୁଛନ୍ତି। କାଷ୍ଠ ଗଳି ପଡ଼ିଲାଣି, ଛପର ଉପରେ ଉଠିଲାଣି ଅନାବନା ଗଛ। ବର୍ଷା ହେଲେ ଛପରରୁ ଗଳୁଛି ପାଣି। ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ସେହି ଭଙ୍ଗାରୁଜା କୁଡ଼ିଆରେ ଜୀବନ କାଟୁଛନ୍ତି। ଚାରିପଟ ମୁକୁଳା ହେତୁ ସାପ ବେଙ୍ଗ ମଧ୍ୟ ପଶି ଆସୁଛନ୍ତି। ଛପର କରିବାକୁ କି କାଷ୍ଠ ନଦିବାକୁ ସମ୍ବଳ ନଥିବାରୁ ଛପର କରିବା ମଧ୍ୟ ସମ୍ଭବ ହୋଇ ପାରୁନାହିଁ। ସମସ୍ତଙ୍କୁ ଘରଟିଏ ପାଇଁ ଗୁହାରି କରି କରି ତାଙ୍କ କଥା କେହି ଶୁଣୁ ନଥିବା ସେ ସଂଚାରକୁ ଅଭିଯୋଗ କରିବା ପରେ ଦୈନିକ ଖବରକାଗଜ ସଂଚାରରେ ପ୍ରକାଶ ପାଇଥିଲା।

## ତମ୍ବା ତାର ଜବତ, ଲୁଟେରା ଗିରଫ

**ବାଲିଅନ୍ତା, ୧୬।୧୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ଆଜି ଲକ୍ଷାଧିକ ଟଙ୍କାର ତମ୍ବା ତାର ଜବତ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ମଦନପୁର ଗ୍ରାମର ଚିତ୍ତରଞ୍ଜନ ନାଥ (୩୧) ଓରଫ ପପୁ । ଚିତ୍ତରଞ୍ଜନ ନିକଟରୁ ଚୋରି ତମ୍ବା ତାର ଜବତ କରାଯାଇଛି । ଏ ନେଇ ସଞ୍ଜୟ ମହାନ୍ତିଙ୍କ ନାମକ ଜଣେ ବିଲଡର ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ ।

ସୂଚନା ଯୋଗ୍ୟ ସଞ୍ଜୟଙ୍କର ଅନ୍ଧୋଟିଛକ ନିକଟରେ ଏକ ୱାୟାର ହାଉସ ଷ୍ଟକୟାର୍ଡ ଅଛି। ଚିତ୍ତରଞ୍ଜନ ସଞ୍ଜୟଙ୍କ ଗାଡି ଡ୍ରାଇଭର। ଚିତ୍ତରଞ୍ଜନ ସୁଯୋଗ ଉଣ୍ଡି ୱାୟାର ହାଉସ ଷ୍ଟକୟାର୍ଡରୁ ବହୁପରିମାଣର ତମ୍ବା ତାର ଓ କେବୁଲ ଚୋରି କରିନେବା ସହ ସେଗୁଡିକୁ ଚନ୍ଦ୍ରଶେଖରପୁରସ୍ଥିତ ନିଜ ଭଡା ଘରେ ଲୁଚାଇ ରଖିଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ ଜରିଆରେ ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ଭଡା ଘରୁ ଗିରଫ କରିବା ସହ ଚୋରି ସାମଗ୍ରୀକୁ ଜବତ କରିଥିଲା । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ଓଡ଼ିଶା ଭଲି ଟିମର ଅଧିନାୟକ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା, ୧୬।୧୨ (ସଂଚାର ବ୍ୟୁରୋ) :** ଭଲିବଲର ମାଟି ହେଉଛି କେନ୍ଦ୍ରାପଡ଼ା । ଏହି ମାଟିର ସନ୍ତାନ ଅନେକ ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କେନ୍ଦ୍ରାପଡ଼ାକୁ ଗୌରବନ୍ୱିତ କରିଛନ୍ତି । ଚଉଦ ବର୍ଷରୁ କମ୍ ଓଡ଼ିଶା ଭଲି ଟିମ୍ର ଅଧିନାୟକ ଭାବରେ ମନୋନୀତ ହୋଇ କେନ୍ଦ୍ରାପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ର ଅଭିନ୍ନ ସାମଲ ଉତ୍ତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ଜାତୀୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ତିନି ତାରିଖରୁ ଚଉଦ ତାରିଖ ପର୍ଯ୍ୟନ୍ତ ଖେଳି ସୁନାମ ଆଣିଛନ୍ତି । ଓଡ଼ିଶା କ୍ୟାପଟେନ ଅଭିନ୍ନ ସାମଲଙ୍କୁ ଗତକାଲି କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆ ଠାରେ ୟୁଥ୍ ଭଲିବଲ ଏକାଡେମୀ, କେନ୍ଦ୍ରାପଡ଼ା ଦ୍ୱାର ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା।



ଏହି ସଭାରେ ଅଥଲେଟିକ ଆସୋସିଏସନର ସମ୍ପାଦକ ସାୟେଦ ଅକ୍କଲ୍ ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଏସିଡେମିର ସଭାପତି ସେକ ରଫିକ୍, ସମ୍ପାଦକ ସେକ ରେହାନ, ପୂର୍ବତନ ଭଲିବଲ ଖେଳାଳୀ ମହମ୍ମଦ ଅସଗର ଅଲ୍ଲୀ, ପିତା ଅଚ୍ୟୁତାନନ୍ଦ ସାମଲ, ଆଦି ଉପସ୍ଥିତ ରହି କ୍ୟାପଟେନ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ବହୁତ ସଂଖ୍ୟକ ଖେଳାଳି ଉପସ୍ଥିତ ଥିଲେ । ଅଭିନ୍ନ ସାମଲଙ୍କର ଭଲି ଖେଳରେ ଉତ୍ତୋର ଉନ୍ନତି ହେଉ ବୋଲି ଉପସ୍ଥିତ ଅତିଥି ମାନେ ଆଶୀର୍ବାଦ କରିଥିଲେ ଓ କରତାଳି ଦେଇ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଦେଶପାଇଁ ଭଲି ଖେଳିବାକୁ ଆଶା ରଖିଥିବା ଅଭିନ୍ନ ପ୍ରକାଶ କରି କେନ୍ଦ୍ରାପଡ଼ାରେ ଭଲି ବଲର ଅଭିଜ୍ଞ କୋଚର ଆବଶ୍ୟକତା ଅଛି ବୋଲି ମାର ପ୍ରକାଶ କରିଥିଲେ । ଶେଷରେ ସେକ ରଫିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### କଂସାର ସାହାସପୁର ଉଚ୍ଚ ବିଦ୍ୟାଳୟ

# ହୀରକ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟା

**କେନ୍ଦ୍ରାପଡା, ୧୬।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କଂସାର ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ୫୨ତମ ହୀରକ ଜୟନ୍ତୀ ଉତ୍ସବର ସୋମବାର ଥିଲା ଶେଷ ଉଦ୍‌ଯାପନୀ ସଂନ୍ଧ୍ୟା । ଦିନ ତମାମ କବି ସମାବେଶ ଓ କବିତା ପାଠ ଉତ୍ସବ ସହିତ କବିତା ଆସର ଓ ଶୀତୁଆ ସଂନ୍ଧ୍ୟାର କାର୍ଯ୍ୟକ୍ରମ ବେଶ୍ ଆଡମ୍ବରପୂର୍ଣ୍ଣ ସହକାରେ ସେହି ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବରିଷ୍ଠ ସମାଜସେବୀ ଫକୀର ଚରଣ ଖଟୁଆଙ୍କ ସଭାପତିତ୍ୱରେ ଏବଂ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା ଏବଂ ନୀରଞ୍ଜନ ପରିଡାଙ୍କ ସମେତ ଅନ୍ୟାନ୍ୟ ବହୁ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସାହାଯ୍ୟ ସହଯୋଗ କ୍ରମେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି କବିତା ପାଠ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ଡଃ ବାସୁଦେବ ଦାସ ଏବଂ ମୁଖ୍ୟ ବକ୍ତାଭାବେ ଡଃ ଧରଣୀଧର ନାଥ (ଆଇ.ଏ.ଏସ୍) ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କବିତା ପାଠ ଉତ୍ସବ ସହିତ ପୁସ୍ତକ ଉନ୍ମୋଚନ କରିଥିଲେ। ପରେ ପରେ ମଞ୍ଚରେ କବିତା ପାଠ କରିଥିବା ବିଭିନ୍ନ କବି ଓ କବୟିତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ଦେଇ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା ।




ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ କବି ତଥା ସମାଜସେବୀ ବୀଣାପାଣୀ ଚୌଧୁରୀ ଓ କବି ପ୍ରଦୀପ୍ କୁମାର ରାଉତରାୟ । ସେହିପରି କବି ଅଶୋକ କୁମାର ସାହୁ, ଖଗେଶ୍ୱର ମହାପାତ୍ର, ସନ୍ତୋଷ କୁମାର ନାୟକ ଓ ଚନ୍ଦ୍ରମଣି ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମକୁ ବହୁ ସୁନ୍ଦର ଭାବରେ ସଂଯୋଜନା କରିଥିବା ବେଳେ ମଞ୍ଚରେ କବିତା ଆବୃତ୍ତି କରିଥିଲେ କବୟିତ୍ରୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, କବୟିତ୍ରୀ ଚାରୁଲତା ଭୂୟାଁ, ଅପର୍ତ୍ତି ସେଠୀ, ଆରାଧନା ଦାସ, ନାରାୟଣ ପ୍ରସାଦ ଜେନା, ସୁଭାଂଶୁ ଦାସ, ନାରାୟଣ ପତି, ମନୋଜ ସଥପଥୀ, କାକୁଲି ମଲ୍ଲିକ, ଡଃ ରତ୍ନାକର ମଲ୍ଲିକ, ସନିଭା ମିଶ୍ର ଦାସ, ରାମକୃଷ୍ଣ ଦାସ, ପ୍ରିୟଦର୍ଶିନୀ ପ୍ରମୁଖ କବିତା ଆସରରେ ଭାଗନେଇ ନିଜ ନିଜର ସୁନ୍ଦର ସ୍ୱରଚିତ କବିତା ଗୁଡିକ ପାଠ କରିଥିବା ଦେଖିବାକୁ ମିଳିଥିଲା ।

# ବନ୍ୟା ଓ ମରୁଡିରୁ ସୁରକ୍ଷା ପାଇଁ ଯୋଜନା ହେଉ

**କେନ୍ଦ୍ରାପଡା, ୧୬।୧୨ (ସଂଚାର ବ୍ୟୁରୋ):** ଅତି ପ୍ରବଳ ବନ୍ୟା ଓ ମରୁଡି ପ୍ରବଣ ଅଂଚଳ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବୋଲି ଆଇ.ଆଇ.ଟି ଉଦ୍‌ବେଗ ଜନକ ରିପୋର୍ଟ ପ୍ରକାଶ କରିଛି । ସମଗ୍ର ଭାରତ ବର୍ଷରେ ୫୧ଟି ଜିଲ୍ଲା ଅତି ପ୍ରବଳ ବନ୍ୟା ଏବଂ ୯୧ଟି ଜିଲ୍ଲା ଅତି ପ୍ରବଳ ମରୁଡି ଅଞ୍ଚଳ ବୋଲି ଅନୁଧ୍ୟାନ ରିପୋର୍ଟରେ ଉଲ୍ଲେଖ ଅଛି । ଉକ୍ତ ରିପୋର୍ଟ କେନ୍ଦ୍ରାପଡା ଭଳି କୃଷି ବହୁଳ ଜିଲ୍ଲା ସ୍ଥାନିତ ହୋଇ ଅତି ସଂକଟଜନକ ଅବସ୍ଥା ସୃଷ୍ଟି କରୁଛି ।

ସମଗ୍ର ରାଜ୍ୟରେ ଆମ ଜିଲ୍ଲା ଅର୍ଥନୈତିକ ଦୃଷ୍ଟିରୁ ୨୭ତମ ସ୍ଥାନରେ ସ୍ଥାନିତ । କୃଷି ବହୁଳ ଜିଲ୍ଲା ହୋଇଥିଲେ ମଧ୍ୟ ଆନୁସଙ୍ଗୀକ ଭିତ୍ତିଭୂମିର ଘୋର ଅଭାବ ଅଛି । ଜଳସେଚନ, ଜଳ ନିଷ୍କାସନ, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର, ଆବଶ୍ୟକୀୟ ଗୋଦାମ ଘରର ଅଭାବ ପରିଲକ୍ଷିତ ହେଉଛି । ଶିଳ୍ପ ବିହୀନ ଜିଲ୍ଲା, ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ର ଥିଲେ ମଧ୍ୟ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରୁ ନାହିଁ, ଯାହା ଉଦ୍‌ବେଗର ବିଷୟ । ଜଜାଙ୍ଗଠାରେ କୃଷି ଗବେଷଣା କେନ୍ଦ୍ର ସ୍ଥାପନ ହୋଇଥିଲେ ମଧ୍ୟ କୃଷି ବିଦ୍ୟାଳୟର ସଂପ୍ରସାରଣ କ୍ୟାମ୍ପସ୍ ଏଠାରେ ଆବଶ୍ୟକତା ରହିଛି।

ଗଞ୍ଜାମର ରଙ୍ଗେଇଲୁଣ୍ଡାଠାରେ କୃଷି ବୈଷୟିକ ବିଦ୍ୟାଳୟର ଅନ୍ୟ ଏକ କ୍ୟାମ୍ପସ୍ ଥିବାବେଳେ କେନ୍ଦ୍ରାପଡ଼ାରେ ଏହା ସଂପ୍ରସାରଣ ହେବାର ଆଗରୁ ଦାବି ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ଏବେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହାକୁ ମୁକାବିଲା କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଅଧ୍ୟାପକ ଅଜୟ ସାମଲ, ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀ, ଅଧ୍ୟାପକ ନନ୍ଦକିଶୋର ପରିଡା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ, ଡକ୍ଟର ଦିଲ୍ଲୀପ କୁମାର ମିଶ୍ର, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଆଦିକନ୍ଦ ରାଉଳ, ରାଜକୁମାର ବିଶ୍ୱାଳ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ୧୮ରେ ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ଉଦ୍‌ଘାଟନ

**ରାଜନଗର, ୧୬।୧୨ (ସଂଚାର ବ୍ୟୁରୋ) :** ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ଉତ୍ସବ ଅବସରରେ ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗର୍ଜନପୁରସ୍ଥିତ ନବନିର୍ମିତ ସତ୍‌ସଙ୍ଗ ଶ୍ରୀମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଆସନ୍ତା ବୁଧବାର ୧୮ ତାରିଖ ଦିନ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ପରମପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ କରକମଳରେ ଏହି ନବ ନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ବୁଧବାର ବ୍ରାହ୍ମ ମୁହୂର୍ତ୍ତରେ କୀର୍ତ୍ତନ, ବେଦ ମଙ୍ଗଳିକ, ସକାଳ ୬ଟା ୧୩ରେ ପ୍ରାତଃ ବନ୍ଦନୀ, ସଦ୍‌ଗୁରୁ ପାଠ, ୮ଟା ରେ ସଙ୍ଗୀତାଞ୍ଜଳି, ୧୦ଟା ରେ ଶ୍ରୀ ବିଗ୍ରହ ଅନାବରଣ ଓ ସମବେତ ପ୍ରାର୍ଥନା, ଦିନ ୧୨ଟା ରେ କୀର୍ତ୍ତନ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ଅପରାହ୍ନ ୩ଟା ରେ ମାତୃ ସମ୍ମିଳନୀ, ୫ଟା ରେ ସଂଧ୍ୟା ଦର୍ଶନୀ, ସତସଙ୍ଗ ନାମ ସଂକୀର୍ତ୍ତନ ଓ ୬ଟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠା ଉତ୍ସବର ଆବାହକ ରମେଶ ଚନ୍ଦ୍ର ରାଉତ, ସୁନାକର ମଲିକ, ରବୀନ୍ଦ୍ର ଜେନା ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଠାକୁରଙ୍କ ଅନୁଗାମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

## ନିରବ ବିଦ୍ୟୁତ୍ ବିଭାଗ, ସୁରକ୍ଷା ବାଡ଼ ନିର୍ମାଣ ଦାବି



**ମହାକାଳପଡ଼ା, ୧୬।୧୨ (ସଂଚାର ବ୍ୟୁରୋ):** ସ୍କୁଲ ପାଖରେ ରହିଛି ମୁକୁଳା ଟ୍ରାନ୍ସଫର୍ମର। ଖୁଣ୍ଟରେ ଓହଳିଛି ବିଦ୍ୟୁତ ତାର। କେତେବେଳେ ଯେ ଦୁର୍ଘଟଣା ଘଟିବ ସେକଥା କିଏ କହିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିକଟରେ ବିଦ୍ୟାଳୟ ରହିଛି। କୁନିକୁନି ପିଲାମାନେ ସେଠାରେ ଖେଳକୁଦ କରୁଛନ୍ତି। କେବଳ ମଣିଷ ନୁହଁନ୍ତି ବୁଲା ଗାଇ ଗୋରୁ ମଧ୍ୟ ଚଲା ବୁଲା କରୁଛନ୍ତି। ସୁରକ୍ଷା ବାଡ଼ ନଥିବାରୁ ଜନଜୀବନ ହାନୀ ହେବାର ଭୟ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ବିଦ୍ୟାଳୟ ନିକଟରେ ଏମିତି ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଓଳିହା ଗ୍ରାମବାସୀ ଦାବି କରିଛନ୍ତି।

# ଏମ୍ଏନ୍ ହାଇସ୍କୁଲ ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୧୬।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ ଏନ ହାଇସ୍କୁଲର ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନ ଉତ୍ସବରେ ମନ୍ମଥନାଥ ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ଜେନା ଜେନା ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତପନ କୁମାର ଦାସ ମୁଖ୍ୟବକ୍ତା, ବରିଷ୍ଠ ଚିତ୍ରକର ରମେଶ ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁ ସ୍ୱାଗତଭାଷଣ ଓ ଅନିତା ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁଙ୍କ ନେତୃତ୍ୱରେ ପିଲାମାନେ ପଡିଆରେ ମାର୍ଚ୍ଚ ପାଷ୍ଟ କରି ଅତିଥିମାନଙ୍କୁ ଅଭିବାଦନ ଜଣାଇଥିଲେ ।

ଚାରୋଟି ବିଭାଗରେ ଆୟୋଜିତ ୧୨ପ୍ରକାର କ୍ରୀଡା ପ୍ରତିଯୋଗିତାରେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅତିଥିମାନେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ ।

ଚଳିତ ବର୍ଷ କ୍ରୀଡା ଚମ୍ପିୟନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଜୁନିଅର ବାଳକ ବିଭାଗରେ ସମରେଶ ଦାସ ଓ ଅମିତ ଦାସ ଜୁନିଅର ବଳିକା ବିଭାଗରେ ନିକିତା ପ୍ରିୟଦର୍ଶିନୀ, ସବଜୁନିଅର ବାଳକ ବିଭାଗରେ ଶ୍ରୀକାନ୍ତ ମାଝୀ ଓ ସବ ଜୁନିଅର ବଳିକା ବିଭାଗରେ ବର୍ଷା ରାଣୀ ମହାରଣା ଓ ଜିଜ୍ଞା ଜ୍ୟୋତି ଦାସ ଚାମ୍ପିଅନ ହୋଇଥିଲେ। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ସ୍ୱର୍ଣ୍ଣମୟୀ ନାୟକ ଧନ୍ୟବାଦ ଦେଇଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବକୁ ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ମାନସୀ ମହାନ୍ତି, ଅନିତା ଧଳ, ଗାୟତ୍ରୀ ସାହୁ ପରିଚାଳନା କରିଥିବାବେଳେ ଶୈଳବାଳା ଆଚାର୍ଯ୍ୟ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ତପସ୍ୱିନୀ ମଲ୍ଲୀକ, ଶାଶ୍ୱତୀ ଶୁଭଦର୍ଶିନୀ ସାହୁ, ସ୍ମିତାପ୍ରଜ୍ଞା ରାଉତ,ତାପସ ବେହେରା ଶ୍ରୀକାନ୍ତ ମଲିକ, ବିନୋଦ ବିହାରୀ ନାଥ, ଶିବ ଶଙ୍କର ବାରିକ,ବ୍ରଜ କିଶୋର ମାଝୀ, ବାବାଜୀ ବିଶ୍ୱାଳ ଓ ହରିହର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ବିଧାୟକଙ୍କ ଜନ୍ମଦିନ ପାଳନ




**ରାଜନଗର, ୧୬।୧୨ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ପେଣ୍ଠ ଗ୍ରାମରେ ସର୍ବପୁରାତନ ଶ୍ରୀ ଶ୍ରୀ ବନବିହାରୀ ଜୀଉଙ୍କ ମନ୍ଦିର ପରିସରରେ ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଜନ୍ମଦିନ ପାଳନ କରାଯାଇଛି। ବ୍ଲକ ବିଜୁ ଜନତା ଦଳ ସଭାପତି ନିରଞ୍ଜନ ରାଉତଙ୍କ ସହିତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଅଶୋକ କୁମାର ମହାନ୍ତି, ବରିଷ୍ଠ ନେତା ଦିଲ୍ଲୀପ କୁମାର ପାତ୍ର, ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ଯୁବନେତା ଅଶୋକ ପ୍ରଧାନ, ସମିତିସଭ୍ୟ ରବିନ ମଲିକ, ରଶ୍ମୀତା ସାହାଣୀ, ତ୍ରିଲୋଚନ ସାହୁ, ପ୍ରଭାତ ପ୍ରଧାନ, ସନ୍ୟାସୀ କୁମାର ରାଉତ, ସୁରଜ କୁମାର ପୁହାଣ, ଘନଶ୍ୟାମ ବଳ, ପୃଥିରାଜ ପାତ୍ର, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗଦେଇ ମନ୍ଦିରରେ ଦୀପଦାନ କରିବା ସହ ତାଙ୍କର ନିରାମୟ ଜୀବନ ପାଇଁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଯୁବ ବିଜେଡି ପକ୍ଷରୁ ରିଘାଗଡ଼ସ୍ଥିତ ଜରାନିବାସରେ ବିଧାୟକଙ୍କ ଜନ୍ମଦିନ ପାଳନ କରାଯାଇଛି। ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଯୁବନେତା ସରୋଜ କୁମାର ରାଉତ, ରାକେଶ କୁମାର ନାୟକ, ବସନ୍ତ ବେହେରା, ବସନ୍ତ ନାୟକ, ଶୁଭ୍ରକାନ୍ତ ଭ୍ରମରରାୟ ପ୍ରମୁଖ ଜରାନିବାସର ଅନ୍ତେବାସୀ ମାନଙ୍କୁ ମିଠା, ଫଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଅନ୍ତେବାସୀଙ୍କ ସହିତ ମିଶି ବିଧାୟକଙ୍କ ଶୁଭ ମନାସି କେକ କାଟିଥିଲେ।

# ରାଜକନିକାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି




**ରାଜକନିକା, ୧୬।୧୨ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ବାଘବୁଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ସ୍ମୃତିରଞ୍ଜନପ୍ରଧାନ ଓ ଏସ ପି ସିଦ୍ଧାର୍ଥ କାଟାରିଆଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲା ପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ଜିଲ୍ଲାପାଳ ପଲ୍ଲବୀ ପ୍ରିୟଦର୍ଶିନୀପତ୍ର ଓ ଡକ୍ଟର ପଲ୍ଲବୀ ,ବିଡ଼ିଓ ଦାଇତ୍ୱ ରେ ଥିବା କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଓ ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା ଉପସ୍ଥିତ ରହି ୧୩୨ ଟି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ୧୧୯ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିଲା ବେଳେ ୧୩ଟି ସମୂହ ଅଭିଯୋଗ ହୋଇଥିଲା ।

ବରାଡ଼ିଆ ପଞ୍ଚାୟତରେ ଆଦର୍ଶ ଗାଁ ମଧୁପଡାରେ ଉନ୍ନତିକରଣ ନାଁ ବ୍ୟାପକ ଅନିୟମିତା ଓ ୫ଟି କାମରେ ଦୁର୍ନୀତିର ଅଭିଯୋଗ କଲେ ଗ୍ରାମବାସୀ। ଆଖୁଳିପଡା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାମରେ ବ୍ୟାପକ ଦୁର୍ନୀତି ସହ ଏହି ପଞ୍ଚାୟତ ର ମଲିସାହାଡ଼ା ଗାଁ ର ସାମସୁଦିନ ଖାଁ ଦୁଇ ବର୍ଷ ତଳେ କଂକ୍ରିଟ ଓ ଫଳେବର ଟାଇଲ ଗଳି ରାସ୍ତା କାମ କରିଥିଲେ, ଏହି ରାସ୍ତାର ବିଲ ହୋଇ ସାରିଛି । ବିଭାଗୀୟ ଜେଇ ଓ ଜୈନିକ ଭେଣ୍ଡର ଆକାଉଣ୍ଟ କୁ ଟଙ୍କା ଯାଇଛି ଓ ଏହା ସହିତ ବିଭିନ୍ନ କାମ ନ କରି ଲକ୍ଷ ଲକ୍ଷ ଟଙ୍କା ଫଲସ ବିଲ ହୋଇଥିବା ସେ ଅଭିଯୋଗ କରିଛନ୍ତି । ପେଗରପଡା ଓ ଓଳାଭର ପଞ୍ଚାୟତ ର ଚାଷୀ ମାନେ ଜମିକୁ ପାଣି ଯାଉନଥିବାରୁ ଗଜା ମରୁଡି ହେବା ନେଇ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚଢେଇଖିଆ ନଳ ଉପରେ ପୋଲ ନିର୍ମାଣ ଲାଗି ବନ୍ଧ କରଯାଇଛି । ଯାହା ଫଳରେ ନଳରେ ପାଣି ଆସୁ ନାହିଁ । ଚାରି ଶହ ଏକର ଡ଼ାଲୁଅ ଚାଷ ପାଣି ଅଭାବରୁ ବିଲ ଫାଟି ଆଁ ହୋଇଛି। ନଳ ବନ୍ଧ ନ ଖୋଲା ଗଲେ ଚାଷୀ ଚାଷ ହରାଇବା ବୋଲି କହିଛନ୍ତି। ଓଳାଭର ପଞ୍ଚାୟତ ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ସତ୍ୟନାରାୟଣ ବଣିକ ସଂଘ ପକ୍ଷରୁ କଣ୍ଟପଡା ବଜାର ରେ ରମ୍ବଲର୍ସ ଓ ବଜାର ଆଲୋକୀକରଣ ପାଇଁ ଲାଗି ଥିବା ଲାଇଟ ଗୁଡିକୁ ସଚଳ କରିବା ଲାଗି ଅଭିଯୋଗ ହୋଇଥିଲା । ଭାରିଗଦା ପଞ୍ଚାୟତ ର ଦଶଭାଗାରିଆ ଓ ମଙ୍ଗଳ ପୁରୁ ଗାଁ ରେ ମନ୍ଦିର ଦୋକାନ ଓ ଘରେ ସିରିଜ ଚୋରି ଘଟଣା ପୁଲିସ ହତ ଖାଲିଥିବା ରୁ ତୁରନ୍ତ ଚୋର ଧରିବାକୁ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି ଦୁଇଟି ଗାଁ ର ଲୋକମାନେ, ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଦୁଇ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଏ ସାଇକେଲ ସହିତ ଚେକ ପ୍ରଦାନ କରିଥିଲେ ଜିଲ୍ଲାପାଳ । ଏହି ଶିବିର ରେ ମୁଖ୍ୟତଃ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନ, ରାସ୍ତା, ପାନୀୟ ଜଳ ଓ ରାସନ କାର୍ଡ ମୁଖ୍ୟ ଅଭିଯୋଗ ହୋଇଥିଲା। ଏହି ଶିବିରରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ , ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବାଦଲ ମହାନ୍ତି,ଜଳସମ୍ପଦ ବିଭାଗର ସହ କାରି ଯନ୍ତ୍ରୀ ଧିରେନ କୁମାର ଜେନା , ଜିଲ୍ଲା କୃଷି ଅଧିକାରୀ ପଟ୍ଟାମୁଣ୍ଡାଇ ଦିଜବର ସେଠି, ରାଜକନିକା ବ୍ଲକ କୃଷି ଅଧିକାରୀ ଜ୍ୟୋତ୍ରୀମୟୀ ବେହେରା, ସହକାରୀ ବ୍ଲକ କୃଷି ଅଧିକାରୀ ସୁବାଶିଷ ଭାଟରାୟ, ଉଦ୍ୟାନ କୃଷି ବିଭାଗ ମୋନାଲିସା ମନ୍ତ୍ରୀ , ଗ୍ରାମ୍ୟ ଉନ୍ନୟନ ବିଭାର କନିଷ୍ଠ ଯନ୍ତ୍ରୀ ଅୟସ ମହାପତ୍ର , ଆର ଡବ୍ଲୁ. ଏସ. ଏସ ବିଭାଗ ସହ କରି ଯନ୍ତ୍ରୀ ସଞ୍ଜୟ ଦାସ,ମିଶନ ଶକ୍ତି ବିଭାଗ ର ବ୍ଲକ ସଂଯୋଜକା ମୋନାଲିସା ନାୟକ ଓ ଶିକ୍ଷା ବିଭାଗର ବ୍ଲକ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ଅଙ୍ଗନୱାଡି କର୍ମୀ ସହାୟିକାଙ୍କ ବିକ୍ଷୋଭ

ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ରାଜରାସ୍ତାରେ ଅଙ୍ଗନୱାଡି କର୍ମୀ ଓ ସହାୟିକା । ୧୨ ଦଫା ଦାବି ନେଇ ରାଜଧାନୀର ରାଜରାସ୍ତାରେ ଗର୍ଜିଛନ୍ତି ଆନ୍ଦୋଳନକାରୀ। ଉପମୁଖ୍ୟମନ୍ତ୍ରୀ ଆଲୋଚନାକୁ ଆସିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଭାବରେ ଅନେକ କେନ୍ଦ୍ରରେ ତାଲା ଝୁଲିଛି । ୧୨ ଦଫା ଦାବି ନେଇ ରାଜଧାନୀର ରାଜରାସ୍ତାରେ ହଜାର ହଜାର ଅଙ୍ଗନୱାଡି କର୍ମୀ ଏକାଠି ହୋଇ ଗର୍ଜାଉଛନ୍ତି। ସେମାନଙ୍କ କହିବା କଥା ହେଲା, ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚିବାରେ ଅଙ୍ଗନୱାଡି କର୍ମୀ ସିଂହଭାଗ ସହଯୋଗ କରନ୍ତି । କିନ୍ତୁ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି । ୧୨ ଦଫା ଦାବି ମଧ୍ୟରେ ପ୍ରମୁଖ ରହିଛି... ସେପଟେ ଆଲୋଚନାକୁ ଆସିବାକୁ ଉପମୁଖ୍ୟମନ୍ତ୍ରୀ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଦେଇଛନ୍ତି । ତେବେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଆନ୍ଦୋଳନ ଯୋଗୁଁ କିଛି ଅଙ୍ଗନୱାଡି କେନ୍ଦ୍ରରେ ଆଜି ତାଲା ଝୁଲିଥିବା ଦେଖିବାକୁ ମିଳିଥିଲା । ଆଉ କିଛି ଅଙ୍ଗନୱାଡି କେନ୍ଦ୍ର ବି ଖୋଲିଥିଲା । ବ୍ରହ୍ମପୁରର ରାମନଗର ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଆଜି କାହାକୁ ଦେଖିବାକୁ ମିଳିନଥିଲା । ଯାହାଫଳରେ ପିଲାମାନେ ରନ୍ଧାଖାଦ୍ୟ ପାଇପାରିନାହାନ୍ତି । ତେବେ ସରକାର ଦାବି ନ ଶୁଣିଲେ ଆନ୍ଦୋଳନ ଜୋରଦାର କରିବାକୁ ଅଙ୍ଗନୱାଡି କର୍ମୀଙ୍କ ଚେତାବନୀକୁ ସରକାର କେତେ ଗୁରୁତ୍ୱ ସହ ନେଉଛନ୍ତି , ତା ଉପରେ ନଜର ରହିଛି ।

## ଟ୍ୱିନ୍ ସିଟି କ୍ରାଇମ୍

### ମାଲିକଙ୍କ ତାର କାଟିନେଲା ଡ୍ରାଇଭର

ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ସଞ୍ଜୟ ମହାନ୍ତିଙ୍କ ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣେ ବିଲଡର ହୋଇଥିବା ବେଳେ ତାଙ୍କର ଗର୍ଣ୍ଣିଲୋ ଗ୍ରାମ ଅନ୍ତର୍ଗତ ଅଛୋଟି ଛକ ନିକଟରେ ଏକ ୱାୟାର ହାଉସ ଷ୍ଟକୟାର୍ଡ ଅଛି । ଅଭିଯୁକ୍ତ ଚିତ୍ତରଞ୍ଜନ, ଅଭିଯୋଗକାରୀଙ୍କ ଡ୍ରାଇଭର ଭାବେ



କାର୍ଯ୍ୟ କରି ଆସୁଥିବା ବେଳେ, ସୁଯୋଗ ଉଣ୍ଡି ଅଭିଯୋଗକାରୀଙ୍କ ଉକ୍ତ ୱାୟାର ହାଉସ ଷ୍ଟକୟାର୍ଡରୁ ବହୁପରିମାଣର ତାର ଓ କେବୁଲ ଚୋରି କରିନେବା ସହ ସେଗୁଡ଼ିକୁ ଚନ୍ଦ୍ରଶେଖରପୁରସ୍ଥିତ ନିଜ ଭଡ଼ା ଘରେ ଲୁଚାଇ ରଖିଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରିଆରେ ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ଭଡ଼ା ଘରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଚୋରି ଯାଇଥିବା ସାମଗ୍ରୀକୁ ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ ।

### କପଡା ବେପାରୀଙ୍କ କନା ଉଡେଇଦେଲେ



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ସଞ୍ଜୟ ରାଉତଙ୍କ ଏତଲା ଆଧାରରେ ଖାରବେଳନଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ଏକ କପଡା ବ୍ୟବସାୟୀ ହୋଇଥିବାବେଳେ ତାଙ୍କର ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ଦୋକାନ ରହିଛି। ନିମ୍ନୋକ୍ତ ଅଭିଯୁକ୍ତଙ୍କ ସହିତ ଅଭିଯୋଗକାରୀ ସମ୍ପର୍କରେ ଆସିବା ପରେ ଅଭିଯୁକ୍ତ ନିଜକୁ ଜଣେ ରେଲୱେ ବିଭାଗର ଏକ ବଡ଼ କର୍ମଚାରୀ ଭାବେ ପରିଚୟ ଦେଇଥିବାବେଳେ ରେଲୱେ ବିଭାଗର ଏକ ଟେଣ୍ଡର ବିଷୟରେ ଅଭିଯୋଗକାରୀଙ୍କୁ କହିଥିଲେ। ଅଭିଯୋଗକାରୀ ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ଏହି ଟେଣ୍ଡର ନେବା ବାବଦକୁ ଅଗ୍ରୀମ ନଗଦ ୭,୨୭,୮୦୦ ଟଙ୍କା ଦେଇଥିଲେ। ଏହାର କିଛି ଦିନ ପରେ ଅଭିଯୋଗକାରୀ ଟେଣ୍ଡର ବିଷୟରେ ପଚାରିବାରୁ, ଅଭିଯୁକ୍ତ କିଛି ଉତ୍ତର ଦେଇନଥିଲେ ଏବଂ ମନଗଢା କଥା କହି ତାଙ୍କୁ ବୁଝେଇଦେଉଥିଲେ। ଅଭିଯୋଗକାରୀ ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ ନକରି, ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ ପାଇଁ କହିଥିଲେ। ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ଦୁଇଟି ଚେକ୍ ଦେଇଥିଲେ । ଅଭିଯୋଗକାରୀ ଚେକ୍କୁ ନେଇ ବ୍ୟାଙ୍କରେ ଜମା କରିଥିଲେ ମଧ୍ୟ, ଚେକ୍ ବାଉନସ ହୋଇଯିବାରୁ ଟଙ୍କା ପାଇପାରିନଥିଲେ। ପୁନଶ୍ଚ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଏହି ଚେକ୍ ବାବଦରେ ପଚାରିବାରୁ ଅଭିଯୁକ୍ତ ନଗଦ ଟଙ୍କା ଫେରସ୍ତ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରୀ ନିଜ ଟଙ୍କା ଫେରସ୍ତ ନ ପାଇ ସଂପୃକ୍ତ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଏହି ଅଭିଯୋଗର ସୂଚନା ପାଇବା ପରେ ଅଭିଯୋଗକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ମାଷ୍ଟରକ୍ୟାଣ୍ଟିନ ଛକକୁ ଡାକିଥିଲେ। ଅଭିଯୋଗକାରୀ ପୁନଶ୍ଚ ଅଭିଯୁକ୍ତଙ୍କ ପାଖକୁ ଯାଇଥିଲେ, ମାତ୍ର ଅଭିଯୁକ୍ତ ଜଣକ ତାଙ୍କୁ ଟଙ୍କା ଫେରସ୍ତ ଦେବା ବଦଳରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରିଆରେ ଅଭିଯୁକ୍ତ ଅଶ୍ୱିନିଙ୍କୁ ନୟାପଲ୍ଲୀ ସ୍ଥିତ ଘରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ, ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ କାମାକ୍ଷା ନଗର ଥାନାରେ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି।

### ନର୍ସଙ୍କୁ ଦୁଷ୍କର୍ମ କରି ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରିଣୀଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣକ ଏକ ପ୍ରତିଷ୍ଠିତ ଡାକ୍ତରଖାନାରେ ଜଣେ ନର୍ସ ଭାବେ ଚାକିରି କରନ୍ତି। ଅଭିଯୁକ୍ତ ଜଣକ ନିଜ ଜେଜେବାପାଙ୍କୁ ନେଇ ଉକ୍ତ ଡ଼ାକ୍ତରଖାନାକୁ ଚିକିତ୍ସା ଲାଗି ଗତ ୨ବର୍ଷ ତଳେ ଆସିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଅଭିଯୋଗକାରିଣୀଙ୍କ ସହିତ ଅଭିଯୁକ୍ତର ଚିହ୍ନା ପରିଚୟ ହୋଇଥିଲା । ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହେବାପରେ, ଅଭିଯୁକ୍ତ ତାଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖୁବା ସହ ତାଙ୍କ ଠାରୁ ୧୦ଲକ୍ଷ ଟଙ୍କା ଏବଂ ଏକ ବ୍ରେସଲେଟ ନେଇଯାଇଥିଲେ ମଧ୍ୟ ପରେ ଆଉ ଧରଛୁଆଁ ଦେଇନଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ଜଣକ ସେହି ସମୟ ମଧ୍ୟରେ କିଛି ମେଡିସିନ ଦେଇ ଅଭିଯୋଗକାରିଣୀଙ୍କ ଗର୍ଭ ନଷ୍ଟ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରିଆରେ ଅଭିଯୁକ୍ତ ଭବାନୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ ।

# ସହିଦଙ୍କ ପରିବାରକୁ ଭେଟିଲେ ସ୍ୱରାଷ୍ଟ୍ରମନ୍ତ୍ରୀ



ନୂଆଦିଲ୍ଲୀ,୧୬।୧୨: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଛତିଶଗଡ଼ର ଜଗଦଲପୁରଠାରେ ନକ୍ସଲବାଦ ବିରୋଧରେ ଲଢ଼େଇ କରି ସହିଦ ହୋଇଥିବା ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ସହିଦ ଯବାନଙ୍କ ପରିବାର ଏବଂ ନକ୍ସଲ ହିଂସାରେ ପୀଡ଼ିତଙ୍କ ପରିବାରକୁ ମଧ୍ୟ ଭେଟିଥିଲେ। ଏହି ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ ନକ୍ସଲବାଦ ବିରୋଧରେ ସାହସିକ ସଂଗ୍ରାମରେ ସର୍ବୋଚ୍ଚ ବଳିଦାନ ଦେଇଥିବା ୧୩୯୯ ସହିଦଙ୍କୁ ସମ୍ମାନ ଜଣାଇ ଏକ ସ୍ମାରକୀ ପ୍ରତିଷ୍ଠା କରିଥିବାରୁ ଛତିଶଗଡ଼ ସରକାରଙ୍କୁ ପ୍ରଶଂସା କରିଥିଲେ। ଏହି ସ୍ମାରକୀ କେବଳ ଏହି ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବ ନାହିଁ ବରଂ ଭବିଷ୍ୟତ ପିଢ଼ିକୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଶ୍ରୀ ଶାହ ଆଲୋକପାତ କରି କହିଥିଲେ ଯେ, ଗତ ବର୍ଷ ଗଠନ ପରଠାରୁ ବର୍ତ୍ତମାନର ଛତିଶଗଡ଼ ସରକାର ନକ୍ସଲବାଦର ମୂଳୋତ୍ପାଟନ ପାଇଁ ନିଜର ପ୍ରତିବଦ୍ଧତାରେ ଅଟଳ ରହିଛନ୍ତି। ନିରୀହ ଲୋକଙ୍କ ଜୀବନ ହାନିକୁ ରୋକିବା ପାଇଁ ଏହି ବିପଦକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ସରକାର ଏକ ବ୍ୟାପକ ତ୍ରିମୁଖୀ ରଣନୀତି ଆପଣାଉଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଥମତଃ ହିଂସା ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଚାହୁଁଥିବା ଲୋକଙ୍କୁ ସ୍ୱାଗତ କରାଯାଉଛି। ଦ୍ୱିତୀୟତଃ ଯେଉଁମାନେ ହିଂସାର ରାସ୍ତା ଛାଡିବାକୁ ଚାହୁଁନାହାନ୍ତି ସେମାନଙ୍କୁ ଧରିବା ପାଇଁ ପ୍ରୟାସ ଜୋରଦାର କରାଯାଉଛି। ଶେଷରେ, ଅନ୍ୟକୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୃହମନ୍ତ୍ରୀ ଏ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବର୍ଷକ ମଧ୍ୟରେ ୨୮୭ ନକ୍ସଲ ନ୍ୟୁଟ୍ରାଲାଇଜ ହୋଇଛନ୍ତି, ପାଖାପାଖି ୧୦୦୦ ଗିରଫ ହୋଇଛନ୍ତି ଏବଂ ଛତିଶଗଡ଼ରେ ୮୩୭ ଜଣ ଆତ୍ମସମର୍ପଣ କରିଛନ୍ତି। ଏହା ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ଫେରାଇ ଆଣିବା ପାଇଁ ସରକାରଙ୍କ ଅତୁଟ ସଂକଳ୍ପକୁ ଦର୍ଶାଉଛି। କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଛତିଶଗଡ଼ରେ ନକ୍ସଲବାଦର ମୁକାବିଲା ରେ ଗତ ବର୍ଷର ସଫଳତା ଅଭୂତପୂର୍ବ। ସେ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ କେବେ ବି ଗୋଟିଏ ବର୍ଷରେ ଏତେ ବିଶାଳ ଅଞ୍ଚଳ ନକ୍ସଲ ପ୍ରଭାବରୁ ମୁକ୍ତ ହୋଇନାହିଁ କିମ୍ବା ଏତେ ସଂଖ୍ୟକ ନକ୍ସଲଙ୍କୁ ନିପାତ, ଗିରଫ କିମ୍ବା ଆତ୍ମସମର୍ପଣ କରାଯାଇନାହିଁ। ଏହି ପ୍ରୟାସରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ସୁସମନ୍ୱିତ ରଣନୀତି କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ଶାହ ଛତିଶଗଡ଼ ସରକାରଙ୍କୁ ପ୍ରଶଂସା କରିଥିଲେ। ଛତିଶଗଡ଼ ପୋଲିସ ବାହିନୀର ପ୍ରଶଂସନୀୟ ଦଳଗତ କାର୍ଯ୍ୟକୁ ସେ ସ୍ୱୀକାର କରିଥିଲେ, ଯେଉଁମାନେ ଏକ ସ୍ପଷ୍ଟ ଏବଂ କେନ୍ଦ୍ରୀଭୂତ ଯୋଜନା ଦ୍ୱାରା ଏକ ଦୃଢ଼ ଅଭିଯାନ ଆରମ୍ଭ କରିଛନ୍ତି। ଭବିଷ୍ୟତକୁ ନେଇ ଆଶାବାଦୀ ହୋଇ ଶ୍ରୀ ଅମିତ ଶାହ ଆଶ୍ୱାସନା ଦେଇଛନ୍ତି ଯେ ୨୦୨୬ ମାର୍ଚ୍ଚ ୩୧ ପରେ ମା’ ଦାନ୍ତେଶ୍ୱରୀଙ୍କ ପବିତ୍ର ଭୂମିରେ ନକ୍ସଲବାଦ ନାଁରେ ଗୋଟିଏ ବୁନ୍ଦା ବି ରକ୍ତ ବହିବ ନାହିଁ।

## ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ଦଶମ ପ୍ରତିଷ୍ଠା




ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୦ମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଲେ ସ୍ୱତନ୍ତ୍ର ଶିଶୁମାନେ ମଧ୍ୟ ଭଗବାନଙ୍କ ଅମୃତ ସନ୍ତାନ । ଏଭଳି ପିଲାଙ୍କ ବିଷୟରେ ଚିନ୍ତା କରିବା ଓ ସେମାନଙ୍କୁ ମାର୍ଗଦର୍ଶନ କରିବା ହେଉଛି ଗୁରୁ ଦାୟିତ୍ୱ । କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଏ ଦିଗରେ ବ୍ୟାପକ ପଦକ୍ଷେପ ନେଇଥିବାରୁ ଶ୍ରୀମତୀ ପାଢ଼ୀ ସେନ୍ ଗ୍ଲୋବକୁ ଧନ୍ୟବାଦ ଜଣାଇଥିଲେ। ଏହି ଶିଶୁମାନଙ୍କ ପାଇଁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିରାଶ ନହୋଇ ଆଗ୍ରହର ସହ ସେମାନଙ୍କ କଥା ବୁଝିଲେ ସେମାନେ ନିଶ୍ଚିତ ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ । ସେମାନଙ୍କୁ ଜୀବନ କୌଶଳ ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଗଲେ ସେମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିବେ ଓ ସମାଜ ପ୍ରତି ସେମାନଙ୍କ ଯୋଗଦାନ ରହିବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱତନ୍ତ୍ର ଛାତ୍ରଛାତ୍ରୀମାନେ ସମସ୍ତଙ୍କ ସହ ସମାନ ଭାବେ ବଞ୍ଚିବାର ଅଧିକାର ରହିଛି । କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ଅନ୍ୟ ସାଧାରଣ ପିଲାଙ୍କ ସହ ସେନ୍ ଗ୍ଲୋବର ସ୍ୱତନ୍ତ୍ର ପିଲାଙ୍କୁ ସମାନ୍ତର ଭାବେ ଯତ୍ନ ନିଆଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଉଛି । ଏହା ଏକ ସୁନ୍ଦର ପରିକଳ୍ପନା । ସେହି ପିଲାଙ୍କଠାରେ କଣ ଅଭାବ ରହିଛି ତା ଉପରେ ଅନୁଧ୍ୟାନ କରାଯାଇ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ସେହି ପିଲାଙ୍କ ଆବଶ୍ୟକ ଅନୁସାରେ ଗୁରୁତ୍ୱ ଦିଆଯାଇଥାଏ । ଏଭଳି ସ୍ୱତନ୍ତ୍ର ଶିଶୁଙ୍କ ପିତାମାତା ଓ ଅଭିଭାବକମାନେ ଏହାକୁ ନକରାତ୍ମକ ନଭାବି ପରିସ୍ଥିତିର ସାମନା କରିବାକୁ ଶ୍ରୀ ସାମନ୍ତ ଆହ୍ୱାନ ଦେଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇ କହିଲେ, ସେନ୍ ଗ୍ଲୋବ୍‌ରେ ସମ୍ମିଳିତ ଶିକ୍ଷା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଫଳରେ ସ୍ୱତନ୍ତ୍ର ପିଲାଙ୍କ ମଧ୍ୟରେ ଥିବା ଅକ୍ଷମତା ସେମାନେ ଅନୁଭବ ନ କରି ସାମଗ୍ରିକ ବିକାଶ ଦିଗରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି । ଅକ୍ଷମତା ସେମାନଙ୍କଠାରେ ଏକ ପ୍ରତିବନ୍ଧକ ବୋଲି ସେମାନେ ଯେଭଳି ଅନୁଭବ ନକରନ୍ତି ସେଥିପାଇଁ ସେନ୍ ଗ୍ଲୋବ୍ ସର୍ବଦା ଯତ୍ନଶୀଳ ରହିଆସିଛି । ଫଳରେ ସେନ୍ ଗ୍ଲୋବ୍‌ର ସ୍ୱତନ୍ତ୍ର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦିତ କରୁଛନ୍ତି ବୋଲି ଡ. ବଳ ସୂଚନା ଦେଇଥିଲେ ।

## ବିଜେପି ମୁହାଁ ପଞ୍ଚାୟତ ପ୍ରତିନିଧି



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧ ପରିକର। ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ବିଜେଡି, କଂଗ୍ରେସ ଉପରୁ ଆସ୍ଥା ହରାଇ କୋରାପୁଟ, କଟକ ଓ ଯାଜପୁର ଜିଲାର ବ୍ଲକ ଅଧ୍ୟକ୍ଷା, ଜିଲା ବିଜେଡି ଉପସଭାପତିଙ୍କ ସମେତ ବହୁ ସରପଞ୍ଚ ଓ ଏସ୍‌ଡିସି ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟର ଜୟପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ତିଳୋତମା ମୁଦୁଲିଙ୍କ ନେତୃତ୍ୱରେ ସରପଞ୍ଚ ଶ୍ରୀ ଆନନ୍ଦ ହାଲୁଆ, ଶ୍ରୀ ଟଙ୍କଧର ହାଲୁଆଙ୍କ ସମେତ ୧୩ ସରପଞ୍ଚ, ୧୪ ସମିତି ସଭ୍ୟ ଓ ୧୧ ଜଣ ଏସ୍‌ଡିସି (ସ୍ପେଶାଲ ଡେଭଲପମେଣ୍ଟ୍ କାଉନ୍‌ସିଲ) ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କଟକ ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଆତ୍ମା କମିଟି ଅଧ୍ୟକ୍ଷ ଆଦିତ୍ୟ ପାଣିଙ୍କ ନେତୃତ୍ୱରେ ସରପଞ୍ଚ ପ୍ରତିମା ମଲ୍ଲିକଙ୍କ ୱାର୍ଡ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରୀନା ସ୍ୱାଇଁ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ଯୋଗଦେଇଛନ୍ତି। ଯାଜପୁର ଜିଲାର ଚିଟାଳୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲୀପ ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ନିରୁପମା ସେଠୀଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମଲ ହୋଇଛନ୍ତି।

## ସୋଆରେ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀ




ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ବିଭିନ୍ନ ରୋଗର ଚିକିତ୍ସା କ୍ଷେତ୍ରରେ ଫିଜିଓଥେରାପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ରାଜ୍ୟର ପ୍ରତ୍ୟେକ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଜଣେ ଫିଜିଓଥେରାପିଷ୍ଟଙ୍କୁ ରାଜ୍ୟ ସରକାର ନିଯୁକ୍ତି କରିବାକୁ ଚିନ୍ତା କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଆଇନ୍, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ର ଫିଜିଓଥେରାପି ବିଭାଗ, ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପି (ଆଇଏପି) ଉତ୍କଳ ଶାଖା ଏବଂ ଆଇଏପି ମହିଳା ଶାଖା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଚିକିତ୍ସା କ୍ଷେତ୍ରରେ ରୋଗର ନିରାକରଣ ଓ ରୋଗୀଙ୍କୁ ସୁସ୍ଥ କରିବା କ୍ଷେତ୍ରରେ ଫିଜିଓଥେରାପିର ବଡ଼ ଭୂମିକା ରହିଛି। କୋଭିଡ୍ ପରବର୍ତ୍ତୀ ସମୟରେ ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ପକ୍ଷାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଗାଁ ଗହଳିରେ ମଧ୍ୟ ରୋଗୀଙ୍କ ପାଇଁ ଫିଜିଓଥେରାପି ଚିକିତ୍ସା ଆବଶ୍ୟକ ହେଉଛି ତେଣୁ ପ୍ରତି ପିଏଚ୍‌ସିରେ ୨୦୨୭ ସୁଦ୍ଧା ଜଣେ ଲେଖାଏଁ ଫିଜିଓଥେରାପିଷ୍ଟ୍ ନିଯୁକ୍ତି ଲାଗି ସ୍ୱାସ୍ଥ୍ୟ ବିଭାଗ ସହ ସେ ବିଚାରବିମର୍ଶ କରିବେ ବୋଲି ସେ କହିଥିଲେ।

## ବିଜେବି କଲେଜରେ ଇ-ଲାଇବ୍ରେରି ଉନ୍ମୋଚିତ



ଭୁବନେଶ୍ୱର,୧୬।୧୨(ସଂଚାର ବ୍ୟୁରୋ): ବିଜେବି କଲେଜ ପୁରାତନ ଛାତ୍ର ସଂଘ ‘ବିଜେବି ଫ୍ରେଣ୍ଡସକ୍’ ର ଆର୍ଥିକ ସହାୟତା ରେ ବିଜେବି କଲେଜ ରେ ସ୍ଥାପିତ ଇ-ଲାଇବ୍ରେରି ମନ୍ତ୍ରୀ ଶ୍ରୀ ପୃଥିରାଜ ହରିଚନ୍ଦନ ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇ-ଲାଇବ୍ରେରି ଉନ୍ମୋଚନ କରି କଲେଜ ର ପୂର୍ବତନ ଛାତ୍ର ତଥା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବକ୍ତବ୍ୟ ଦେଇ କହିଥିଲେ ଯେ ଆଜି ର ଇଣ୍ଟରନେଟ ଯୁଗରେ ଛାତ୍ରଛାତ୍ରୀ ମାନଙ୍କୁ କମ୍ ସମୟ ମଧ୍ୟରେ ତାଙ୍କର ଆବଶ୍ୟକୀୟ ବିଷୟବସ୍ତୁ ଖୋଜି ପାଇବାରେ ଇ-ଲାଇବ୍ରେରି ସହାୟକ ହେବ। ବିଜେବି ଫ୍ରେଣ୍ଡ୍ ର ଏ ଉଦ୍ୟମକୁ ମନ୍ତ୍ରୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ କଲେଜ ର ଉନ୍ନତି ରେ ସାମିଲ ହୋଇ ରହିବା ପାଇଁ କାମ କରିବାକୁ ଉପଦେଶ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଜେବି ଫ୍ରେଣ୍ଡ୍ ତରଫରୁ ଏକ ଜଳ ବିଶୋଧନ ଯନ୍ତ୍ର(ୱାଟର ପିୟୁରିଫାୟର) ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜେବି କଲେଜ ର ଅଧ୍ୟକ୍ଷ ଇତିଶ୍ରୀ ପାଢୀ, ବିଜେବି ଫ୍ରେଣ୍ଡ୍ ର ସଭାପତି ଶ୍ରୀ ଦେବାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟବ୍ରତ ଧୂପାଳ, କଲେଜ ଆସିଷ୍ଟାଣ୍ଟ ପ୍ରଫେସର ବିଭାବରୀ ବଳ ଉପସ୍ଥିତ ଥିଲେ।

## ଆଜି ଫିଟ ଇଣ୍ଡିଆ ସାଇକେଲିଂ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧୨: କଟକ କାର୍ଯ୍ୟକ୍ରମରେ ଯୋଗ ଦେବ ଓଡିଶା ସାଇକେଲିଂ ସଂଘ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ ନୂଆଦିଲ୍ଲୀରେ ମଙ୍ଗଳବାର ଦିନ ଫିଟ ଇଣ୍ଡିଆ ସାଇକେଲିଂକୁ ଉଦଘାଟନ କରିବେ। ସେହିଦିନ ଜଗତପୁରସ୍ଥିତ ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ (ସାଇ) ନେସନାଲ ସେଂଟର ଅଫ ଏକ୍ସେଲେନ୍ସ ପକ୍ଷରୁ ସାଇକେଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ସାଇକେଲ ଚାଳକମାନେ ପ୍ରାୟ ତିନି କିଲୋମିଟର ପର୍ଯ୍ୟନ୍ତ ବାରବାଟୀ ଦୁର୍ଗ ଦେଇ ସ୍ଥାନୀୟ ସମାଜ ଅଫିସ ପର୍ଯ୍ୟନ୍ତ ସାଇକେଲ ଚାଳନା କରିବେ। ଏଥିରେ ରାଜ୍ୟର ବହୁ କ୍ରୀଡା ପ୍ରେମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱଘର

ପିପିଲି,୧୬।୧୨(ସଂଚାର ବ୍ୟୁରୋ): ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ। ଦାଣ୍ଡ ବାରଣ୍ଡା ଓ ପରିତ୍ୟକ୍ତ ଘରେ ଚାଲିଛି ପାଠପଢ଼ା। କୌଣସି ଉପାନ୍ତ ଅଞ୍ଚଳ ନୁହେଁ ବରଂ ରାଜଧାନୀ ନିକଟ ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ବେରବୋଇ ପଞ୍ଚାୟତରେ ରହିଛି ଏମିତି ଅଙ୍ଗନବାଡ଼ି କେନ୍ଦ୍ର। ସରକାରୀ ସ୍ଥାନ ନିରୂପଣ ହୋଇପାରିନଥିବାରୁ ନୂଆ ଘର ତିଆରି ହୋଇପାରୁନଥିବା ସଫେଇ ଦେଇଛନ୍ତି ଡେଲାଙ୍ଗ ସିଡିପିଓ। ପୁରୀ ଜିଲ୍ଲା ଡେଲାଙ୍ଗ ବେରୋବୋଇ ପଞ୍ଚାୟତର ଉଦୟପୁର ଅଙ୍ଗନବାଡ଼ି କେନ୍ଦ୍ର । ୧୪ରୁ ଅଧିକ କୁନିକୁନି ପିଲା ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରୁଛନ୍ତି । ହେଲେ ଅଙ୍ଗନବାଡ଼ି ଘରଟିଏ ନାହିଁ। ବାରଣ୍ଡା ସାଜିଛି ପିଲାଙ୍କ ପାଠଶାଳା। ସେହିଭଳି ଉଦୟପୁର ଗଉଡ଼ସାହି ଅଙ୍ଗନବାଡ଼ି କେନ୍ଦ୍ରର ବି ସମାନ ଅବସ୍ଥା। ଭଙ୍ଗା ଘରେ ବସୁଛନ୍ତି ୧୦ରୁ ଅଧିକ ପିଲା। ସମାନ ପଞ୍ଚାୟତର ବୁଆଲି ଓ ମଣିଜପୁର ଅଙ୍ଗନବାଡ଼ି କେନ୍ଦ୍ରରର ବି ନିଜସ୍ୱ ଘର ନାହିଁ। ପିଲାଙ୍କ ଖେଳିବା ସୁବିଧା ନାହିଁ କି ବସିକି ଖାଇବା ସୁବିଧା ନାହିଁ। ଏନେଇ ଅନେକ ଥର ଜଣାଇଥିଲେ ବି କେହି ଶୁଣୁନଥିବା ଅଭିଯୋଗ ହୋଇଛି। ବର୍ଷେ କି ଦୁଇ ବର୍ଷ ନୁହେଁ ୧୦ ବର୍ଷ ହେବ ଅସୁରକ୍ଷିତ ପରିବେଶରେ



## ବଢ଼ୁଛି ଦୁର୍ଘଟଣା - ନାହାନ୍ତି ନିୟମିତ ଆରଟିଓ



ଭୁବନେଶ୍ୱର,୧୬।୧୨: ସଡକ ଦୁର୍ଘଟଣା ରୋକିବାପାଇଁ ରାତି ଅଧରେ ରାଜପଥରେ ପାର୍ଶ୍ୱରେ ଗାଡି ଚାଳକଙ୍କୁ ପରିବହନ କର୍ତ୍ତୃପକ୍ଷ ମାଗଣା ଚା’ ବାଣ୍ଟୁଥିବାବେଳେ ରାଜ୍ୟର ୧୦ଟି ପରିବହନ ଦପ୍ତରରେ କିନ୍ତୁ ନିୟମିତ ମୁଖିଆ ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ସମେତ ପ୍ରମୁଖ ଆଞ୍ଚଳିକ ପରିବହନ ଦପ୍ତରଗୁଡିକ ଏବେ ଅତିରିକ୍ତ ଅଧିକାରୀଙ୍କ ଦ୍ୱାରା ପରିଚାଳିତ। ସଡକ ଦୁର୍ଘଟଣା ରୋକିବା କ୍ଷେତ୍ରରେ ଆରଟିଓମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏଥି ସହିତ ରାଜସ୍ୱ ଆଦାୟରେ ବି ସେମାନଙ୍କର ବଡ ଭୂମିକା ରହିଥାଏ। ତେଣୁ ଆଞ୍ଚଳିକ ପରିବହନ ଦପ୍ତରଗୁଡିକରେ ନିୟମିତ ଆରଟିଓ ନିଯୁକ୍ତି ଜରୁରୀ ବୋଲି ପରିବହନ ବିଶେଷଜ୍ଞମାନେ ମତ ଦେଉଛନ୍ତି। ହେଲେ ରାଜ୍ୟର ପ୍ରମୁଖ ୧୦ଟି ଆଞ୍ଚଳିକ ପରିବହନ ଦପ୍ତରରେ ଏବେ ନିୟମିତ ଆରଟିଓ ନାହାନ୍ତି। ଏହିସବୁ ଆରଟିଓ ଅଫିସ ମଧ୍ୟରେ ରହିଛି ଭୁବନେଶ୍ୱର-୧. କଟକ, ମୟୁରଭଞ୍ଜ, କେନ୍ଦୁଝର, ପୁରୀ, ସୁନ୍ଦରଗଡ଼, ଅନୁଗୁଳ, ଭଦ୍ରକ, ବୌଦ୍ଧ ଓ ଯାଜପୁର। ଏଠାରେ ଅତିରିକ୍ତ ଆରଟିଓ ଦାୟିତ୍ୱ ତୁଲାଉଥିବା ଅଧିକାରୀ ଦୀର୍ଘଦିନରୁ ପଦୋନ୍ନତି ପାଇ ଉପର ପାହ୍ୟାକୁ ଗଲେ ମଧ୍ୟ ଆରଟିଓ ଚାକିରିର ମୋହ ଛାଡିପାରୁନଥିବା କୁହାଯାଉଛି। ବିଭାଗ ପକ୍ଷରୁ ବି ଏମାନଙ୍କୁ ସୁଯୋଗ ଦିଆଯାଉଛି। ଭୁବନେଶ୍ୱର-୧ରେ ଆରଟିଓ ଦାୟିତ୍ୱରେ ଥିବା ଅଧିକାରୀ ଏବେ ପରିବହନ ବିଭାଗର ଯୁଗ୍ମ କମିଶନର ପାହ୍ୟାରେ ଅଛନ୍ତି। ଆରଟିଓ ଦାୟିତ୍ୱ ସହିତ ଉକ୍ତ ଅଧିକାରୀ ସରକାରୀ ମୋଟରଯାନ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଭଳି ଗୁରୁଦାୟିତ୍ୱ ବି ସମ୍ଭାଳିଛନ୍ତି। ସେହଭଳି କଟକରେ ଥିବା ଅରତିରିକ୍ତ ଆରଟିଓ ଉପ ପରିବହନ ଆୟୁକ୍ତ ପଦବୀକୁ ଗଲେଣି। ମୟୁରଭଞ୍ଜ ଆରଟିଓ ଦାୟିତ୍ୱରେ ରହିଛନ୍ତି ସମ୍ବଲପୁରର ଉପପରିବହନ ଆୟୁକ୍ତ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ଆରଟିଓ ଦାୟିତ୍ୱ ତୁଲାଉଛନ୍ତି ଗଞ୍ଜାମ ଠାରେ ଥିବା ଦକ୍ଷିଣାଞ୍ଚଳ ଉପ ପରିବହନ ଆୟୁକ୍ତ। ଭଦ୍ରକ ଆରଟିଓ ଦାୟିତ୍ୱ ବାଲେଶ୍ୱର ଉପପରିବହନ ଆୟୁକ୍ତ ତୁଲାଉଛନ୍ତି। ସେହିଭଳି ଯାଜପୁର ଆରଟିଓ ଦାୟିତ୍ୱ ସମ୍ଭାଳିଛନ୍ତି କଟକ ଠାରେ ଟିକସ, ଖଜଣା ଆଦାୟ ଓ ସମୀକ୍ଷା ପାଇଁ ଥିବା ପରିବହନ ଆୟୁକ୍ତ। ରାଜ୍ୟରେ ଏବେ ଦୈନିକ ହାରାହାରି ୧୫ ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବାବେଳେ ୨୮ଜଣ ଆହତ ହେଉଥିବା ସୂଚନା ବିଧାନସଭାରେ ଦିଆଯାଇଛି। (ତଥ୍ୟ)

## ଧାରଣାରେ ଜନନୀ ସୁରକ୍ଷା ଗାଡ଼ି ମାଲିକ




ଭୁବନେଶ୍ୱର,୧୬। ୧୨(ସଂଚାର ବ୍ୟୁରୋ): ଦୀର୍ଘ ୪ ମାସ ଧରି ଗାଡ଼ି ବାବଦରେ ମିଳିନାହିଁ ଟଂକା। ଟଙ୍କା ମିଳିନଥିବା କାରଣରୁ ବାଧ୍ୟ ହୋଇ ଧାରଣା ରେ ଯାଇଛନ୍ତି ସମୂହ ମାଲିକ ସଂଘ। ୩୦୦ ସହ ମାଲିକ ଆଜି ଧାରଣାରେ ଥିବା ବେଳେ ଜନନୀ ସୁରକ୍ଷା ଗାଡ଼ି ଚଳିତ ମାସ ୧୦ ତାରିଖରୁ ରାଜ୍ୟ ସାରା ଗଡୁ ନାହିଁ। ଚକା ବନ୍ଦ ଆନ୍ଦୋଳନ କରିବା ପରେ ବି ଚିର ନିଦ୍ରାରେ ସରକାର ଓ ପ୍ରଶାସନ। ସରକାରଙ୍କ ପାଖକୁ ଦଉଡ଼ି ଦଉଡ଼ି ବି କାହା ପାଖରେ ଉତ୍ତର ନାହିଁ।ସରକାର କହୁଛନ୍ତି ତୁମେ ମାନେ କାର୍ଯ୍ୟରତ କମ୍ପାନୀ କୁ ଆମେ ଟଂକା ଦେଇଦେଇଚୁ। ସେମାନଙ୍କ ସହ କଥା ହୁଅ, ସେପଟେ କମ୍ପାନୀ କହୁଛି ଟଙ୍କା ନାହିଁ। କିଏ ସତ୍ କହୁଚି କିଏ ମିଛ ହେଲେ ୪ ମାସ ଧରି ବିନା ଟଙ୍କାରେ ଗାଡ଼ି ଲଗେଇ ବି ମିଳିଲା ନାହିଁ ଟଙ୍କା। ଅସୁବିଧାର ର ସମ୍ମୁଖୀନ ହେଲେଣି ସେମାନେ। କାହାର ମେଡିକାଲ ସମସ୍ୟା ତ କାହାର ପିଲାଙ୍କ ପାଠ ପଢା ପାଇଁ ଟଂକା ଦରକାର ତ ପୁଣି କିଏ ଲୋନ ଟଙ୍କା ସୁଜିବ ହେଲେ କେହି ଶୁଣୁ ନାହାନ୍ତି ବୋଲି ଗାଡ଼ି ମାଲିକ ସଂଘ କରିଛନ୍ତି ଅଭିଯୋଗ।

ଜୀବନ ଅମୃତ ଅନୁଚିନ୍ତା

ମହାପୁଣ୍ୟ- ଦାନ, ଧର୍ମ ଏବଂ ଅନ୍ୟର ଉପକାର କରିବା ପୁଣ୍ୟକାମ। ଅନ୍ୟର ଜୀବନ ରକ୍ଷା ମଧ୍ୟ ମହାପୁଣ୍ୟ। କିନ୍ତୁ ଜଣେ ଭୋକିଲାକୁ ଖାଦ୍ୟ ଦେବ, ନିରାଶ୍ରୟଙ୍କୁ ଆଶ୍ରୟ ଦେବାଠାରୁ ମହତ କାର୍ଯ୍ୟ ସଂସାରରେ ଆଉ କିଛି ନାହିଁ। ଏହା ହିଁ ମହାପୁଣ୍ୟ।

SANCHAR
ସଂଚାର

୪ ମଙ୍ଗଳବାର ୧୭ ଡିସେମ୍ବର ୨୦୨୪, ଭୁବନେଶ୍ୱର
Tuesday 17 December 2024 Bhubaneswar

# ଦମନମୂଳକ କାର୍ଯ୍ୟାନୁଷ୍ଠାନ

ସତୁରୀ ଦଶକରେ ପଶ୍ଚିମବଙ୍ଗରେ କଂଗ୍ରେସର ସିଦ୍ଧାର୍ଥ ଶଙ୍କର ରାୟ ମୁଖ୍ୟମନ୍ତ୍ରୀ ଥିବା ବେଳେ ନକ୍ସଲ ମୁକାବିଲା ନିମନ୍ତେ କଡ଼ା ପଦକ୍ଷେପ ନେଇଥିଲେ। ଫଳରେ ରାଜ୍ୟରୁ ନକ୍ସଲପନ୍ଥୀ ମାନେ ଏକରକମ ମୂଳପୋଛ ହୋଇଗଲେ। ଏହାକୁ ଅନେକ ମାନବାଧିକାର ଉଲ୍ଲଂଘନ ବୋଲି କହିଲେ। କିନ୍ତୁ ଏହା ବ୍ୟତିତ ଅନ୍ୟ ପନ୍ଥା ନଥିଲା। ଜଣେ ଉଗ୍ରବାଦୀ ୧୦ଜଣଙ୍କୁ ମାରିବା ପୂର୍ବରୁ ତାଙ୍କୁ ନିପାତ କରିବା ଜରୁରୀ। ଏହା ହିଁ ସଠିକ ନୀତି। ଏବେ କେନ୍ଦ୍ର ସରକାର ବିଶେଷ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଠିକ ସେହିନୀତି ଅପଣାଇଛନ୍ତି। ଫଳରେ ଭାରତରେ ମାଓବାଦ ଧିରେ ଧିରେ ବିଲୁପ୍ତ ହେଉଛି। ବିଗତ ବହୁ ବର୍ଷ ଧରି ଭାରତ ବାମପନ୍ଥୀ ଉଗ୍ରବାଦ ସମସ୍ୟା ସହ ଲଢ଼ି ଆସୁଛି। ପଶ୍ଚିମବଙ୍ଗରୁ ଆରମ୍ଭ ହୋଇ ଏହା ଦେଶରେ ୮ ରାଜ୍ୟକୁ ପରିବ୍ୟାପ୍ତ ହୋଇଛି। ଏହାର ମୁକାବିଲା ନିମନ୍ତେ କ୍ରମାଗତ ଉଦ୍ୟମ ସତ୍ତ୍ୱେ ବିଶେଷ ସୁଫଳ ମିଳୁନଥିଲା। କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗଠିତ ହେବା ପରେ ମାଓବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେଲା। ଏବେ ମାଓଦମନ ଅଭିଯାନ ଅନେକାଂଶରେ ସଫଳ ହେବା ପରି ମନେ ହେଉଛି। ପଶ୍ଚିମବଙ୍ଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଏହି ରଣନୀତି ଆପଣାଇ ରାଜ୍ୟକୁ ଏକରକମ ନକ୍ସଲମୁକ୍ତ କରିଥିଲେ। ଏବେ ଗୃହମନ୍ତ୍ରୀ ଅମିତ ଶାହା ଠିକ ସମାନ ରଣନୀତି ଆପଣାଇ ସଫଳତା ପାଇଛନ୍ତି। ଅବଶ୍ୟ ଗୋଟିଏ ରାଜ୍ୟରେ ସଫଳତା ଏବଂ ସାରା ଦେଶରେ ମାଓଦମନ ଅଭିଯାନରେ ସଫଳତା ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ନିକଟରେ ଗୃହ ମନ୍ତ୍ରୀ ଶ୍ରୀ ଶାହା ଦିଲ୍ଲୀରେ ୮ ମାଓ ଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଉଦବୋଧନ ଦେଇ ମାଓବାଦୀ ସମସ୍ୟାର ସମାଧାନ ଲାଗି କିଛି ପରାମର୍ଶ ଦେଇଛନ୍ତି। ଦେଶରେ ମାଓ ସମସ୍ୟାର ସମାଧାନ ଲାଗି ନିଆ ଯାଇଥିବା ପଦକ୍ଷେପ ଯୋଗୁଁ ଏଥିରେ ଅନେକାଂଶରେ ସଫଳତା ମିଳିଛି। ଅନେକ ଜିଲ୍ଲାରୁ ମାଓବାଦୀଙ୍କ ପ୍ରଭାବ କମିଛି ବା ସମ୍ପୂର୍ଣ୍ଣ ଲୋପ ପାଇଛି। ସବୁଠାରୁ ଅଧିକ ମାଓ ପ୍ରଭାବିତ ରାଜ୍ୟଭାବେ ପରିଚିତ ଛତିଶଗଡ଼ରେ ସୁରକ୍ଷା ବାହିନୀର କ୍ରମାଗତ ଉଦ୍ୟମ ଯୋଗୁଁ କେବଳ ଚଳିତ ବର୍ଷ ୧୮୦ଜଣ ମାଓବାଦୀ ନିହତ ହେଲେଣି। ଅନେକ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିଛନ୍ତି। ମାଓ ଉପଦ୍ରୁତ ଅଞ୍ଚଳର ଆର୍ôଥକ ଏବଂ ସାମାଜିକ ବିକାଶ ଲାଗି ପରିସ୍ଥିତିରେ ସୁଧାର ଆସିଛି। ତେବେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିବାକୁ ମଝିରେ ମଝିରେ ହତ୍ୟା, ଅପହରଣ ଏବଂ ବିସ୍ଫୋରଣ କରୁଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀମାନେ ଜଣେ ଶିକ୍ଷା ଦୂତଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ କାମ ଥିଲା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣି ସ୍କୁଲକୁ ଆଣିବା, ବନ୍ଦ ହୋଇପଡ଼ିଥିବା ସ୍କୁଲକୁ ପୁନର୍ବାର ଖୋଲିବା। ଏହାକୁ ମାଓବାଦୀମାନେ ବିରୋଧ କରି ତାଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ଶିକ୍ଷାର ପ୍ରସାର ହେଉ, ଲୋକେ ସଭ୍ୟ, ଶିକ୍ଷିତ ହୋଇ ସଚେତନ ହୁଅନ୍ତୁ ଏହା ସେମାନେ ଚାହାଁନ୍ତି। ନାହିଁ। ଏହା କେଉଁ ଆଦର୍ଶ ଏବଂ କେଉଁ ନୀତି ତାହା ଜଣାପଡୁନି। ବିଶ୍ୱରେ ଯେତେ ନୀତି, ଆଦର୍ଶ ରହିଛି କେଉଁଥିରେ ଶିକ୍ଷାକୁ ବିରୋଧ କରାଯାଇନି। ମାଓବାଦୀମାନେ ଯାହା କରୁଛନ୍ତି ତାହା ତାଲିବାନୀ ଏବଂ ଅଲକାଏଦା ଆଫଗାନିସ୍ତାନରେ କରୁଛି। ଦିଲ୍ଲୀରେ ଅମିତ ଶାହା ମାଓଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ କହିଛନ୍ତି ଯେ, ମାଓବାଦୀଙ୍କ ବିରୋଧରେ କ୍ରମାଗତ ଅଭିଯାନ ଦ୍ୱାରା ମାଓ ସଙ୍ଗଠନ ଏବେ ଅତ୍ୟନ୍ତ ଦୁର୍ବଳ ହୋଇଗଲାଣି। ଏବେ ଶେଷ ପ୍ରହାରର ଆବଶ୍ୟକତା ପଡୁଛି। ୨୦୨୬ ସୁଦ୍ଧା ଦେଶରୁ ମାଓ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ ବୋଲି ସେ ପୁଣି ଥରେ ଦୋହରାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୧୦ ବର୍ଷ ଭିତରେ ଦେଶରେ ମାଓ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୩ରେ ମାଓ ହିଂସାରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି। ଏହା କିଛି କମ କଥା ନୁହେଁ। ଓଡ଼ିଶାରେ ମଧ୍ୟ ମାଓବାଦୀ ସମସ୍ୟା ଅନେକାଂଶରେ ହ୍ରାସ ପାଇଛି। ମାଲକାନଗିରିରେ ମାଓବାଦୀ ସମସ୍ୟା କିଛି ପରିମାଣରେ ରହିଛି। ବୌଦ୍ଧରେ ମଧ୍ୟ ଏହା ରହିଛି। କିନ୍ତୁ ଗଜପତି ଜିଲ୍ଲାରେ ଏହା ଅନେକାଂଶରେ ହ୍ରାସ ପାଇଛି। କିନ୍ତୁ ବାସ୍ତବ କଥା ହେଲା ମାଓବାଦୀମାନେ ଏବେ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଏବେ ଆକ୍ରମଣ ନୁହେଁ, ଆତ୍ମରକ୍ଷା ଲାଗି ଉଦ୍ୟମ କରୁଛନ୍ତି। ଅମିତ ଶାହା ଯାହା କହିଛନ୍ତି ଠିକ କହିଛନ୍ତି। ସେମାନଙ୍କୁ ଏବେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ମାଓବାଦୀଙ୍କୁ ବିଭିନ୍ନ ସୂତ୍ରରୁ ଆସୁଥିବା ସହାୟତାକୁ ବନ୍ଦ କରିବାକୁ ପଡ଼ିବ। ମାଓ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଥରେ ସମୀକ୍ଷା କରିବେ, ଡିଜିପି ମାନେ ପ୍ରତି ୧୫ ଦିନରେ ଥରେ ଜିଲ୍ଲା ସ୍ତରରେ ସ୍ଥିତି ସମୀକ୍ଷା କରିବେ ବୋଲି ଶାହା ନିର୍ଦ୍ଦେଶ ଦେଇଛନ୍ତି। ଅମିତ ଶାହାଙ୍କ ଏହି ନିର୍ଦ୍ଦେଶକୁ ମୁଖ୍ୟମନ୍ତ୍ରୀମାନେ ପାଳନ କଲେ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଶା। ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମାଓ ମୁକାବିଲା ଲାଗି ଅଧିକ ଫୋର୍ସ ଏବଂ ହେଲିକପ୍ଟର ମାଗିଛନ୍ତି। ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି କ୍ଷମତାରେ ରହିଛି। ରାଜ୍ୟରେ ବହୁ ପ୍ରତୀକ୍ଷିତ ଡବଲ ଇଞ୍ଜିନ ସରକାର ଚାଲିଛି। ଏବେ ଯଦି ରାଜ୍ୟରୁ ମାଓବାଦୀ ସମସ୍ୟାର ସମାଧାନ ନହୋଇପାରିବ, ତେବେ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ।

# ଜନଗଣନା କେତେ ଜରୁରୀ

**ଜଗନ ମୋହନ ମହାନ୍ତି**

ଖୁବ ଶୀଘ୍ର ଦେଶରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଭାରତ ସରକାର କହିଛନ୍ତି। ତେବେ ଜାତି ଭିତ୍ତିକ ଜନଗଣନା ହେବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏଥିପାଇଁ ପ୍ରାୟ ୬ ମାସ ଲାଗିଯିବ। ୧୮୮୧ରେ ପ୍ରଥମେ ଭାରତରେ ଜନଗଣନା ଆରମ୍ଭ ହୋଇଥିଲା ଏବଂ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ। ସେହି ଅନୁଯାୟୀ ୨୦୨୧ରେ ଭାରତରେ ଜନଗଣନା ହେବାର ଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଏହା ସମ୍ଭବ ହୋଇନଥିଲା। ତେଣୁ ଏଥର ପ୍ରାୟ ୪ ବର୍ଷ ବିଳମ୍ବରେ ଜନଗଣନା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ବାସ୍ତବ ଜନସଂଖ୍ୟା ସ୍ପଷ୍ଟ ହେବ ଏବଂ ସେହି ଅନୁଯାୟୀ ବିଭିନ୍ନ ଯୋଜନା ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବ। ଚୀନକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁ ରାଷ୍ଟ୍ରର ମାନ୍ୟତା ପାଇଛି। ଯଦିଓ ଭାରତରେ ଜନଗଣନା ୨୦୧୧ ପରେ ହୋଇନାହିଁ କିନ୍ତୁ ଜାତିସଂଘ ପକ୍ଷରୁ ବୈଜ୍ଞାନିକ ବଦ୍ଧତି ଅବଲମ୍ବନ କରାଯାଇ ଏହା ନିର୍ଦ୍ଧାରଣ କରାଯାଇଛି। ଜାତିସଂଘର ଆକଳନ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୨ କୋଟି ୮୬ ଲକ୍ଷ ଥିବା ବେଳେ ଚୀନର ଜନସଂଖ୍ୟା ୧୪୨ କୋଟି ୫୭ ଲକ୍ଷ। ପ୍ରତି ମୁହୂର୍ତ୍ତରେ ଏହି ସଂଖ୍ୟା ବଦଳୁଛି। ଏବେ ଭାରତର ଜନସଂଖ୍ୟା ଯେଉଁ ହାରରେ ବଢ଼ୁଛି ସେଥିରେ ଚୀନ ଆଉ ଭାରତକୁ ଅତିକ୍ରମ କରିବା ସମ୍ଭବ ନୁହେଁ। ବିଭିନ୍ନ କାରଣରୁ ଚୀନରେ ଜନ୍ମହାର କମିବା ଫଳରେ ସେଠାରେ ଜନସଂଖ୍ୟା ହ୍ରାସ ପାଇଛି ଯାହା ସେହି ଦେଶ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ଜନସଂଖ୍ୟା ବୃଦ୍ଧି ନିମନ୍ତେ ଚୀନ ଅନେକ ଯୋଜନା କରୁଥିଲେ ମଧ୍ୟ ଏହାର ତତ୍କାଳ ସୁଫଳ ମିଳୁନି। ଅନ୍ୟ ପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାରତ ଗତ ୬୦ ବର୍ଷ ହେବ ବରାବର ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଅନେକ ସୁଚିନ୍ତିତ ଯୋଜନା ହୋଇଛି, ଶହ ଶହ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ତଥାପି ଲୋକେ ସଚେତନ ହେଉ ନାହାଁନ୍ତି। ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାର ଏବେ କମିଛି, ଅର୍ଥାତ ଯେଉଁ ବେଗରେ ଜନସଂଖ୍ୟା ବୃଦ୍ଧି ପାଉଥିଲା ତାହା କମିଛି। କିନ୍ତୁ ଏହା ସତ୍ତ୍ୱ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇପାରିନାହିଁ। ଲୋକଙ୍କ ଭିତରେ ଏ ଯାବତ ସେତିକି ସଚେତନତା ସୃଷ୍ଟି ହୋଇନାହିଁ। ଅନେକ ଏହାକୁ ଏକ ବ୍ୟକ୍ତିଗତ ଅଧିକାର ବୋଲି ବିଚାର କରୁଛନ୍ତି। କିନ୍ତୁ ଏହା ଏକ ରାଷ୍ଟ୍ରୀୟ ସମସ୍ୟା, ସମଗ୍ର ମାନବ ଜାତି ପ୍ରତି ଏକ ଆହ୍ୱାନ ସେ କଥା କେହି ବିଚାର କରୁନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ହିଁ ଭାରତର ଦାରିଦ୍ର୍ୟ ଏବଂ ଅନଗ୍ରସରତାର ମୁଖ୍ୟ କାରଣ। ୭୫ ବର୍ଷ ତଳେ ଭାରତ ଯେତେବେ ସ୍ୱାଧୀନ ହେଲା ସେତେବେଳେ ଭାରତର ଜନସଂଖ୍ୟା ଥିଲା ୩୫ କୋଟି। ୭୫ ବର୍ଷ ଭିତରେ ଏହା ୪ ଗୁଣରୁ ଅଧିକ ହୋଇଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ପରିବର୍ତ୍ତେ ୭୦ କୋଟିରେ ସୀମିତ ରହିଥାନ୍ତା ତେବେ ଏହା ବିଶ୍ୱର ସବୁଠାରୁ ଧନଶାଳୀ ଓ ଶକ୍ତିଶାଳି ରାଷ୍ଟ୍ରର ମାନ୍ୟତା ପାଇଥାନ୍ତା। ଆମେରିକା ପଛରେ ପଡ଼ି ଯାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତବାସୀ ଆଜି ପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱ ଦେଉ ନାହାଁନ୍ତି। ପରିବାର ନିୟନ୍ତ୍ରଣ ଯୋଜନା ଅନେକଙ୍କ ପାଇଁ କେବଳ ଏକ ପ୍ରଚାର ସର୍ବସ୍ୱ ଆହ୍ୱାନ ହୋଇ ରହିଯାଇଛି। ଯେଉଁମାନେ ଅଶିକ୍ଷିତ, ଅନଗ୍ରସର ସେମାନଙ୍କ କଥା ଭିନ୍ନ। କିନ୍ତୁ ଭାରତରେ ଅନେକ ଶିକ୍ଷିତ, ସଚେତନ ବ୍ୟକ୍ତି ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ଆଜି ପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜାତୀୟ ସମ୍ବଳ ବହୁଧା ବିଭାଜିତ ହେଉଛି। ଗରୀବ ଆହୁରି ଗରୀବ ହେଉଛି। ବେକାରୀ ସମସ୍ୟା ଉତ୍କଟ ହେଉଛି। ବେକାରୀ ଓ ଦାରୀଦ୍ର୍ୟ ବୃଦ୍ଧି ଯୋଗୁଁ ସମାଜରେ ଅପରାଧ ବଢ଼ି ଚାଲିଛି। ଗୋଟିଏ ବାକ୍ୟରେ କହିଲେ ଜନସଂଖ୍ୟା ବୃଦ୍ଧି ଉଭୟ ସାମାଜିକ ଏବଂ ଅର୍ଥନୈତିକ ସମୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଭାରତରେ ଏବେ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଆଇନକୁ କଡ଼ାକଡ଼ି କରିବା ସପକ୍ଷରେ ମତ ପ୍ରକାଶ ପାଉଛି। କିଛି ବର୍ଷ ନିମନ୍ତେ ଏହାକୁ ଲାଗୁ କରାଗଲେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ। କେତେକ ଏହାକୁ ମାନବାଧିକାର ଉଲ୍ଲଘଂନ ବୋଲି କହୁଛନ୍ତି। ଏହା ବ୍ୟକ୍ତି ସ୍ୱାଧୀନତାକୁ ବିପନ୍ନ କରିବ



ବୋଲି କୁହାଯାଉଛି। କିନ୍ତୁ ରାଷ୍ଟ୍ରର ସ୍ୱାର୍ଥ ଆଗରେ ବ୍ୟକ୍ତି ସ୍ୱାର୍ଥକୁ ବଳି ଦିଆଯିବା ନିହାତି ଜରୁରୀ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ସଂକୀର୍ଣ୍ଣ ଏବଂ ରୁଗ୍‌ଣ ଚିନ୍ତାଧାରା ସମ୍ପନ୍ନ। ଦେଶର ହିତ ପାଇଁ ସେମାନେ ସାମାନ୍ୟ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାଁନ୍ତି। ଏଭଳି ପରିସ୍ଥିତିରେ କଡ଼ା ଆଇନ ପ୍ରଣୟନ ନିହାତି ଜରୁରୀ। ଏଥିରେ ଆଉ ଅଧିକ ବିଳମ୍ବ ସ୍ପୃହଣୀୟ ନୁହେଁ। ଜାତିସଂଘର ଆକଳନ ଅନୁଯାୟୀ ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ ଭାରତର ଜନସଂଖ୍ୟା ଏଭଳି ବଢ଼ି ଚାଲିବ। ଜନସଂଖ୍ୟା ୧୬୫ କୋଟିରେ ପହଞ୍ଚିବା ପରେ ଏହା ସ୍ଥିର ହୋଇଯିବ ଏବଂ ପରେ ଏଥିରେ ହ୍ରାସ ପ୍ରକ୍ରିୟା ଆରମ୍ଭ ହେବ। ଏହା କେବଳ ଏକ ଅନୁମାନ ବା ଆକଳନ। ବାସ୍ତବତା ଏହାଠାରୁ ଭିନ୍ନ ହୋଇପାରେ। ଭାରତରେ ପ୍ରତି ଦଶ ବର୍ଷରେ ଥରେ ଜନଗଣନା ହୋଇଥାଏ। ୨୦୧୧ ପରେ ୨୦୨୧ରେ ଜନଗଣନା ହେବାର ଥିଲା। କିନ୍ତୁ କରୋନା ମହାମାରୀ ହେତୁ ଏହାକୁ ସ୍ଥଗିତ ରଖାଗଲା। ଆଶା କରାଯାଉଛି ୨୦୨୪ରେ ଜନଗଣନା ହେବ। ଏହା ପରେ ଭାରତର ବାସ୍ତବ ଜନସଂଖ୍ୟା ଜଣାପଡ଼ିବ। ଜାତିସଂଘର ରିପୋର୍ଟ ଅନୁଯାୟୀ ଭାରତର ମୋଟ ଜନସଂଖ୍ୟାର ୨୫ ପ୍ରତିଶତ ହେଉଛନ୍ତି ୧ରୁ ୧୪ ବର୍ଷ ବୟସର ଶିଶୁ। ୬୮ ପ୍ରତିଶତ ହେଉଛନ୍ତି ୧୫ରୁ ୬୪ ବର୍ଷ ବୟସ୍କ। ବାକି ୭ ପ୍ରତିଶତ ହେଉଛନ୍ତି ୬୫ ବର୍ଷ ବା ଏହାଠାରୁ ଅଧିକ ବୟସର। ଅର୍ଥାତ ଭାରତରେ ବୃଦ୍ଧଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ମାତ୍ର ୭ ପ୍ରତିଶତ। ୬୦ ପ୍ରତିଶତ ଲୋକ ହେଉଛନ୍ତି କାମ କରିବା ବୟସର। ଏହାର ସୁବିନିଯୋଗ କରାଯିବା ଉଚିତ। କିନ୍ତୁ ମାନବ ସମ୍ବଳର ସୁବିନିଯୋଗ ଏକ ସୀମିତ ସୀମା ପର୍ଯ୍ୟନ୍ତ ସମ୍ଭବ ହୋଇପାରିବ। ଏହାଠାରୁ ଅଧିକ ଆଶା କରାଯିବା ଅନୁଚିତ। ଏବେ ଭାରତ ସରକାର ତୁରନ୍ତ ଜନଗଣନା ଆରମ୍ଭ କରିବାକୁ ପଦକ୍ଷେପ ନେବା ଉଚିତ। ସଠିକ ଜନଗଣନା ରିପୋର୍ଟ ବିନା କୌଣସି ଯୋଜନାର ସଫଳ ରୂପାୟନ ସମ୍ଭବ ନୁହେଁ। ଜାତି ଭିତ୍ତିକ ଜନଗଣନା ଦାବିକୁ ଗୁରୁତ୍ୱ ନଦେଇ ଭାରତ ସରକାର କେବଳ କେତେ ପୁରୁଷ, କେତେ ମହିଳା, ବୟସ ଆଧାରରେ ଜନଗଣନା ଅଭିଯାନ ଆରମ୍ଭ କରିବା ଉଚିତ। ଏହା ସହିତ ଜନସଂଖ୍ୟା ନିୟନ୍ତ୍ରଣକୁ ଏକ ମିଶନ ମୋଡରେ ନେବା ଉଚିତ। ଯେଉଁମାନେ ଏହାକୁ ବିରୋଧ କରିବେ ସେମାନଙ୍କୁ ଦେଶବିରୋଧୀ ବୋଲି ବିବେଚନା କରାଯିବା ଉଚିତ। ଜନଗଣନା ବେଳେ ଅନେକ ତଥ୍ୟ ମିଳିଥାଏ। ମହିଳା ଓ ପୁରୁଷଙ୍କ ଅନୁପାତ, ସହର ଓ ଗ୍ରାମାଞ୍ଚଳ ବାସୀଙ୍କ ସଂଖ୍ୟା ଜଣାପଡ଼ିଥାଏ। ବିଭିନ୍ନ ଯୋଜନା ଲାଗି ଏହା ଜାଣିବା ଜରୁରୀ। ଆଶା ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ସହଯୋଗ କରିବେ ଏବଂ ଜନଗଣନା କାର୍ଯ୍ୟକ୍ରମ କିପରି ଶୀଘ୍ର ଶେଷ ହେବ ସେଥିଲାଗି ପ୍ରୟାସ କରିବେ। ନିର୍ବାଚନ ଅପେକ୍ଷା ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ଜଟିଳ କାର୍ଯ୍ୟ। ଏଥିରେ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ସେମାନଙ୍କ ସୁରକ୍ଷା ମଧ୍ୟ ନିହାତି ଜରୁରୀ। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ତେଣୁ ଏହା ଯେପରି ବ୍ୟର୍ଥ ନହୁଏ ସେଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ।

**କାଳୁପଡ଼ା, ଖୋର୍ଦ୍ଧା**

# ସେଲ୍‌ଫ ହାର୍ମ ଥିଙ୍କିଙ୍ଗ୍

**ଡାକ୍ତର ସମ୍ରାଟ କର**

ସକାଳୁ ବର୍ଷା ଲାଗି ରହିଥାଏ। ଅନେକ ସମୟ ଲମ୍ବା ରିଂ ପରେ ଦେଖିଲେ ସୁଦୂର କାଲିଫର୍ଣ୍ଣିଆରୁ ଫୋନ କରିଛନ୍ତି ବାନ୍ଧବୀ ନିରୁପମା। ନିରୁପମା ତାଙ୍କ ପୁଅ ସୌମ୍ୟସାଇ ସିଦ୍ଧାର୍ଥକୁ ନେଇ କେଜାଣି କାହିଁ ଭାରି ଚିନ୍ତିତ। ତାଙ୍କ କହିବା ମୁତାବକ ପିଲାଟି ହିଂସାତ୍ମକ ବା ଅଭଦ୍ର ଆଚରଣର ନୁହଁ କିନ୍ତୁ କେଜାଣି କାହିଁକି ବେଳେ ବେଳେ ଉତ୍ତେଜିତ ହୋଇଯାଇ ନିଜର କିଛି ଗୋଟିଏ ଛୋଟବଡ଼ ଶାରୀରିକ କ୍ଷତି କରି ବସୁଛି। ଯାହାକି ପରବର୍ତ୍ତୀ ସମୟରେ ମାନସିକ ଅସ୍ଥିରତା ଓ ଘରେ ଅଶାନ୍ତିର ଝଡ଼ ଦେଖିବା ପାଇଁ ମିଳୁଛି। ମୁଁ ତାଙ୍କ ଠାରୁ ସବିଶେଷ ଶୁଣିବା ପରେ କହିଲି ବର୍ତ୍ତମାନର ସମୟରେ ଯୁବିପିଢ଼ିଙ୍କ ମଧ୍ୟରେ ଏବେ ଏକ ଅଜବ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। କୌଣସି କାର୍ଯ୍ୟରେ ଅସଫଳ ହେଲେ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟୁଛି ଏବଂ ସେମାନେ ନିଜ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରି ସମୟରେ ସେମାନଙ୍କ ଠାରେ ସେଲ୍‌ଫ ହାର୍ମ ଥିଙ୍କିଙ୍ଗ ବୃଦ୍ଧି ପାଉଥିବା ଦେଖାଯାଉଛି। ଏହା ଏକ ମାନସିକ ନୁହଁ ବ୍ୟବହାରିକ ରୋଗ। ଯେଉଁଥିରେ ସୁଇସାଇଡ଼ର ଇଛା ନଥାଇ ଉଦ୍ଦେଶ୍ୟମୂଳକ ଭାବରେ ନିଜର ଶାରୀରିକ କ୍ଷତି କରାଯାଏ।

ସେଲ୍‌ଫ ହାର୍ମ ବିଭିନ୍ନ ପ୍ରକାରର ରହିଛି। ଉଦାହରଣ ହେଉଛି ତୀକ୍ଷ୍ଣ ବସ୍ତୁ କିମ୍ବା ଉତ୍ତାପ ସାହାଯ୍ୟରେ ହାତର ଚର୍ମକୁ ଆଘାତ ପହଞ୍ଚାଇବା। ସହିପରି ଅତ୍ୟଧିକ ଔଷଧ ସେବନ, ନିଜ ଶରୀରକୁ ଜଳାଇବା, କୌଣସି କଠିନ ବସ୍ତୁକୁ ମୁଥା ମାରିବା, ନିଜ ମୁଣ୍ଡ ପିଟିବା ଆଦି କାର୍ଯ୍ୟ ସେଲ୍‌ଫ ହାର୍ମ ଥିଙ୍କିଙ୍ଗରେ ଅନ୍ତର୍ଭୁକ୍ତ। ଏହି ଭାବନା ଆସିବାର ମୁଖ୍ୟ କାରଣ ପାରିବାରିକ ସମସ୍ୟା। ଏହାଛଡ଼ା ଶାରୀରିକ ଓ ମାନସିକ ଶୋଷଣ, ଦୀର୍ଘଦିନ ଡିପ୍ରେସନରେ ରହିବା, ଏକୁଟିଆପଣ ଆଦି ସମସ୍ୟା ଯୋଗୁଁ ସେଲ୍‌ଫ ହାର୍ମ ଥିଙ୍କିଙ୍ଗ ଆସିପାରେ। ଏଥିରୁ ବର୍ତ୍ତିବା ଲାଗି ନିଜ ସମସ୍ୟା ତଥା ଭାବନାକୁ ସାଙ୍ଗ ଓ ପରିବାର ଲୋକଙ୍କ ସହ ସେୟାର କରନ୍ତୁ। ଏହା ବ୍ୟତୀତ ପ୍ରୋବ୍ଲେମ ସଲଭିଂ ଥେରାପୀ, କଗ୍ନିଟିଭି ଥେରାପୀ ଏବଂ ସାଇକୋଡିନାମିକ ଥେରାପୀର ସାହାଯ୍ୟ ନେଇ ପାରିବେ। ମାନସିକ ଶାନ୍ତି ଲାଗି ଯୋଗ ଓ ଧ୍ୟାନ କରିବା ସହ ଭ୍ରମଣରେ ଯାଇପାରିବେ। ଏହାଛଡ଼ା ଡେଲି ଡାଏରୀରେ ମେଣ୍ଟେନ କରିପାରିବେ। ସଙ୍ଗୀତ ଶୁଣିପାରିବେ କିମ୍ବା ଚିତ୍ର ଆଙ୍କି ପାରିବେ।

ବାସ୍ତବରେ ସେଲ୍‌ଫ ହାର୍ମ ଥିଙ୍କିଙ୍ଗ ଏକ ସେପରି ମାନସିକ



ଅସନ୍ତୁଳନ ନୁହେଁ। ଏହାର ନିରାକରଣ କ୍ଷେତ୍ରରେ ପୀଡ଼ିତର ପାଖରେ ରହୁଥିବା ଲୋକ ବା ସେ ପ୍ରତିଦିନ ମିଳାମିଶା କରୁଥିବା ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। କୌଣସି ପରିସ୍ଥିତିରେ ପୀଡ଼ିତ ଜଣଙ୍କୁ ବିରକ୍ତି କରନ୍ତୁ ନାହିଁ କିମ୍ବା ସେ ଦୁଃଖିତ ହେଲା ପରି ବା ଉତ୍ତେଜିତ ହେଲା ପରି କୌଣସି କାର୍ଯ୍ୟ କରନ୍ତୁ ନାହିଁ। ତାଙ୍କ ପାଇଁ ଏକ ଭଲ ରୁଟିନ ବନ୍ଧା ଜୀବନ ତିଆରି କରନ୍ତୁ। ସୁଷମ ଖାଦ୍ୟ, ତଟକା ପନିପରିବା, ନିରାମିଷ ଖାଦ୍ୟ, ଶାଗ ଓ ତଟକା ଫଳ ବହୁତ ଭଲ କାମ ଦେବ। ଯୋଗପ୍ରାଣାୟମ ବା ମର୍ଣ୍ଣିଂ ୱାର୍କ ଏକ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ସେ ଯେପରି ଦୂରେଇ ରହିବେ ସେ ଦିଗଟିକୁ ଦେଖନ୍ତୁ। ଉଚିତ ସମୟରେ ଖାଇବା ସହିତ ନିର୍ଦ୍ଧାରିତ ସମୟରେ ଯେପରି ସେ ବିଶ୍ରାମ ନିଅନ୍ତି ସେ ଦିଗଟିକୁ ଦେଖନ୍ତୁ। ତେବେ ତାଙ୍କ ମାନସିକ ଅସନ୍ତୁଳନ କ୍ଷେତ୍ରକୁ ଲକ୍ଷ୍ୟ ରଖି ଅକସ୍ମାତ କୌଣସି କ୍ଷୟକ୍ଷତି କରିବା ପୂର୍ବରୁ ତାଙ୍କ ପାଖରେ ରହୁଥିବା ଲୋକମାନଙ୍କର ସତର୍କ ନଜର ରହିବା ମଧ୍ୟ ଜରୁରୀ। କାରଣ ଏ କ୍ଷେତ୍ରରେ ପୀଡ଼ିତମାନେ ମଧ୍ୟ ନିଦରୁ ହଠାତ ଉଠି ପଡ଼ି କୌଣସି ଅଭାବନୀୟ ଘଟଣା ଘଟାଇବାର ମଧ୍ୟ ସମ୍ଭାବନା ଅଛି। ତେଣୁ ପୀଡ଼ିତର ପାଖ ଲୋକମାନେ ଅଧିକ ସମସ୍ୟା ଅନୁଭବ କଲେ କିମ୍ବା ପୀଡ଼ିତର ଆଚରଣ ଅସ୍ୱାଭାବିକ ଦେଖିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସା ବା ଗୁଣି ଗାରେଡ଼ି ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାକୁ ଗ୍ରହଣ କରନ୍ତୁ ନାହିଁ। ଆପଣଙ୍କ ଧୈର୍ଯ୍ୟ ଓ ଡାକ୍ତରଙ୍କ ଉପରେ ବିଶ୍ୱାସ ପୀଡ଼ିତକୁ ନିଶ୍ଚିନ୍ତ ଆରୋଗ୍ୟ ପ୍ରଦାନ କରି ଏକ ନୂଆ ଜୀବନ ଅଭିମୁଖେ ରାସ୍ତା ଦେଖାଇବ।

**ମାନସିକ ରୋଗ ବିଶେଷଜ୍ଞ, ଦି ବ୍ରେନ**
**ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**

# ଭ୍ରଷ୍ଟାଚାର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଏହି ଶବ୍ଦଟି ଅନେକ କ୍ଷେତ୍ରରେ ଲାଗିପାରେ। ଗ୍ରହଟି କକ୍ଷଚ୍ୟୁତ ହେଲେ ତାର ପାଇଁ ଧାର୍ଯ୍ୟ ଗତିର ସମୟ ସୀମା ତାର ଅନୁକୂଳ ଫଳ ପ୍ରତିକୂଳ ଫଳ ଯାହା ନିୟମାକ ମାନେ ଧାର୍ଯ୍ୟ ରଖିଛନ୍ତି ତାହା ଗଣ୍ଡଗୋଳ ହୋଇଥାଏ। ସେ ପରି ଭ୍ରଷ୍ଟାଚାରୀକୁ କୌଣସି ପ୍ରକୃତର ନିମୟରେ ରହିବାରେ ଚଳିବା ଦେଖାଯାଏ ନାହିଁ। ଅଭାବରୁ ସ୍ୱଭାବ ନଷ୍ଟ। ଅଭାବ କାହିଁକି ହୁଏ? ଗୃହୀଜନରେ ଥିଲାବାଲା ଅଛନ୍ତି ନଥିଲାବାଲା ଅଛନ୍ତି। ନଥିଲାବାଲା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଚାଲୁଥିଲେ କଷ୍ଟରେ ନିଜର ଜୀବନ ନିର୍ବାହ କରୁଥିବେ। ଖାଦ୍ୟ ମୁଠିକ ପାଇଁ କୁଟୁମ୍ବ ଚଳାଇବା ପାଇଁ ଅତି ପରିଶ୍ରମ କରୁଥିବେ। ମାତ୍ର ସେମାନେ ଏହି ପର୍ଯ୍ୟାୟରୁ ମୁକ୍ତି ପାଇଁ ଯଦି ଚୋରୀ ତସ୍କରୀ ନଷ୍ଟ ଚରିତ୍ର ହୁଅନ୍ତି ତେବେ ଭ୍ରଷ୍ଟ ହୋଇ ଥିଲାବାଲା ହୋଇପାରନ୍ତି ମାତ୍ର ସାମାଜିକ ବାଛନ୍ଦରେ ଧରାପଡ଼ି ହୋଇଥାନ୍ତି ଏହାପରେ ଦୁଃଖ ଆହୁରି ବଢ଼େ। ଥିଲାବାଲା ଆହୁରି ଦ୍ରୁତ ଅର୍ଜନ ପାଇଁ ଅନ୍ୟାୟ ପଥ ଧରି ପାରନ୍ତି। ବାଣିଜ୍ୟ କରୁଥିଲେ ଯେଉଁ ବିଶ୍ୱାସ ସେ ପ୍ରଥମେ ଅର୍ଜନ କରିଥାନ୍ତି ତାହା ବଣିକ ଦ୍ରବ୍ୟରେ ମିଶ୍ରଣ କରି ରାତି ରାତି ବଡ଼ଲୋକର ସ୍ୱପ୍ନ ତାଙ୍କୁ ଭ୍ରଷ୍ଟ କରାଏ। ଓଜନରେ କାମ ଦେଇ ଦ୍ରବ୍ୟର ମୂଲ୍ୟ ଚଢ଼ା ନେଲେ ସେ ଭ୍ରଷ୍ଟ ହୋଇଥାନ୍ତି। ଅନେକ ଥିଲାବାଲା ଉଚିତ ମାର୍ଗରେ ଚଳୁଥିଲେ ବି କରଜ ଧାର ଲୋଭରେ ପଡ଼ି ଅଧିକ ଅର୍ଜନ ଚିନ୍ତାରେ ଯାଇ ନିଜର ଋଣଶୋଧ ଚିନ୍ତା ନକରି ଋଣ ଟଙ୍କାରେ ଅୟସ କରି ଲୋକଙ୍କୁ ଦେଖାଇ ହେବା ସ୍ତରକୁ ଆସିଥାନ୍ତି। ଋଣ ଅନାଦେୟରେ କେବେ ଘର ନିଲାମ, ଜମି ନିଲାମ ଗାଡ଼ି ଟଣା ହେଲାଣି ବାଣିଜ୍ୟ କାରଖାନା ନିଲାମ ହେଲେ ସେ ହେବେ ଭ୍ରଷ୍ଟ। ଧନ ଅଛି ଦେଖାଇ ହୋଇ ବନ୍ଧୁଙ୍କୁ ନଚିହ୍ନି ଧାର ଦେଇ ତାକୁ ଆଦାୟକ କରିବା ଦୁରୂହ ହେଲେ ସମ୍ପର୍କତିକ୍ତ। ଥାନା କୋର୍ଟ ଗୁଣ୍ଡାପାର୍ଟି ଖର୍ଚ୍ଚ ପାଇଁ ଧାବିତ ହେଲେ ଭ୍ରଷ୍ଟା ହେବାକୁ ହୁଏ। ଦରିଦ୍ର ଦିଗ ଖୋଲିଯାଏ। ଶସ୍ତାଲୋକ ପ୍ରିୟତା ପାଇଁ ପଣ୍ୟ ଦ୍ରବ୍ୟ ବିକ୍ରେତା ହୋଇ ବାକି ଦେଲେ ଦିନେ ଭ୍ରଷ୍ଟ ହେବାକୁ ମହାଜନଙ୍କ ପାଖରେ ବ୍ୟାଙ୍କର ପାଖରେ ହେବାକୁ ହୁଏ। ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି। ତରିବାକୁ ଏହି ସଂସାର ବାରିଧି। ଧର୍ମ କହିଲେ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଧର୍ମ କେବଳ ନୁହେଁ, ପ୍ରକୃତରେ ସବୁସ୍ତରରେ ସବୁ ବୟସରେ ସବୁ ଆଚରଣରେ ସବୁ ମୌଳିକରେ ସବୁ ଯୌଗିକରେ ଧର୍ମ ଅଛି। ଶିଶୁ ଅବୋଧ ଏହାକୁ ବାପମାଆ ଗୁରୁଜନ ବହୁ କ୍ଷେତ୍ରରେ କ୍ଷମା କରନ୍ତି। ଏଠାରେ କ୍ଷମା ଧର୍ମ ଶିଶୁପାଇଁ ଯାହା ଲାଗୁଛି ଜଣେ ବୟସ୍କ ଲୋକର ଗୁରୁତର ଭୁଲ ପାଇଁ ତାକୁ କେହି କ୍ଷମା କରନ୍ତି ନାହିଁ। ଏଠାରେ ଭୁଲକାମ ଯେ କରିଛି ସେ ଭ୍ରଷ୍ଟ ଓ ତାକୁ ଯେ କ୍ଷମା କରୁଛି ସେ ବି ଭ୍ରଷ୍ଟ। ମାତ୍ର ସୁଧାର ପାଇଁ ପ୍ରାୟଶ୍ଚିତ ଯେ କରିପାରୁଛି କରାଇ ପାରୁଛି ସେ ଭ୍ରଷ୍ଟ ହୋଇନପାରେ। ସେ ପୁନଃ ଜୀବନ ଧାରାରେ ପ୍ରବେଶ କରିପାରନ୍ତି।

ମାଇପଙ୍କ ଆଗରେ ପାଇକ ପଣିଆଁ ଅନେକ ଦେଖାନ୍ତି। ଦୁଇ ମଲ୍ଲଙ୍କ କୁସ୍ତି ଦେଖନ୍ତୁ ଏଥିରେ ଜଣେ ଜିତେ ଜଣେ ହାରେ। ଏଠାରେ ମଲ୍ଲଙ୍କର ପାଇକ ପଣ ଜଣାପଡ଼େ ମାତ୍ର ଜଣେ ମଲ୍ଲ ଦୁର୍ବଳ ଲୋକଙ୍କ ଉପରେ ପାଇକପଣ ଦେଖାଇଲେ କଣ ତାଙ୍କୁ ମଲ୍ଲବୀର କୁହାଯିବ କି? ଗୁଣ୍ଡାଗିରି ଏପରି ଧନ୍ଦା, ନିରୀହ ଲୋକ ଉପରେ ଅତ୍ୟାଚାର। କାନୁନ ଅଛି ଅଦାଲତ ଅଛି ଥାନା ଅଛି ଏ ସବୁ ବାଦ ଗୁଣ୍ଡାଗିରିରେ ଲୋକଙ୍କୁ ତାପିତ କରି କିଛି କାର୍ଯ୍ୟ ହାସଲ ଏବେ କରାଯାଉଛି। ଏସବୁ ଭ୍ରଷ୍ଟବୃତ୍ତି ଏମାନଙ୍କୁ ନମସ୍କାର ପ୍ରକୃତରେ ନିଚପ୍ରୀତିର ନମସ୍କାର। ରାଜନୀତିରେ ଭ୍ରଷ୍ଟାଚାର ଏବେ ପୁରି ରହିଲାଣି। ସମ୍ବିଧାନର ଧାରାରେ କୌଣସି କାର୍ଯ୍ୟ ଓଲଟ ଭାବରେ ସାଧିତ କରିବାକୁ ଏବେ ଭ୍ରଷ୍ଟପଥ ଅବଲମ୍ବନ କରାଯାଉଛି। ସାର୍ବଜନୀନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାୟକୁ ମୁଷ୍ଟିମେୟ କେମିତି ହାସଲ କରିବେ ଏ ବୁଦ୍ଧି ଏବେ ରାଜନୀତିରେ ଆସି ପଶିଗଲାଣି ବ୍ୟାଙ୍କ ଜାତୀୟ କରଣରୁ ପୁଣି ପ୍ରାଇଭେଟ ସ୍ତର ଆସିବା ମୂଳରେ ଏପରି ମୁଷ୍ଟିମେୟ ତୋଷ ନିତି ରହିଛି।

ଚାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ରହିଛି। ମାତ୍ର ଏଥିରେ କୋଟା ଲଗାଯାଇଛି। ଜିତିଲେ ବି ଚାକିରୀ ହୋଇନପାରେ। ପ୍ରତି ଚାକିରୀ ପଥକୁ ବହୁ ତିର୍ଯ୍ୟକ କରାଯାଇଛି। ସ୍ୱାସ୍ଥ୍ୟ, ବୟସ, ବିଦ୍ୟାର ସ୍ତର, ଜାତି ଭଳି ଦିଗର ଗୁଡ଼ିକ ଦଲେ ଚାକିରୀ ମିଳିପାରିବା ସ୍ତରକୁ ଆସିପାରେ ପୁଣି ଏହାମଧ୍ୟରେ ଅନ୍ୟାୟ ପଥ ଡାକ୍ତରୀ ମାୟନାରେ ଲଗାଯାଇ ବାତିଲ କରାଯାଇପାରେ। ବୟସ ଦୃଷ୍ଟେ ବି ବାଧା ଉଠିପାରେ, ବିଦ୍ୟାରେ କ୍ୟାରିଅର ଦେଖି ପ୍ରତିବନ୍ଧକ କରାଯାଇପାରେ। ଉଚ୍ଚତାରେ ଶରୀରର ଦକ୍ଷତାରେ ଚାକିରୀ କଟିପାରେ। ଜାତି କଥା ଉଠିଲେ ଏବି କୋଟାରେ କଟୁଛି। ଜାତି ସାର୍ଟିଫିକେଟ ପାଇଁ ସରକାରୀ ଦପ୍ତରକୁ ଦୌଡ଼ି ଦୌଡ଼ି ଥକତ କରାଯାଉଛି। ଏମିତି ଚାକିରୀ ପାଇଁ ଲୋକ ଜାଲିଆତି ସ୍ତରରେ ବି ଆସୁଛନ୍ତି ଲାଞ୍ଚ ଦେଇଛନ୍ତି। ଭୁଲକଥାରେ ପଶୁଛନ୍ତି ଏସବୁ ଭ୍ରଷ୍ଟାପଥ। ଏହି ପଥଚାରୀ ପରେ ଲାଞ୍ଚ ଦେଇଛନ୍ତି ବୋଲି ଲାଞ୍ଚ ଖାଇବେ ଏଇ ମାର୍ଗରେ ରହୁଛନ୍ତି ଏହା ବି ଜଟିଳ ଭ୍ରଷ୍ଟପଥ। ରାଜନୀତିରେ ହାଇକମାଣ୍ଡ ନିଶ୍ଚେ ଅଛନ୍ତି ଏହା ପ୍ରକୃତରେ ଦଳପତି। ଦଳପତିଙ୍କ ରାୟ ନିୟମକୁ ନମାନି ଅନେକ ଦଳକୁ ଯାଇ କିଛି ଫାଇଦା ପାଉଛନ୍ତି। ପ୍ରକୃତରେ



ଏହା ଠିକ ପଥ ନୁହେଁ। ଆଜି ଭାରତ ବର୍ଷରେ ଅନେକ ରାଜନୈତିକ ଦଳ କିନ୍ତୁ ଭାରତ ସ୍ୱାଧୀନତା ବେଳେ ଏକ ଦଳ ହିଁ ପ୍ରାଧାନ୍ୟ ରହିଥିଲା ସେହି ଏକ ଦଳ ଆଜି ବହୁଦଳରେ ପରିବର୍ତ୍ତନ ଏଇ ହାଇକମାଣ୍ଡଙ୍କ କଥା ନମାନି ହୋଇଛି। ପ୍ରକୃତରେ ସ୍ୱାର୍ଥ ପାଇଁ ଭ୍ରଷ୍ଟପଥ। କରଛଡ଼ା ନେତାମାନେ ଅବହେଳିତ ମନେ କରି ବୃତ୍ତି ବଞ୍ଚାଇବାକୁ ସ୍ୱାଧୀନ କିଛି କରିବା ଚେଷ୍ଟାରେ ଯିବା କଷ୍ଟ ଯୋଗୁଁ ଅନ୍ୟଦଳକୁ ଆଉଜି ଯାଉଛନ୍ତି। ଏଠାରେ ଯେ ତାଙ୍କୁ ଛାଡୁଛନ୍ତି ସେମାନେ ବି ଭ୍ରଷ୍ଟାପଥରେ ଅର୍ଥାତ୍ ଯୋଗ୍ୟତା ବିଚାର ତାଙ୍କର ଠିକ ହେଉନାହିଁ। ହାଇକମାଣ୍ଡଙ୍କ ମନ ମାନି ବି ଭ୍ରଷ୍ଟପଥ। ସାତକଥାରେ ସତୀ ଭୁଲେ। ଯେଉଁ ନାରୀ କୌଣସି ସୀମାରେ ରହିବା ମନସ୍ଥ ନୁହଁନ୍ତି ସେ ଭ୍ରଷ୍ଟ ହୁଅନ୍ତି। ଏକ ପତିବ୍ରତ ପାଇଁ ତାଙ୍କର ମନ ରହିନଥାଏ। ଅଭାବ ସୃଷ୍ଟିକଲେ ଅନ୍ୟତ୍ର ଅନ୍ୟ ଦ୍ୱାରା ଭାବ ହୋଇଯିବ ଏ ମାନସ ହିଁ ଭ୍ରଷ୍ଟ ପଥ। ଯେଉଁ ନାରୀମାନେ ସତ୍ୟପଥରେ ରହି ବଡ଼ ପଦବୀରେ ଅଛନ୍ତି ପ୍ରକୃତରେ ସେମାନେ ଲୋକମାତା ସେମାନେ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀଙ୍କ ପରି ସମ୍ମାନନୀୟା। ମାତ୍ର ଭ୍ରଷ୍ଟ ପଥରେ ଯାଇ ଯେଉଁମାନେ ବଡ଼ ହୋଇଛନ୍ତି ମୋନେ ଯେତେ ଚନ୍ଦନ ଲିପିଲେ ବି ତାଙ୍କର କାରନାମାର ପାଶ୍ଚାତରେ ମୃଦୁ ଗୁଞ୍ଜନ ଉଠିଥାଏ।

ଜଣେ ନାରୀର ଭ୍ରଷ୍ଟ ପଥ ଆଶୁ ହୋଇପାରେ ଏ ପାଇଁ ମୂଳରୁ ନିୟନ୍ତ୍ରିତ ଜୀବନ ଧାରାରେ ଚାଲୁ ରଖିବା ଦରକାର। ସଂସାରରେ ସବୁ ନାରୀ କେବେ ସମାନ ହୋଇନପାରନ୍ତି। ଏପରି ଦାବୀ କରିବା ବି ଅଯୋକ୍ତିକ। କେତେକ ଦ୍ରବ୍ୟ ଅଛି ତାର ପ୍ୟାକେଟରେ ଲେବୁଲରେ ଏକ୍ସପ୍ୟାରୀ ତାରିଖ ଲେଖାଅଛି। ଏହି ଲେଖା ଦର୍ଶାଏ ସେ ଦ୍ରବ୍ୟ ସେହି ତାରିଖ ଯାଏ କାର୍ଯ୍ୟକାରୀ। ତାପରେ ଭ୍ରଷ୍ଟ। ମୂଳ ବୋତଲ ବା ପ୍ୟାକେଟର ଲେବଲ ଚିରି ତହିଁରେ ନୂତନ ଲେବଲ ମାରି କେହି ଏହାକୁ ବିକ୍ରୟ କଲେ କିଏ ଏହାକୁ ଦେଖୁଛି। ଭ୍ରଷ୍ଟ ଦ୍ରବ୍ୟକୁ ବିକ୍ରେତା ଏବେ ଅନେକ କ୍ରେତା ନିରୁପାୟ ଭ୍ରଷ୍ଟ ଚିନ୍ତାଧାରାରୁ ଆୟ ଏହା ବଢ଼ିବାରେ ଲାଗିଛି। ଗ୍ରାମର କଷ୍ଟ ଘଣାର ସୋରିଷ ତେଲ ଯେ ଖାଇଥିବେ ବର୍ତ୍ତମାନର ସୋରିଷ ତେଲ ଖାଇଲେ ବୁଝିପାରିବେ। ବର୍ତ୍ତମାନ ନାମ ବିକ୍ରୀ ଦ୍ରବ୍ୟ ବିକ୍ରୀ ନୁହଁ। ଏମିତି ଦୁଗ୍ଧ, ଦହି, ଘିଅ, ମହୁ କେହି ଠିକ ନୁହଁ। ସୂତାଲୁଗା ବି ମିଳାବଟ ଏପରି ଭ୍ରଷ୍ଟବେଳୀ ଆହୁରି ଆଗକୁ ବଢ଼ୁଛି। ଏପରି ଭ୍ରଷ୍ଟାଚାର କେମିତି ଶାନ୍ତ ହେବ ସମସ୍ତେ ଭାବନ୍ତୁ। କେବଳ ଅବତାର ପୁରୁଷ ଏହାକୁ ଆସି ଠିକଣା କରିପାରନ୍ତି କୌଣସି ସାଧାରଣ ପ୍ରଶାସନ ବା ବ୍ୟକ୍ତି ଏହା ଆଉ କରାଇ ପାରିବେ ନାହିଁ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍**
**ଅରୁଣୋଦୟ ମାର୍କେଟ, କଟକ**
**ମୋବାଇଲ୍: ୯୪୩୭୦୩୧୨୫୩**

# ସିରିଆ ଉପରେ 'ଭୂକମ୍ପ ବୋମା' ମାଡ଼ କଲା ଇସ୍ରାଏଲ



ଡାମସ୍କସ, ୧୬।୧୨: ସିରିଆର ଉପକୂଳବର୍ତ୍ତୀ ଟାରଟୁସ ରିଜନରେ ଇସ୍ରାଏଲ ପକ୍ଷରୁ ଭୟଙ୍କର ଏୟାର ଷ୍ଟ୍ରାଇକ ଜାରି ରହିଛି। ୨୦୧୨ ପରେ ପ୍ରଥମଥର ପାଇଁ ଉକ୍ତ ଅଞ୍ଚଳରେ ଇସ୍ରାଏଲ ଏପରି ଗହନ ବୋମା ମାଡ଼ କରିଛି। ଇସ୍ରାଏଲ ପକ୍ଷରୁ ସିରିଆର ସାମରିକ ପ୍ରତିଷ୍ଠାନ ବିଶେଷ କରି ଏୟାର ଡିଫେନ୍ସ ୟୁନିଟ ଓ ଭୂପୃଷ୍ଠରୁ-ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ମିସାଇଲ ସଂରକ୍ଷିତ ସ୍ଥାନକୁ ଟାର୍ଗେଟ କରାଯାଉଛି। ଏଠାରେ ହୋଇଥିବା ଏୟାର ଷ୍ଟ୍ରାଇକ ପରର ସ୍ଥିତି କେମିତି ଥିଲା, ତା'ର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଇସ୍ରାଏଲ ପକ୍ଷରୁ ସିରିଆର ୨୩ ଏୟାର ଡିଫେନ୍ସ ବ୍ରିଗେଡ ଓ ଏହାର ଆଖପାଖ ଅଞ୍ଚଳରେ ସବୁଠାରୁ ଭୟଙ୍କର ବୋମା ମାଡ଼ କରାଯାଇଛି। ଏଠାରେ ପ୍ରଥମଥର ପାଇଁ 'ଭୂକମ୍ପ ବୋମା' ମାଡ଼ ହୋଇଛି। ଏହାଦ୍ୱାରା ବ୍ୟାପକ କ୍ଷୟକ୍ଷତି ହୋଇଛି। ବୋମା ବିସ୍ଫୋରଣ ପରେ ଭୂକମ୍ପ ଭଳି ସ୍ଥିତି ଦେଖାଯାଇଛି। ଏହାର ତୀବ୍ରତା ମଧ୍ୟ ରିକ୍ଟର ସ୍କେଲରେ ମପା ଯାଇଥିବା ଜଣାପଡ଼ିଛି। ଇସ୍ରାଏଲର କହିବା କଥା ଯେ ସିରିଆରେ ଏବେ ବିଦ୍ରୋହୀଙ୍କ ଶାସନ ଚାଲିଛି। କାଳେ ସେମାନଙ୍କ ହାତରେ ଦେଶର ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ପଡ଼ିଯିବ, ସେଥିପାଇଁ ଇସ୍ରାଏଲ ପକ୍ଷରୁ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରାଯାଉଛି। ସେହିପରି ଉତ୍ତର ସୀମାନ୍ତରେ ଶାନ୍ତି ଓ ସ୍ଥିରତା ପାଇଁ ଏପରି ହମଲା କରାଯାଉଥିବା ଇସ୍ରାଏଲ କହିଛି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, "ଆମର ସିରିଆ ସହ ବିବାଦ ସୃଷ୍ଟି କରିବାକୁ କୌଣସି ଇଚ୍ଛା ନାହିଁ। କେବଳ ସିରିଆ ପକ୍ଷରୁ ଥିବା ସମ୍ଭାବ୍ୟ ବିପଦକୁ ପ୍ରତିହତ କରିବା ଓ କାଳେ ଆତଙ୍କବାଦ ତତ୍ତ୍ୱ ସୀମାନ୍ତକୁ ଦଖଲ କରିନେବେ, ସେହି ଆଶଙ୍କାରେ ଇସ୍ରାଏଲ ପକ୍ଷରୁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି।" ରିପୋର୍ଟରେ ରିଚାର୍ଡ କୋରଡାରୋ କହିଛନ୍ତି, ଇସ୍ରାଏଲ ପକ୍ଷରୁ ମାଡ଼ କରାଯାଇଥିବା ବୋମା ଏତେ ବିଶାଳ ଥିଲା ଯେ ଏହାର ତୀବ୍ରତା ରିକ୍ଟର ସ୍କେଲରେ ରେକର୍ଡ ହୋଇଛି। ତାଙ୍କ କହିବା କଥା ଯେ ଟାରଟୁସରେ ଥିବା ଗୁଳିଗୋଳା ଡିପୋରେ ଏପରି ବିସ୍ଫୋରଣ ହୋଇଛି। ଏହାଦ୍ୱାରା ପୂରା ଆଖପାଖ ଅଞ୍ଚଳ ପ୍ରଭାବିତ ହୋଇଛନ୍ତି। ଅନେକ ଘର ଦ୍ୱାର ମଧ୍ୟ ଭାଙ୍ଗି ଯାଇଛି।



## ପାଲେଷ୍ଟାଇନ ଲେଖାଥିବା ବ୍ୟାଗ ଧରି ସଂସଦରେ ପହଞ୍ଚିଲେ ପ୍ରିୟଙ୍କା

ନୂଆଦିଲ୍ଲୀ, ୧୬।୧୨: କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ପାଲେଷ୍ଟାଇନ ଲେଖାଥିବା ଗୋଟିଏ ବ୍ୟାଗ ଧରି ସଂସଦରେ ପହଞ୍ଚିବାରୁ ଏହା ଉପରେ ପ୍ରଶ୍ନ ଉଠାଇଛି ବିଜେପି। ବ୍ୟାଗରେ ପାଲେଷ୍ଟାଇନର ଚିହ୍ନ ରହିବା ସହ ତରଭୁଜର ଚିତ୍ର ରହିଛି। ତରଭୁଜକୁ ସବୁବେଳେ ପାଲେଷ୍ଟାଇନ ସହ ସହାନୁଭୂତି ପାଇଁ ବ୍ୟବହାର କରାଯାଏ। ବିଜେପି ଏହାକୁ ତୁଷ୍ଟୀକରଣ ପାଇଁ ଉଦ୍ୟମ ବୋଲି କହି ତାଚ୍ଛଲ୍ୟ କରିଥିବା ବେଳେ ଏହାର ଜବାବ ପ୍ରିୟଙ୍କା ଗାନ୍ଧି ଦେଇଛନ୍ତି। ଏହାକୁ ସେ ପାରମ୍ପରିକ ପୁରୁଷବାଦ ବୋଲି କହିବା ସହ ସେ ନିଜ ଇଚ୍ଛାରେ ଯେକୌଣସି ଜିନିଷ ବ୍ୟବହାର କରିପାରିବେ ବୋଲି କହିଛନ୍ତି। ସେ କହିଛନ୍ତି ଯେ "ମୁଁ ପୁରୁଷବାଦର ସବସ୍କ୍ରାଇବ ନୁହେଁ। ମୁଁ ଯାହା ଚାହିଁବି, ତା'କୁ ପରିଧାନ କରିପାରିବି।"

ପାଲେଷ୍ଟାଇନ ବ୍ୟାଗ ଧରି ପ୍ରିୟଙ୍କା ସଂସଦ ଯାଉଥିବା ବେଳର ଛବିକୁ କଂଗ୍ରେସ ପକ୍ଷରୁ ବହୁମାତ୍ରାରେ ଶେୟାର କରାଯାଇଛି। ଏହାପୂର୍ବରୁ ପ୍ରିୟଙ୍କା ଗାନ୍ଧି ପାଲେଷ୍ଟାଇନ ଦୂତାବାସର ଅଧିକାରୀଙ୍କୁ ଭେଟିବା ବେଳେ କଳା ଓ ଧଳା ରଙ୍ଗର ପାରମ୍ପରିକ ପାଲେଷ୍ଟାଇନ ହେଡସ୍କାର୍ଫ ପରିଧାନ କରିଥିଲେ। ଏବେ ସେ ପାଲେଷ୍ଟାଇନ ସପକ୍ଷରେ ବ୍ୟାଗ ଧରି ସଂସଦକୁ ଯାଇଛନ୍ତି।

କଂଗ୍ରେସ ମୁଖପାତ୍ର ଶାମା ମହମ୍ମଦ କହିଛନ୍ତି, "ପ୍ରିୟଙ୍କା ଗାନ୍ଧି ପାଲେଷ୍ଟାଇନ ସପକ୍ଷରେ ରହିଥିବାରୁ ସ୍ୱତନ୍ତ୍ର ବ୍ୟାଗ ଧରିଛନ୍ତି। ମାନବିକତା ଓ ନ୍ୟାୟ ପାଇଁ ପ୍ରତିଶ୍ରୁତିର ଝଲକ ଏଥିରୁ ପ୍ରମାଣିତ ହେଉଛି। ସେ ସ୍ପଷ୍ଟ ଭାବେ ସଙ୍କେତ ଦେଇଛନ୍ତି ଯେ କେହି ବି ଜେନେଭା ଚୁକ୍ତିକୁ ଉଲ୍ଲଙ୍ଘନ କରିପାରିବେ ନାହିଁ।" ତେବେ ପ୍ରିୟଙ୍କା ଗାନ୍ଧିଙ୍କ ଏପରି ଛବିକୁ ବିଜେପି ସମାଲୋଚନା କରିଛି। ଦଳର ଲୋକସଭା ସାଂସଦ ସମ୍ବିତ ପାତ୍ର କହିଛନ୍ତି, "ଗାନ୍ଧି ପରିବାର ସବୁବେଳେ ତୁଷ୍ଟୀକରଣର ବ୍ୟାଗ ଧରିଥାଏ। ସେମାନଙ୍କ ନିର୍ବାଚନ ପରାଜୟ ପଛର କାରଣ ମଧ୍ୟ ଏହି ତୁଷ୍ଟୀକରଣ ବ୍ୟାଗ।"

## ଅସାଦ ନେଇଯାଇଛନ୍ତି ୨୫୦ ମିଲିୟନ ଡଲାର



ମସ୍କୋ,୧୬।୧୨: ସିରିଆର ବିତାଡ଼ିତ ରାଷ୍ଟ୍ରପତି ବଶର ଅଲ-ଅସାଦ ନିଜ ସହ ୨୫୦ ମିଲିୟନ ଡଲାର ରଷିଆକୁ ନେଇ ପଳାଇଛନ୍ତି। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ୨୦୮୨ କୋଟି ଟଙ୍କା ହେବ। ଫାଇନାନ୍ସିଆଲ ଟାଇମ୍ସରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ଅର୍ଥକୁ ସେ ରଷିଆର ଏକ ବ୍ୟାଙ୍କରେ ଜମା କରିଛନ୍ତି। ଗତ ୮ ତାରିଖରେ ସେ ସିରିଆ ଛାଡ଼ି ରଷିଆ ପଳାଇଛନ୍ତି। ଏବେ ସିରିଆ ବିଦ୍ରୋହୀଙ୍କ କବଜାରେ। ଅସାଦଙ୍କ ପ୍ରାସାଦକୁ ବିଦ୍ରୋହୀମାନେ କବଜା କରି ନେଇଛନ୍ତି। ସେଠାରୁ ବହୁ ନାମୀ ଦାମୀ କାର ସହ ବିପୁଳ ପରିମାଣର ଧନସମ୍ପତ୍ତି ମିଳିଛି। ଦୀର୍ଘ ୨୪ ବର୍ଷ ହେବ ଏକଛତ୍ରବାଦ ଚଳାଇଥିବା ଅସାଦ ଲୋକଙ୍କୁ ଅତ୍ୟାଚାର କରି ଦେଶର ସମ୍ପତ୍ତିକୁ ଲୁଟ କରି ଚାଲିଥିଲେ। ତାଙ୍କ ଅତ୍ୟାଚାରରେ ୫ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଲକ୍ଷାଧିକ ବ୍ୟକ୍ତି ବର୍ଷ ବର୍ଷ ଧରି ଜେଲରେ ସଢ଼ୁଥିଲେ। ସେମାନଙ୍କୁ ଏବେ ମୁକ୍ତି ମିଳିଛି।

### ଫ୍ରେଶର ପାର୍ଟିରେ ଗଣ୍ଡଗୋଳ

## ବାଉନ୍ସରଙ୍କ ମାଡ଼ରେ ଛାତ୍ର ଗୁରୁତର

ନଏଡା, ୧୬।୧୨: କଲେଜ ପରିସରରେ ଚାଲିଥିବା ଫ୍ରେଶର ପାର୍ଟି। ନାଚଗୀତରେ ମାତିଥିଲେ ଛାତ୍ରମାନେ। ଏହି ସମୟରେ ଆରମ୍ଭ ହେଲା ମହାଭାରତ । ସାମାନ୍ୟ କଥାରୁ ମୁହାଁମୁହିଁ ହେଲେ କଲେଜର କିଛି ଛାତ୍ର ଓ ସେଠାରେ ଉପସ୍ଥିତ ଥିବା ବାଉନ୍ସର। ବାଉନ୍ସରଙ୍କ ମାଡ଼ରେ ଛାତ୍ରମାନଙ୍କ ଅବସ୍ଥା ସାଂଘାତିକ ହୋଇଥିବା ଜଣାଯାଇଛି। ଏପରି ଏକ ଘଟଣା ଉତ୍ତରପ୍ରଦେଶର ଗ୍ରେଟର ନୋଏଡା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଘଟିଛି। ଶନିବାର ରାତିରେ କଲେଜ କ୍ୟାମ୍ପସ୍‌ରେ ଫ୍ରେଶର ପାର୍ଟି ଚାଲିଥିଲା। ଏହି ପାର୍ଟିରେ ବହୁ ସଂଖ୍ୟାରେ ଛାତ୍ର ଯୋଗ ଦେଇଥିବା ବେଳେ ସେମାନେ ନାଚଗୀତରେ ମାତିଥିଲେ। ଉକ୍ତ ସମୟରେ କୌଣସି କଥାକୁ ନେଇ କିଛି ଛାତ୍ରଙ୍କର ବାଉନ୍ସରଙ୍କ ସହ ମୁହାଁମୁହିଁ ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ବାଉନ୍ସରମାନେ ଛାତ୍ରଙ୍କୁ ଠେଙ୍ଗା,ବାଡ଼ିରେ ପ୍ରବଳ ପିଟିଥିଲେ। ଫଳରେ ପରିସ୍ଥିତି ଅଣାୟତ ହୋଇ ପଡ଼ିଥିଲା ଏହି ମାରପିଟରେ ବହୁ ଛାତ୍ର ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଭାଇରାଲ ଭିଡିଓକୁ ଆଧାର କରି ପୁଲିସ୍ ଘଟଣାର ଛାନଭିନ ଆରମ୍ଭ କରିଛି । ପୀଡ଼ିତଙ୍କ ସହ ସମ୍ପର୍କ କରାଯାଉଛି। ସେମାନଙ୍କଠାରୁ ଘଟଣା ସମ୍ପର୍କରେ ବୁଝିବା ପରେ ପରବର୍ତ୍ତୀ ଆକ୍ସନ ନିଆଯିବ ବୋଲି ଅଧିକାରୀ କହିଛନ୍ତି।

## କାର୍‌କୁ ମୁହାଁମୁହିଁ ପିଟିଲା ଟ୍ରକ୍ ୬ ମୃତ, ୭ ଗୁରୁତର

ରାୟପୁର, ୧୬।୧୨: ଛତିଶଗଡ଼ର ବାଲୋଡ ଜିଲ୍ଲାରେ ଗତ ରାତିରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଓ ଏସୟୁଭି କାର୍ ମୁହାଁମୁହିଁ ଧକ୍କା ହେବା ପରେ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୭ ଜଣ ଗୁରୁତର ହୋଇଛନ୍ତି। ବାଲୋଡ ଜିଲ୍ଲା ଭାନୁପ୍ରତାପପୁର-ଦଲ୍ଲିରାଝରା ରାସ୍ତାରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା ।

ପୁଲିସ୍ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, କାର୍‌ଟି ଭାନୁପ୍ରତାପପୁର-ଦଲ୍ଲିରାଝରା ରାସ୍ତାରେ ଯାଉଥିବା ବେଳେ ସେଥିରେ ପ୍ରାୟ ୧୩ ଜଣ ଥିଲେ। ବିପରୀତ ଦିଗରୁ ଆସୁଥିବା ଟ୍ରକ୍‌ଟି କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତୁରନ୍ତ ସ୍ଥାନୀୟ ଲୋକେ ଓ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଗାଡ଼ି ଭିତରୁ ୭ ଗୁରୁତରଙ୍କୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ତାଙ୍କୁ ଗିରଫ କରିବାକୁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

## ଚେକିଂ ବେଳେ କନଷ୍ଟେବଲଙ୍କ ଉପରେ ମାଡ଼ିଗଲା ଟ୍ରକ୍

ଗୁଆହାଟୀ, ୧୬।୧୨: ଟ୍ରକ୍‌ରେ ଚାଲାଣ ହେଉଥିଲା ୪ କୋଟି ମୂଲ୍ୟର ଡ୍ରଗ୍ସ। ଖବର ପାଇ ପୁଲିସ୍ ଯାଞ୍ଚ କରୁଥିବା ବେଳେ ଘଟିଲା ଅଘଟଣ। ଫେରାର ହେବାକୁ ଉଦ୍ୟମ କରୁଥିବା ଡ୍ରଗ୍ସ ମାଫିଆ ଜଣେ କନଷ୍ଟେବଲଙ୍କ ଉପରେ ଟ୍ରକ୍ ଚଢ଼ାଇ ଦେଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଏପରି ଏକ ଅଘଟଣ ଆସାମର ଶ୍ରୀଭୂମି ଜିଲ୍ଲାରେ ଘଟିଛି। ମୃତ କନଷ୍ଟେବଲଜଣକ ହେଲେ ଉଜ୍ଜ୍ୱଳ ବୋରା। ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଡ୍ରଗ୍ସ ମାଫିଆଙ୍କୁ କାବୁ କରାଯିବା ପରେ ସେ ପୁଲିସ୍ କବଳରୁ ମୁକୁଳିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସେ ସମ୍ମୁଖରେ ଥିବା କନଷ୍ଟେବଲଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ତୁରନ୍ତ ଗୁରୁତର ଅବସ୍ଥାରେ କନଷ୍ଟେବଲ ଉଜ୍ଜ୍ୱଳ ବୋରାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୁଲିସ୍ ଫେରାର ହୋଇଯାଇଥିବା ଟ୍ରକ୍‌ର ପିଛା କରି ଡ୍ରାଇଭର ଓ ହେଲପରଙ୍କୁ ବାନ୍ଧିଛି। ଏଥିସହ ଟ୍ରକ୍‌ରୁ ୪ କୋଟିରୁ ଅଧିକ ମୂଲ୍ୟର ମାଦକ ଦ୍ରବ୍ୟ ଜବତ କରିଛି। ଏହି ଘଟଣା ପରେ ସମ୍ପୃକ୍ତ ଟ୍ରକ୍ ଚାଳକଙ୍କୁ ସିନ୍ ରିକ୍ରିଏସନ୍ ପାଇଁ ଘଟଣାସ୍ଥଳକୁ ନିଆଯାଇଥିଲା। ସେଠାରୁ ସେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ୍ ତାଙ୍କ ଉପରକୁ ଫାୟରିଂ କରିଥିବା ଜଣାଯାଇଛି। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ସିଲଚର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କନଷ୍ଟେବଳ ଉଜ୍ଜ୍ୱଳ ବୋରାଙ୍କ ମୃତଦେହକୁ ଗତକାଲି ତାଙ୍କ ଗାଁକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କ ପାର୍ଥିବ ଶରୀରର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କନଷ୍ଟେବଳ ଉଜ୍ଜ୍ୱଳ ବୋରା ୨୦୨୨ ମସିହାରେ ପୁଲିସ୍ ସେବାରେ ଭର୍ତ୍ତି ହୋଇଥିବା ବେଳେ ଶ୍ରୀଭୂମି ଜିଲ୍ଲାରେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା। ଚାକିରି କରିବାର ମାତ୍ର ୨ ବର୍ଷରେ ତାଙ୍କର ଏପରି ମୃତ୍ୟୁକୁ ପରିବାର ଲୋକେ ସହଜେ ଗ୍ରହଣ କରି ପାରୁ ନାହାନ୍ତି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଘଟଣାରେ ପ୍ରତିକ୍ରିୟା ଦେଇ ମୃତ କନଷ୍ଟେବଲଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

**୪ କୋଟିର ଡ୍ରଗ୍ସ ଧରାପଡ଼ିଲା**

## ଦିଲ୍ଲୀକୁ ଗ୍ରାପ୍-୩ କଟକଣା ଫେରିଲା

ନୂଆଦିଲ୍ଲୀ, ୧୬।୧୨: ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଛି। ଏହା ସହିତ ଗ୍ରାପ-୩ କଟକଣା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛି। ଦିଲ୍ଲୀରେ ଷ୍ଟାଣ୍ଡାର୍ଡ ୫ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ପାଠପଢ଼ା ହାଇବ୍ରିଡ ମୋଡରେ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯେଉଁ ଅଭିଭାବକମାନେ ଚାହିଁବେ ନିଜ ପିଲାଙ୍କୁ ଅନଲାଇନରେ ପାଠ ପଢ଼ିବାର ସୁଯୋଗ ଦେଇପାରିବେ। ଉଭୟ ଅନଲାଇନ ଏବଂ ଅଫଲାଇନ କ୍ଲାସ ଚାଲିବ। ଅନଲାଇନ କ୍ଲାସ ପାଇଁ ଘରେ କମ୍ପ୍ୟୁଟର ଏବଂ ଇଣ୍ଟରନେଟ ବ୍ୟବସ୍ଥା ରହିବା ଆବଶ୍ୟକ। ଯେଉଁମାନଙ୍କ ଘରେ ଏହି ସୁବିଧା ନାହିଁ ସେମାନେ ଅଫ ଲାଇନରେ କ୍ଲାସ କରିପାରିବେ। ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ସମାନ ବ୍ୟବସ୍ଥା ରହିବ। ସୋମବାର ଅପରାହ୍ନ ସାଢ଼େ ଦୁଇଟାରେ ଦିଲ୍ଲୀର ଏକ୍ୟୁଆଇ ୩୬୬ ରହିଥିଲା। ଏହାକୁ ଅତି ଖରାପ ବୋଲି କୁହାଯାଇପାରିବ। ଗତ ୭ ତାରିଖରେ ଦିଲ୍ଲୀର ଏକ୍ୟୁଆଇ ଥିଲା ୨୩୩। ଏହାକୁ ମଧ୍ୟମ ଧରଣର ବୋଲି କୁହାଯାଇପାରିବ। ତିନିଦିନ ତଳେ ଦିଲ୍ଲୀର ଏକ୍ୟୁଆଇ ୨୧୧ ଥିଲା। କିନ୍ତୁ ମାତ୍ର ତିନଦିନ ମଧ୍ୟରେ ଏକ୍ୟୁଆଇ ହଠାତ ଏତେ ବଢ଼ିଯିବା ଅନେକଙ୍କୁ ବିସ୍ମିତ କରିଛି। ଏବେ ଉତ୍ତର ଭାରତରେ ପ୍ରବଳ ଥଣ୍ଡା ବା ଶୀତ ଲହରୀ ଅନୁଭୂତ ହେଉଛି। ଏହା ସହିତ ଘନ କୁହୁଡ଼ି ମଧ୍ୟ ପରିଲକ୍ଷିତ ହେଉଛି। ସେଥିପାଇଁ ଦିଲ୍ଲୀରେ ଏକ୍ୟୁଆଇ ବୃଦ୍ଧି ପାଇଛି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ଦିଲ୍ଲୀରେ କଟକଣା ଲାଗୁ ହେବା ଫଳରେ ପ୍ରଦୂଷଣ ମାତ୍ରା କିଛି ମାତ୍ରାରେ ହ୍ରାସ ପାଇଥିଲା। ଗତ ମାସରେ ଦିଲ୍ଲୀରେ ଏକ୍ୟୁଆଇ ୫ ଶହ ନିକଟତର ହୋଇଥିଲା ଯାହାକୁ ଅତି ଖରାପ ବା ଉଦବେଜନକ ବୋଲି କୁହାଯାଇପାରେ। ଗ୍ରାପ-୩ ଅଧୀନରେ ଲାଗୁ ହେଉଥିବା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ କମିଶନ ପକ୍ଷରୁ କୁହାଯାଇଛି। ଗ୍ରାପ-୩ ଲାଗୁ ହୋଇଥିବାରୁ ଏବେ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗରରେ ଥିବା ସ୍କୁଲଗୁଡ଼ିକ ୫ମ ଶ୍ରେଣୀ ଯାଏ କ୍ଲାସ ହାଇବ୍ରିଡ ମଡେଲରେ ହେବ। ଏହାର ଅର୍ଥ ଅନଲାଇନ କ୍ଲାସ ସୁବିଧା ଥିଲେ ପିଲାମାନେ ଓ ସେମାନଙ୍କ ଅଭିଭାବକ ଏହାର ଫାଇଦା ଉଠାଇ ପାରିବେ। ନଚେତ ସେମାନେ ସ୍କୁଲ ଯାଇ କ୍ଲାସ କରିପାରିବେ। ଗାଇଡଲାଇନ ଅନୁଯାୟୀ, ଗ୍ରାପ-୩ ଲାଗୁ ହୋଇଥିବାରୁ ଦିଲ୍ଲୀ ଭିତରକୁ କୌଣସି ଡିଜେଲ ଚାଳିତ ମାଲ ପରିବହନ କରୁଥିବା ଗାଡ଼ି ପ୍ରବେଶ କରିପାରିବେ ନାହିଁ। କେବଳ ଜରୁରୀ ସେବାରେ ନିୟୋଜିତ ଗାଡ଼ିଗୁଡ଼ିକ କ୍ଷେତ୍ରରେ ଏହି କଟକଣା ଲାଗୁ ହେବନି। ସେହିପରି ବିଏସ ୩ ପେଟ୍ରୋଲ ଓ ବିଏସ-୪ ଡିଜେଲ ଚାଳିତ ଲାଇଟ ମଟୋର ଗାଡ଼ି ଉପରେ ମଧ୍ୟ କଟକଣା ଲାଗୁ ହେବ। କୌଣସି ପ୍ରକାରର ଉଚ୍ଛେଦ ଓ ଖୋଳାଖୋଳି କାମ ମଧ୍ୟ ଗ୍ରାପ-୩ ଅଧୀନରେ ହୋଇପାରିବ ନାହିଁ। ଏହାପୂର୍ବରୁ ନଭେମ୍ବର ୧୫ରେ ମଧ୍ୟ ପ୍ରଦୂଷଣ ସ୍ଥିତିକୁ ଦୃଷ୍ଟିରେ ରଖି କମିଶନ ଗ୍ରାପ-୩ ଦିଲ୍ଲୀରେ ଲାଗୁ କରିଥିଲେ।

## କୋଚିଙ୍ଗ ସେଣ୍ଟରରେ ବିଷାକ୍ତ ଗ୍ୟାସ ଲିକ୍‌ରୁ ୧୨ ଅସୁସ୍ଥ

ଜୟପୁର, ୧୬।୧୨: ରାଜସ୍ଥାନର ଜୟପୁରର ଗୋପାଳପୁରା ଥିବା ଏକ ଘରୋଇ କୋଚିଙ୍ଗ ସେଣ୍ଟରରେ ବିଷାକ୍ତ ଗ୍ୟାସ ଲିକ୍ ହେବା ଯୋଗୁ ୧୨ରୁ ଅଧିକ ଛାତ୍ରଛାତ୍ରୀ ଅଚେତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅସୁସ୍ଥଦ୍ୱୟଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଚେତ ହୋଇଥିବା ପିଲାମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରୀ ଥିବା ଜଣାଯାଇଛି। ଗୋପାଳପୁରାରେ ଥିବା ଏହି କୋଚିଙ୍ଗ ସେଣ୍ଟରଟି ଦ୍ୱିତୀୟ ମହଲାରେ ରହିଛି। ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ପିଲାମାନେ କୋଚିଙ୍ଗ ସେଣ୍ଟରରେ କ୍ଲାସ କରୁଥିବା ସମୟରେ ହଠାତ୍ ସ୍ୱରେଜ ଲାଇନରୁ ବିଷାକ୍ତ ଗ୍ୟାସର ଗନ୍ଧ କ୍ଲାସ ରୁମ ଭିତରକୁ ପଶି ଆସିଥିଲା। ବିଷାକ୍ତ ଗ୍ୟାସ ଗନ୍ଧ ଆସିବା ଯୋଗୁ ୧୨ରୁ ଛାତ୍ରଛାତ୍ରୀ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ତୁରନ୍ତ ଆମ୍ବୁଲାନ୍ସ ଡକା ଯାଇ ପିଲାମାନଙ୍କୁ ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ଅବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ତେବେ ସ୍ୱରେଜ ଲାଇନରୁ ଏହି ବିଷାକ୍ତ ଗ୍ୟାସ କେଉଁଠୁ ଆସିଲା, ତାହା ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ଜୟପୁର ସାଂସଦ ମଞ୍ଜୁ ଶର୍ମା ଡାକ୍ତରଖାନାରେ ପହଞ୍ଚି ଗୁରୁତର ଛାତ୍ରଛାତ୍ରୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେହିପରି ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଜୟପୁରର ମେୟର ସୌମ୍ୟ ଗୁରୁଜାର କହିଛନ୍ତି।

### ରାହୁଲଙ୍କୁ ଚିଠି ଲେଖିଲା ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ

## ନେହରୁଙ୍କ ଚିଠି ଫେରସ୍ତ କର

ନୂଆଦିଲ୍ଲୀ, ୧୬।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ବହୁ ଚିଠି ଏବେ କଂଗ୍ରେସ ପାଖରେ ଅଛି। ଉକ୍ତ ଚିଠିଗୁଡ଼ିକ ଖୁବ୍ ଐତିହାସିକ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରାୟ ୧୬ ବର୍ଷ ହେଲାଣି କଂଗ୍ରେସ ତାହାକୁ ଫେରାଇବା ନାଁ ଧରୁନି। । ତେଣୁ ସମସ୍ତ ଚିଠିଗୁଡ଼ିକୁ ଫେରସ୍ତ କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଚିଠି ଲେଖିଛି ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପୁସ୍ତକାଳୟ ସୋସାଇଟି (ପିଏମଏମଏଲ) ।

ପିଏମଏମଏଲ ସଦସ୍ୟ ରିଜୱାନ କାଦରୀ ଏ ସମ୍ପର୍କରେ ରାହୁଲ ଗାନ୍ଧିଙ୍କୁ ଏକ ପତ୍ର ଲେଖିଥିବା ଜଣାଯାଇଛି। ସମଗ୍ର ଦେଶବାସୀଙ୍କ ନିମନ୍ତେ ଏହି ସବୁ ଚିଠି ଖୁବ୍ ଗୁରୁତ୍ୱ ବହନ କରୁଛି। ତେଣୁ ଏହାକୁ ସଂଗ୍ରହାଳୟକୁ ଫେରାଇ ଦେବାକୁ ପିଏମଏମଏଲ ପକ୍ଷରୁ ରାହୁଲ ଗାନ୍ଧିଙ୍କୁ କୁହାଯାଇଛି। ଜବାହାରଲାଲ ନେହରୁ ମେମୋରିଆଲ ୧୯୭୧ ମସିହାରେ ନେହରୁ ମେମୋରିଆଲ ମ୍ୟୁଜିଅମ ଓ ଲାଇବ୍ରେରି ଅର୍ଥାତ ଏବେକାର ପିଏମଏମଏଲକୁ ଏହି ସବୁ ଚିଠି ପ୍ରଦାନ କରିଥିଲା। ୟୁପିଏ ଶାସନ କାଳ ସମୟରେ ୨୦୦୮ ମସିହାରେ ୫୧ ଡବାରେ ଭର୍ତ୍ତି ହୋଇଥିବା ନେହରୁଙ୍କ ଚିଠି ସୋନିଆ ଗାନ୍ଧିଙ୍କୁ ଦିଆଯାଇଥିଲା। ଉକ୍ତ ଚିଠିଗୁଡ଼ିକ ନେହରୁ ମାଉଣ୍ଟବେଟନ, ଅଲବର୍ଟ ଆଇନଷ୍ଟାଇନ୍, ଜୟପ୍ରକାଶ ନାରାୟଣ, ପଦ୍ମଜା ନାୟଡୁ, ବିଜୟାଲକ୍ଷ୍ମୀ ପଣ୍ଡିତଙ୍କ ପରି ମାଣ୍ୟଗଣ୍ୟ ବ୍ୟକ୍ତିଙ୍କୁ ଏହି ସବୁ ଚିଠି ଲେଖିଥିଲେ। ଗତ ୧୦ ତାରିଖରେ ରିଜୱାନ କାଦରୀ ରାହୁଲ ଗାନ୍ଧିଙ୍କୁ ପତ୍ର ଲେଖି ଏହି ସବୁ ଚିଠି ଫେରସ୍ତ କରିବାକୁ ଜଣାଇଛନ୍ତି। ଏହା ପୂର୍ବରୁ ଗତ ସେପ୍ଟେମ୍ବରରେ ସୋନିଆ ଗାନ୍ଧିଙ୍କୁ ବି ସେ ଚିଠି ଲେଖିଥିଲେ। ମାତ୍ର କୌଣସି ପ୍ରତ୍ୟୁତ୍ତର ପାଇ ନାହାନ୍ତି। ଏବେ ରାହୁଲ ଗାନ୍ଧିଙ୍କୁ ଚିଠି ଲେଖି ସୋନିଆଙ୍କ ନିକଟରୁ ଅରିଜିନାଲ ପତ୍ର ଫେରସ୍ତ ପାଇଁ କୁହାଯାଇଛି। ଏହା ସମ୍ଭବ ନ ହେଲେ ଉକ୍ତ ପତ୍ରଗୁଡ଼ିକର ଫଟୋ କପି ଦେବାକୁ କୁହାଯାଇଛି। ଏନେଇ ବିଜେପି ପକ୍ଷରୁ ଆଇଟି ବିଭାଗର ପ୍ରମୁଖ ଅମିତ ମାଲବୀୟ କହିଛନ୍ତି, ଏହା ଅତ୍ୟନ୍ତ ରୋଚକ ଘଟଣା। ମାଉଣ୍ଟବେଟନଙ୍କ ନିକଟରୁ ନେହରୁ ଏପରି କ'ଣ ଲେଖିଥିଲେ ଯେ ସେ ସବୁ ପତ୍ରକୁ ସୋନିଆ ଗାନ୍ଧି ନେଇ ଯାଇଛନ୍ତି। ରାହୁଲ ଗାନ୍ଧି ଏବେ ଉକ୍ତ ପତ୍ରଗୁଡ଼ିକୁ ଫେରାଇବେ ନା ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି ବୋଲି ସେ କହିଛନ୍ତି।

## ଓମାରଙ୍କ ଦୃଷ୍ଟିଭଙ୍ଗୀ ବଦଳିଛି: କଂଗ୍ରେସ

ନୂଆଦିଲ୍ଲୀ, ୧୬।୧୨: ଇଭିଏମ ଗଡ଼ବଡ଼ ନେଇ ପୂର୍ବରୁ ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା ଭିନ୍ନ ମତ ବ୍ୟକ୍ତ କରୁଥିଲେ, କିନ୍ତୁ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ପରାଜିତ ହେବା ପରେ ଏହାକୁ ସହଜରେ ସ୍ୱୀକାର କରିପାରୁନାହିଁ। ବିଜେପି ଇଭିଏମ ଗଡ଼ବଡ଼ କରି ନିର୍ବାଚନ ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରୁଛି। ଏଥିପାଇଁ ପୁନର୍ବାର ବାଲଟ ପେପର ମାଧ୍ୟମରେ ଭୋଟ ବ୍ୟବସ୍ଥା ଲାଗି କଂଗ୍ରେସ ଦାବି କରୁଛି। ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାକୁ ନାପସନ୍ଦ କରି କହିଥିଲେ ଯେ, ରାହୁଲ ଗାନ୍ଧି ଇଭିଏମ ପ୍ରସଙ୍ଗରେ ସ୍ଥିର ମତ ପୋଷଣ କରନ୍ତୁ। ଯେଉଁଠି ନିର୍ବାଚନ ଜିତିବ ସେଠାରେ ସିବୁଠିକ ଠାକ ଚାଲିଛି, ଯେଉଁଠି ହାରିବ ସେଠାରେ ଇଭିଏମର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇବା ଅନୁଚିତ ବୋଲି ଓମାର କହିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ନ୍ୟାସନାଲ କନଫରେନ୍ସ ହେଉଛି ଇଣ୍ଡିଆ ବ୍ଲକର ଏକ ପ୍ରମୁଖ ଅଂଶୀଦାର ଦଳ। ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସ ଏବଂ କଂଗ୍ରେସ ମିଳିତ ଭାବେ ଲଢ଼ିଥିଲେ। ଏବେ ସେଠାରେ ଦୁଇ ଦଳର ମିଳିତ ସରକାର ଚାଲିଛି। ସେ ଦୃଷ୍ଟିରୁ ଇଭିଏମ ପ୍ରସଙ୍ଗରେ ଏକ ସହଯୋଗୀ ଦଳର ଭିନ୍ନ ମତ ଏବଂ ସମାଲୋଚନା କଂଗ୍ରେସ ପାଇଁ ଲଜ୍ଜାକର ସାବ୍ୟସ୍ତ ହୋଇଛି।

କଂଗ୍ରେସର ବରିଷ୍ଠ ନେତା ମାନିକରାମ ଟାଗୋର ଓମାର ଅବଦୁଲ୍ଲାଙ୍କୁ ସମାଲୋଚନା କରି କହିଛନ୍ତି ଯେ, ପୂର୍ବରୁ ଇଭିଏମ ପ୍ରସଙ୍ଗରେ ଓମାର ଇଣ୍ଡିମେର୍ଟର ସବୁ ଅଂଶୀଦାର ଦଳ ସହିତ ଏକ ସ୍ୱରରେ ଇଭିଏମ ବିରୋଧରେ କହୁଥିଲେ। ଏବେ କ୍ଷମତାକୁ ଆସିବା ପରେ ସେ କିପରି ବଦଳିଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ କଂଗ୍ରେସ ନୁହେଁ, ଅନେକ ଦଳ ଇଭିଏମ ଉପରେ ସନ୍ଦେହ ପ୍ରକାଶ କରୁଛନ୍ତି ଏବଂ ବାଲଟ ପେପର ବ୍ୟବସ୍ଥା ଫେରାଇ ଆଣିବାକୁ ଦାବି କରୁଛନ୍ତି ବୋଲି ସେ କହିଛନ୍ତି।

## ପ୍ରେମିକା ସହ ମିଶି ପତ୍ନୀ ତଣ୍ଟି ଚିପିଥିଲେ, ବର୍ଷେ ପରେ ବନ୍ଧାହେଲେ

ନୂଆଦିଲ୍ଲୀ, ୧୬।୧୨: ବିବାହ ପରେ ପତ୍ନୀଙ୍କୁ ଧୋକା ଦେଇ ମାତିଥିଲେ ପ୍ରେମରେ । ଭଲ ପାଇବା ରାସ୍ତାରେ ପତ୍ନୀ କଣ୍ଟା ହେବାରୁ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କଲେ। ପ୍ରେମିକା ସହ ମିଶି ପତ୍ନୀଙ୍କ ତଣ୍ଟି ଚିପି ଦେଲେ। ଘଟଣା ପରେ ପରେ ପୁଲିସ୍ ପ୍ରେମିକାଙ୍କୁ ଗିରଫ କରିଥିବା ବେଳେ ଅଭିଯୁକ୍ତଜଣକ କିନ୍ତୁ ଖସି ଯାଇଥିଲେ। ମାତ୍ର ବର୍ଷେ ପରେ ଅଭିଯୁକ୍ତଜଣକ ପୁଲିସ୍ ହାବୁଡ଼ରେ ପଡ଼ିଥିବା ବେଳେ ପୁଲିସ୍ ତାଙ୍କୁ ବାନ୍ଧି ଜେଲ୍ ହାଜତକୁ ପଠାଇଛି। ଏପରି ଏକ ଘଟଣା ଝାଡ଼ଖଣ୍ଡର ରାମଗଡ଼ ଅଞ୍ଚଳରେ ବର୍ଷେ ତଳେ ଘଟିଥିବା ବେଳେ ପୁଲିସ୍ ଅଭିଯୁକ୍ତଙ୍କୁ କୋଲକତାରୁ ବାନ୍ଧିଛି। ରାମଗଡ଼ର କୁଜ୍ଜୁ ଓପି ଅଞ୍ଚଳର ସୁନୀଲ ସିଂହଙ୍କ ବିବାହ କିଛି ବର୍ଷ ପୂର୍ବେ ହୋଇଥିଲା। ମାତ୍ର ବିବାହ ପରେ ପରେ ତାଙ୍କର ଶ୍ୱଶୁର ଘର ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ସୁନୀଲଙ୍କ ପତ୍ନୀ ଏହା ଜାଣିପାରି ପ୍ରବଳ ବିରୋଧ କରିଥିଲେ। ଫଳରେ ଉଭୟ ପତିପତ୍ନୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ପତ୍ନୀଙ୍କୁ ନିଜ ଭଲ ପାଇବା ରାସ୍ତାରେ କଣ୍ଟା ଭାବି ତାଙ୍କୁ ସଫା କରିବାକୁ ଯୋଜନା କଲେ ସୁନୀଲ। ଏଥିନିମନ୍ତେ ସେ ନିଜ ପ୍ରେମିକାଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କଲେ। ଏହାପରେ ଶାଢ଼ିରେ ତଣ୍ଟି ଚିପି ଉଭୟ ଉକ୍ତ ମହିଳାଙ୍କ ଜୀବନ ନେଲେ।

### ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ

# ପୁରୁଷଙ୍କୁ ନପୁଂସକ କରିବାକୁ ସୁପ୍ରିମକୋର୍ଟରେ ଯୁକ୍ତି



ନୂଆଦିଲ୍ଲୀ, ୧୬।୧୨: ଦେଶରେ ମହିଳା, ଛୋଟ ପିଲା ଓ ତୃତୀୟ ଲିଙ୍ଗଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ଗାଇଡଲାଇନ ଆଣିବାକୁ ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟର ମହିଳା ଓକିଲ ଆସୋସିଏସନ ପକ୍ଷରୁ ହୋଇଥିବା ଏପରି ଆବେଦନର ଶୁଣାଣି ବେଳେ ରାସାୟନିକ ପ୍ରକ୍ରିୟାରେ ପୁରୁଷଙ୍କୁ ନପୁଂସକ କରିବାକୁ ମଧ୍ୟ ଯୁକ୍ତି ଉପସ୍ଥାପନ କରାଯାଇଛି। ତେବେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଗାଇଡଲାଇନ ଆଣିବା ଦାବିରେ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟକୁ ନୋଟିସ କରିଛନ୍ତି। ଏଥିସହ ଏହାର ଶୁଣାଣି ଜାନୁଆରୀ ମାସରେ ହେବ ବୋଲି କହିଛନ୍ତି।

୨୦୧୨ ଦିଲ୍ଲୀ ନିର୍ଭୟା କାଣ୍ଡର ୧୨ ବର୍ଷ ପୂର୍ତ୍ତି ଅବସରରେ ସୁପ୍ରିମକୋର୍ଟର ମହିଳା ଓକିଲ ଆସୋସିଏସନ ପକ୍ଷରୁ ଏପରି ଆବେଦନ କରାଯାଇଥିଲା। ଉକ୍ତ ଘଟଣା ସହ ନିକଟରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ବିଭିନ୍ନ ସ୍ଥାନରେ ଘଟୁଥିବା ଯୌନ ଉତ୍ପୀଡ଼ନ କଥା ମଧ୍ୟ ଆବେଦନର ଦର୍ଶାଯାଇଛି।ଶୁଣାଣି ବେଳେ ଆଇନଜୀବୀ ମହାଲକ୍ଷ୍ମୀ ପାୱାନି ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ମହିଳା ବିରୋଧୀ ଅପରାଧ ଯାହା ରେକର୍ଡ ହେଉଛି, ସେସବୁ ସେତିକିରେ ସୀମିତ ନୁହେଁ। ଅନେକ ଭୟଙ୍କର ଯୌନ ଉତ୍ପୀଡ଼ନ ମାମଲାର ରିପୋର୍ଟ ମଧ୍ୟ ହେଉନାହିଁ। ଅଗଷ୍ଟ ମାସରେ ଆରଜି କର ମେଡିକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ଆହୁରି ୯୫ଟି ଯୌନ ହିଂସା ମାମଲା ଘଟିଛି। କିନ୍ତୁ ଏହାକୁ ଅତି ମାତ୍ରାରେ ରିପୋର୍ଟ କରାଯାଇ ନାହିଁ। ସେକ୍ସ ଅପରାଧକୁ ରୋକିବା ପାଇଁ ସେ ଏହି ସମୟରେ ଗୋଟିଏ ବିବାଦୀୟ ପ୍ରସ୍ତାବ ଦେଇଥିଲେ। ଯୌନ କେଲେଙ୍କାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହେଉଥିବା ଲୋକଙ୍କ ଲିଙ୍ଗକୁ ରାସାୟନିକ ପ୍ରକ୍ରିୟା ଦ୍ୱାରା ନଷ୍ଟ ବା ଛେଦନ କରିବାକୁ ଅର୍ଥାତ ସେମାନଙ୍କୁ ନପୁଂସକ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏପରି ଦଣ୍ଡବିଧାନ ବ୍ୟବସ୍ଥା ଅନ୍ୟ କିଛି ଦେଶରେ ମଧ୍ୟ ରହିଥିବା ମହାଲକ୍ଷ୍ମୀ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତେବେ କୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏପରି ଦଣ୍ଡବିଧାନ ବ୍ୟବସ୍ଥା ଅତ୍ୟନ୍ତ ବର୍ବର ଓ ନିଷ୍ଠୁର ବୋଲି ଖଣ୍ଡପୀଠ କହିଛନ୍ତି। କିନ୍ତୁ ଏୟାରଲାଇନ୍ସ ସମେତ ସାଧାରଣ ପରିବହନ ବ୍ୟବସ୍ଥାରେ ମହିଳା ଓ ଛୋଟ ପିଲାଙ୍କ ସୁରକ୍ଷା ପାଇଁ ଆସିଥିବା କିଛି ପ୍ରସ୍ତାବ ବିଚାରଯୋଗ୍ୟ ବୋଲି ଖଣ୍ଡପୀଠ ମତ ରଖିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ସାଧାରଣ ପରିବହନ ବ୍ୟବସ୍ଥାଗୁଡ଼ିକରେ ଉପଯୁକ୍ତ ସାମାଜିକ ବ୍ୟବହାର ଶିଖାଇବା ସହ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବାର ଆବଶ୍ୟକତା ରହିଛି।

## ଗାବା ଟେଷ୍ଟ ତୃତୀୟ ଦିନ

# ୪୪୫ରେ ଅଷ୍ଟ୍ରେଲିଆ ଅଲଆଉଟ୍

## ବର୍ଷା ପାଇଁ ଖେଳ ବନ୍ଦ



ନୂଆଦିଲ୍ଲୀ,୧୬।୧୨: ବର୍ଡର-ଗାଭାସ୍କର ତୃତୀୟ ଟେଷ୍ଟ ବ୍ରିସବେନର ଗାବାରେ ଖେଳାଯାଉଛି। ଆଜି ତୃତୀୟ ଦିନରେ ୪୪୫ ରନ କରି ଅଲଆଉଟ ହୋଇଛି ଘରୋଇ ଅଷ୍ଟ୍ରେଲିଆ। ଯଶପ୍ରୀତ ବୁମ୍ରା ୬ ଟି ୱିକେଟ ହାସଲ କରିଛନ୍ତି। ଏହା ପରେ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ୩ ୱିକେଟ ହରାଇ ୩୯ ରନ କରିଛି ଭାରତ। ୪୨୩ ରନ ଟ୍ରାଏଲ କରୁଛି ଟିମ୍ ଇଣ୍ଡିଆ। ବର୍ତ୍ତମାନ ବର୍ଷା ହେବାରୁ ଖେଳ ବନ୍ଦ ରହିଛି। ବର୍ଷା ଛାଡିବା ପରେ ପୁଣି ଖେଳ ଆରମ୍ଭ ହେବ। ୬୭ ଓଭର ଖେଳ ହେବ। ତୃତୀୟ ଟେଷ୍ଟର ପ୍ରଥମ ଦିନ ଖେଳରେ ବର୍ଷା ବାଧକ ସାଜିଥିଲା। ମାତ୍ର ୧୩ ଓଭର ଖେଳ ହୋଇଥିଲା। ଦ୍ୱିତୀୟ ଦିନରେ ପାଗ ଶୁଖିଲା ଥିବାରୁ ଖେଳ ଆରମ୍ଭ ହୋଇଥିଲା। ଗାବା ଗ୍ରାଉଣ୍ଡରେ ରନ ବର୍ଷା କରିଥିଲେ ଅଷ୍ଟ୍ରେଲିଆ ପ୍ଲେୟାର। ଟ୍ରେଭିସ ହେଡ ଓ ସ୍ମିଥ ଶତକ ହାସଲ କରିଥିଲେ। ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୪୦୫ ରନର ବିଶାଳ ସ୍କୋର କରିଥିବା ଅଷ୍ଟ୍ରେଲିଆ। ଓପନିଂ ଉସମାନ ଖ୍ୱାଜା ଓ ନାଥନ ମ୍ୟାକସ୍ୱିନି ଯଥାକ୍ରମେ ୨୧ ଓ ୯ ରନ କରିଥିଲେ। ଦୁଇଜଣଙ୍କୁ ଶିକାର କରିଥିଲେ ଯଶପ୍ରୀତ ବୁମ୍ରା। ମାର୍ନସ ଲାବୁସେନ ୧୨ ରନ କରି ନୀତିଶଙ୍କ ଶିକାର ହୋଇଥିଲେ। ୩ଟି ୱିକେଟ ପଡିବା ପରେ ଭାରତୀୟ ଶିବରେ ଉଲ୍ଲାସ ଦେଖିବାକୁ ମିଳିଥିଲା ମାତ୍ର ବେଶୀ ସମୟ ନଥିଲା। ହେଡ ଓ ସ୍ମିଥ ଶତକ ହାସଲ କରିଥିଲେ। ଦୁହେଁ ଯଥାକ୍ରମେ ୧୫୨ ଓ ୧୦୧ ରନ କରିଥିଲେ। ଉଭୟଙ୍କୁ ବୁମ୍ରା ଆଉଟ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୫, କମିନ୍ସ ୨୦ ରନ କରି ଆଉଟ ହୋଇଥିଲେ। ଆଲେକ୍ସ କ୍ୟାରୀ (୪୫) ଓ ମିଚେଲ ଷ୍ଟାର୍କ (୭) ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଦିନ ଷ୍ଟମ୍ପ ପ୍ରସାରଣ ବେଳକୁ ଅଷ୍ଟ୍ରେଲିଆ ୭ଟି ୱିକେଟ ହରାଇ ୪୦୫ ରନ କରିଥିଲା। ବୁମ୍ରା ୫ଟି ୱିକେଟ ହାସଲ କରିଥିଲେ। ନୀତିଶ ଓ ସିରାଜଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

ଆଜି (ସୋମବାର) ତୃତୀୟ ଦିନରେ ପୁଣି ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ମିଚେଲ ଷ୍ଟାର୍କ ୧୮ ରନ କରି ବୁମରାଙ୍କ ଶିକାର ହୋଇଥିଲେ। ନାଥନ ଲାଏନଙ୍କୁ (୨) ଶିକାର କରିଥିଲେ ମହମ୍ମଦ ସିରାଜ। ପରେ ପରେ ଆଲେକ୍ସ କ୍ୟାରୀ ୭୦ ରନ କରି ଆକାଶ ଦୀପଙ୍କ ବଲରେ ପାଭିଲିୟନ ଫେରିଥିଲେ। ୧୧୭ତମ ଓଭରରେ ଅଷ୍ଟ୍ରେଲିଆ ଅଲଆଉଟ ହୋଇଥିଲା। ସ୍କୋର ବୋର୍ଡରେ ୪୪୫ ରନ କରିଛି ଦଳ। ଏହାପରେ ଭାରତ ବ୍ୟାଟିଂ କରିଥିଲା। କେଏଲ ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ ଓପନିଂ କରିଥିଲେ। ମାତ୍ର ୪ ରନ କରି ଜୈସ୍ୱାଲ ଆଉଟ ହୋଇଥିଲେ। ଏହାପରେ ଶୁଭମନ ଗିଲ ୧ ଓ ବିରାଟ କୋହଲି ୩ ରନ କରି ସଥଳ ପାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୩୩ରେ ୩ଟି ୱିକେଟ ହରାଇଥିଲା ଭାରତ। ଏହା ପରେ ବର୍ଷା ହେବାରୁ ଖେଳ ବନ୍ଦ ରହିଛି। ୪୨୩ ରନ ଟ୍ରାଏଲ କରୁଛି ଟିମ୍ ଇଣ୍ଡିଆ।

# ୧୪୭ ବର୍ଷର କ୍ରିକେଟ୍ ଇତିହାସରେ ପ୍ରଥମ



ନୂଆଦିଲ୍ଲୀ,୧୬।୧୨: ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଏକ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି, ଯାହାର ତୃତୀୟ ଟେଷ୍ଟ ମ୍ୟାଚ ସେଡନ ପାର୍କରେ ଖେଳାଯାଉଛି। ଏହି ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ କେନ ୱିଲିୟମସନ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଇନିଂସରେ ଚମତ୍କାର ଶତକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଏହା ହେଉଛି ତାଙ୍କ ଟେଷ୍ଟ କ୍ୟାରିୟରର ୩୩ତମ ଶତକ। ବିଶେଷ କଥା ହେଉଛି ଟେଷ୍ଟ କ୍ରିକେଟର ୧୪୭ ବର୍ଷର ଇତିହାସରେ ୱିଲିୟମସନ ବିଶ୍ୱର ପ୍ରଥମ ଖେଳାଳି ହୋଇପାରିଛନ୍ତି। ଏହା ବ୍ୟତୀତ ଦ୍ରୁତତମ ୩୩ତମ ଟେଷ୍ଟ ଶତକ ହାସଲ କରିବାରେ ସେ ତୃତୀୟ ଖେଳାଳି ହୋଇଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଟେଷ୍ଟ ଶତକ ହାସଲ କରିବାକୁ ୱିଲିୟମସନ ମଧ୍ୟ ଖେଳାଳି ହୋଇଛନ୍ତି।

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୬ଟି ଛକା ମାରି କେନ ୱିଲିୟମସନ ନିଜର ଶତକ ପୂରଣ କରିଥିଲେ। ଏହା ସହିତ ୱିଲିୟମସନ ସମାନ ଗ୍ରାଉଣ୍ଡରେ କ୍ରମାଗତ ୫ ଶତକ ସ୍କୋର କରିବା ଖେଳାଳି ହୋଇଥିଲେ। ୱିଲିୟମ୍ସନ ୨୦୧୯ରେ ବାଂଲାଦେଶ ବିପକ୍ଷରେ ୨୦୦ ରନ, ୨୦୧୯ରେ ଇଂଲଣ୍ଡ ବିପକ୍ଷରେ ୧୦୪ ରନ, ୨୦୨୦ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୫୧ ରନ, ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୩୩ରନ ଏବଂ ୨୦୨୪ରେ ଇଂଲଣ୍ଡ ବିପକ୍ଷରେ ୧୫୬ ରନ ସଂଗ୍ରହ କରିଛନ୍ତି। ସେଡନ ପାର୍କରେ ୱିଲିୟମ୍ସନଙ୍କ ଏହା ହେଉଛି ସପ୍ତମ ଟେଷ୍ଟ ଶତକ।

ଦ୍ରୁତତମ ୩୩ ଟେଷ୍ଟ ଶତକ ହାସଲ କରିବାରେ କେନ ୱିଲିୟମସନ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପୂର୍ବରୁ ରିକି ପଣ୍ଟିଂ ଏବଂ ସଚିନ ତେନ୍ଦୁଲକର ଶୀର୍ଷ ଦୁଇରେ ଅଛନ୍ତି। ୱିଲିୟମ୍ସନଙ୍କ ପରେ ୟୁନିସ ଖାନ ଏବଂ ଷ୍ଟିଭ ସ୍ମିଥ। କେନ ୱିଲିୟମ୍ସନ ତାଙ୍କର ୧୮୬ ତମ ଟେଷ୍ଟ ଇନିଂସରେ ୩୩ତମ ଟେଷ୍ଟ ଶତକ ପୂରଣ କରିଛନ୍ତି।

# କ୍ରିକେଟ୍‌କୁ ଜୀବନ କରିଛନ୍ତି ପୃଥ୍ୱୀରାଜ



## କେବଳ ନିଶାରେ ୧୧ଶହ ମ୍ୟାଚ୍ ଅମ୍ପାୟାରିଂ

ଭୁବନେଶ୍ୱର, ୧୬।୧୨: କ୍ରିକେଟ୍‌କୁ ଭଲ ପାଉଥିବା ଏବଂ କ୍ରିକେଟ୍ ପାଇଁ ବଞ୍ଚିଥିବା ଲୋକଙ୍କ ଅନେକ ଉଦାହରଣ ରହିଛି। କ୍ରିକେଟ୍ ଖେଳି କିମ୍ବା ମ୍ୟାଚ୍ ଦେଖି ଲୋକେ ନିଜ ପାଗଳାମି ଜାହିର କରିଥାନ୍ତି। କିନ୍ତୁ ବଲାଙ୍ଗୀର ଜିଲ୍ଲାର ପୃଥ୍ୱୀରାଜ ମିଶ୍ର ଏଭଳି ଜଣେ ବ୍ୟକ୍ତି ଯିଏ ଅଲଗା ଧରଣରେ କ୍ରିକେଟ୍ ସହ ବଞ୍ଚିଛନ୍ତି। ସ୍ଥାନୀୟ ମାଲପଡ଼ା ନିବାସୀ ପୃଥ୍ୱୀରାଜ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର। ଯିଏ ବର୍ତ୍ତମାନ ଯାଏ ୧୧ଶହ ମ୍ୟାଚ୍‌ରେ ଅମ୍ପାୟାରିଂ କରି ଓସିଏର ଏକ ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। ୨୦୦୬ ମସିହାରେ ଓସିଏ ଅମ୍ପାୟାର ପରୀକ୍ଷାରେ କୃତିତ୍ୱ ଲାଭ କରି ପୃଥ୍ୱୀରାଜ ଓସିଏ ପରିଚାଳିତ ବିଭିନ୍ନ ପ୍ରତିଯୋଗିତା ଏବଂ କ୍ଲବ୍ କ୍ରିକେଟ୍‌ରେ ଉତ୍କୃଷ୍ଟତାର ସହ ଅମ୍ପାୟାରିଂ କରି ସାରିଛନ୍ତି। ପୂର୍ବରୁ ସେ ବଲାଙ୍ଗୀର କ୍ରିକେଟ୍ କ୍ଲବ୍‌ରେ ଲେଗ୍‌ସ୍ପିନର୍ ଭାବେ ଖେଳୁଥିଲେ। କିନ୍ତୁ ସେ ଜଣେ ପେସାଦାର୍ କ୍ରିକେଟର୍ ନଥିଲେ।

## ମହିଳା ପ୍ରିମିୟର ଲିଗ୍ ଅକ୍ସନ

# ସିମ୍ରନ ଶେଖ୍ ସବୁଠୁ ମହଙ୍ଗା

ନୂଆଦିଲ୍ଲୀ, ୧୬।୧୨: ମହିଳା ପ୍ରିମିୟର ଲିଗ୍ (WPL) ୨୦୨୫ ସଂସ୍କରଣ ପାଇଁ ଶେଷ ହୋଇଛି ନିଲାମ। ରବିବାର (ଡିସେମ୍ବର ୧୫) ବେଙ୍ଗାଲୁରୁରେ ଏହି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଟି ଦଳ ମୋଟ ୧୯ଜଣ ଖେଳାଳିଙ୍କୁ କିଣିଛନ୍ତି। ଏହି ୧୯ଜଣ ଖେଳାଳିଙ୍କ ପାଇଁ ମୋଟ ୯.୦୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ୧.୯ କୋଟିରେ ଗୁଜରାଟ ଜାଏଣ୍ଟ୍ସ କିଣିଥିବା ସିମ୍ରନ ଶେଖ ନିଲାମରେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

ଅକ୍ସନରେ ୫ଟି ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ (MI), ଗୁଜରାଟ ଜାଏଣ୍ଟ୍ସ (GG), ୟୁପି ୱାରିୟର୍ସ (UPW), ଦିଲ୍ଲୀ କ୍ୟାପିଟାଲ୍ସ (DC) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (RCB) ମଧ୍ୟରେ ନିଜ ନିଜ ଦଳ ସଜାଡ଼ିବା ପାଇଁ ଲାଗିଥିଲା ବିଡ୍-ୱାର୍। ଏଥର ନିଲାମରେ ୪ ଜଣ ଖେଳାଳି କୋଟିଏରୁ ଅଧିକ ଟଙ୍କାରେ ବିକ୍ରି ହୋଇଛନ୍ତି। ତେବେ ୨୨ ବର୍ଷୀୟ ମିଡିଲ ଅର୍ଡର ବ୍ୟାଟର ସିମ୍ରନ୍ ଶେଖ ଡବ୍ଲୁପିଏଲ୍ ୨୦୨୫ ନିଲାମର ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହଇଛନ୍ତି। ଗୁଜରାଟ ଜାଏଣ୍ଟ୍ସ ତାଙ୍କୁ ୧.୯ କୋଟି ଟଙ୍କାରେ ନିଜ ଦଳରେ ସାମିଲ କରିଛି। ସିମ୍ରନ୍ ମଧ୍ୟ ଜଣେ ପ୍ରଭାବୀ ଲେଗ୍ ସ୍ପିନର ଭାବେ ପରିଚିତ। ସେହିଭଳି ସିମ୍ରନଙ୍କ ପରେ ଦ୍ୱିତୀୟ ମହଙ୍ଗା ଖେଳାଳି ସାବ୍ୟସ୍ତ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଡିଂଡ୍ରା ଡୋଟିନ୍। ତାଙ୍କୁ ମଧ୍ୟ ଗୁଜରାଟ ଜାଏଣ୍ଟ୍ସ କିଣିଛି। ଦ୍ରୁତ ବୋଲିଂ ଅଲରାଉଣ୍ଡର ଡିଂଡ୍ରାଙ୍କୁ ୧.୭ କୋଟି ଟଙ୍କାରେ କିଣିଛି ଗୁଜରାଟ। ଏହି ତାଲିକାର ତୃତୀୟରେ ରହିଛନ୍ତି ୧୬ ବର୍ଷୀୟା ୱିକେଟ୍ କିପର ଜି କମଳିନୀ। ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୧.୬ କୋଟି ଟଙ୍କାରେ କିଣିଛି।

### ୧୬ ବର୍ଷୀୟା କମଳିନୀଙ୍କ ବଢ଼ିଲା ଚାହିଦା

ଗୋଟିଏ ପଟେ ଡବ୍ଲୁପିଏଲ୍ ଅକ୍ସନ ଚାଲିଥିବାବେଳେ ଅନ୍ୟପଟେ ମହିଳା ଅଣ୍ଡର-୧୯ ଏସିଆ କପରେ କମଳିନୀ ଏକ ଚମତ୍କାର ଇନିଂସ ଖେଳିଥିଲେ। ସେ ପାକିସ୍ତାନ ବିପକ୍ଷରେ କେବଳ ୨୯ ବଲରେ ୪୪ ରନର ବିସ୍ଫୋରକ ପାଳି ଖେଳିଥିଲେ। କମଳିନୀଙ୍କ ଏହି ଧୂଆଁଧାର ପାଳି ବଳରେ ଭାରତ କେବଳ ୪୭ ବଲରେ ହିଁ ମ୍ୟାଚ୍ ଜିତି ଯାଇଥିଲା। ଯାହା ଅକ୍ସନରେ ତାଙ୍କ ଚାହିଦା ବଢ଼ାଇ ଦେଇଥିଲା। ଶେଷରେ ମୁମ୍ବାଇ ଇଣ୍ଡିଆନ୍ସ ୧.୬ କୋଟି ଟଙ୍କାରେ କମଳିନୀଙ୍କୁ ନିଜ ଦଳରେ ସାମିଲ କରିଛି। ଏହି ନିଲାମରେ କୋଟିପତି ହେବାରେ ପ୍ରେମା ରାୱତ ଚତୁର୍ଥ ତଥା ଶେଷ ଖେଳାଳି। ତାଙ୍କୁ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ୍ ୧.୨ କୋଟିରେ ନିଜ ଦଳରେ ସାମିଲ କରିଛି। ୨୩ ବର୍ଷୀୟା ବୋଲିଂ ଅଲରାଉଣ୍ଡର ପ୍ରେମା ଜଣେ ଆକ୍ରାମକ ଲେଗ୍ ସ୍ପିନର ଓ ବ୍ୟାଟିଂରେ ବି ଦକ୍ଷ।

### ୫ ଫ୍ରାଞ୍ଚାଇଜ ପର୍ସରେ ଥିଲା ୧୫ କୋଟି

ନିଲାମରେ ସର୍ବାଧିକ ୧୯ ଖେଳାଳିଙ୍କୁ ହିଁ ବିକ୍ରି କରାଯିବାର ଥିଲା।



ସେଥିମଧ୍ୟରୁ ୫ଟି ସ୍ଲଟ୍ ବିଦେଶୀ ଖେଳାଳିଙ୍କ ପାଇଁ ରହିଥିଲା। ଡବ୍ଲୁପିଏଲ୍ ନିଲାମରେ ୯୧ ଭାରତୀୟ ଏବଂ ୨୯ ବିଦେଶୀ ଖେଳାଳିଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିଲା। ଭାରତୀୟ ଖେଳାଳିଙ୍କ ମଧ୍ୟରେ ୮ଜଣ ଅନକ୍ୟାପଡ୍ ଖେଳାଳି ମଧ୍ୟ ନିଲାମରେ ସାମିଲ ହୋଇଥିଲେ। ଏହି ନିଲାମ ପାଇଁ ଫ୍ରାଞ୍ଚାଇଜ ଗୁଡ଼ିକ ପାଖରେ ମୋଟ ବଜେଟ୍ ୧୫ କୋଟି ଟଙ୍କା ଥିଲା। ଏଥିରେ ଗୁଜରାଟ ଜାଏଣ୍ଟସ୍ ପାଖରେ ସର୍ବାଧିକ ୪.୪୦ କୋଟି ଟଙ୍କା ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପାଖରେ ସର୍ବନିମ୍ନ ୨.୫୦ କୋଟି ଟଙ୍କା ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ମାର୍ଟ ...

ବିଶେଷ ପ୍ରାବଧାନ କରାଯାଇଛି। ପୋଲିସ ବାହିନୀକୁ ସହଯୋଗ କରିବା ପାଇଁ ଗୃହରକ୍ଷୀ ପଦବୀ ପୂରଣ କରାଯିବ। ଖାଲି ଥିବା ଓ ନୂଆ ପଦବୀକୁ ମିଶାଇ ପ୍ରାୟ ୫ ହଜାର ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ମଧ୍ୟ ସେ କହିଥିଲେ।

ଦେଶରେ ଚାଲିଥିବା ସାଇବର କ୍ରାଇମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିକାଲି ପୁରା ଦେଶରେ ଅନେକ ଲୋକ ସାଇବର ଅପରାଧର ଶିକାର ହୋଇ ଅର୍ଥ ହରାଉଛନ୍ତି। ସାଇବର ଠକେଇ, ଡିଜିଟାଲ ଆରେଷ୍ଟ, ଇନଭେଷ୍ଟମେଣ୍ଟ ଠକେଇ ଆଦି ଅପରାଧ ବଢି ଚାଲିଛି। ସାଇବର ଅପରାଧ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ପୋଲିସ ବିଭାଗର ସାଇବର ସେଲକୁ ସୁଦୃଢ଼ ଓ ଆଧୁନିକୀକରଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥି ପାଇଁ ଆଗାମୀ ଦିନରେ ଯେଉଁ ଜିଲ୍ଲାରେ ସାଇବର ଥାନା ନାହିଁ ସେଠାରେ ସାଇବର ଥାନା ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏତଦବ୍ୟତୀତ ସାଇବର ଅପରାଧର ଉଚ୍ଚକୋଟୀର ତଦନ୍ତ ଓ ତଦାରଖ ପାଇଁ ଭୁବନେଶ୍ୱରରେ ରାଜ୍ୟସ୍ତରରେ ଏକ ସାଇବର ଅପରାଧ ଶାଖା ସୃଷ୍ଟି କରାଯିବ, ଯାହାର ଦାୟିତ୍ୱରେ ଜଣେ ବରିଷ୍ଠ ଅଧିକାରୀ ରହିବେ।

ମହିଳା ହିଂସା ବିରୁଦ୍ଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ମତ ଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଜୀ ମଧ୍ୟ ମହିଳାମାନଙ୍କ ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଦୁର୍ଭାଗ୍ୟ ବଶତଃ ମୋଟ ଦଣ୍ଡବିଧାନ ହାର ଏବଂ ମହିଳା ହିଂସା ବିରୁଦ୍ଧରେ ଦଣ୍ଡବିଧାନ ହାର ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର ସ୍ଥିତି ନୈରାଶ୍ୟ ଜନକ ଥିଲା।

ସେ କହିଲେ, ଏହାର ପ୍ରମୁଖ କାରଣ ହେଉଛି ବୃତ୍ତିଗତ ଢଙ୍ଗରେ ଅନୁସନ୍ଧାନ ନ ହେବା ଏବଂ ପୂର୍ବବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ। ତେଣୁ, ସେ କହିଥିଲେ ଯେ, ଏହି ଦଣ୍ଡହାରକୁ ଜାତୀୟ ସ୍ତରକୁ ନେବାକୁ ହେବ। ଏଥିପାଇଁ ସରକାର ନିଜ ସ୍ତରରେ ଅଧିକ ମହିଳା କୋର୍ଟ ପ୍ରତିଷ୍ଠା କରୁଛନ୍ତି। ଚାରିଗୋଟି ଜିଲ୍ଲାରେ ମହିଳା କୋର୍ଟ ସ୍ଥାପନା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇ ସରିଛି। ବର୍ତ୍ତମାନ, ପୋଲିସ କାନ୍ଧରେ ବୃତ୍ତିଗତ ଢଙ୍ଗରେ ଏବଂ ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ କରି, ଅକାଟ୍ୟ ସାକ୍ଷ୍ୟ ପ୍ରମାଣ ସହିତ କୋର୍ଟରେ ଅଭିଯୋଗ ପତ୍ର ଠିକ ସମୟରେ ଦାଖିଲ କରିବା। ନିକଟରେ ରାଜ୍ୟ ପୁଲିସ ବଳ କିଛି ଭକ୍ଷଷଛଯ କେସର ସଫଳତାର ସହିତ ସମାଧାନ କରିବାରେ ସଫଳ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଣାଇ ଏବଂ କଟକ କନ୍ଦରପୁର ହତ୍ୟାକାଣ୍ଡକୁ ପୋଲିସ ଖୁବ୍ ଶୀଘ୍ର ସଫଳତାର ସହ ସମାଧାନ କରିଛି। ସେ କହିଥିଲେ ଯେ, ସବୁ କେସରେ ଏପରି ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ହେବା ଉଚିତ, ଯାହା ଫଳରେ ପୋଲିସ ପ୍ରତି ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇବ। ଆଗାମୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓ ବାଦୀ ଏବଂ ନକ୍ସଲ ହିଂସାକୁ ସମୂଳେ ନିପାତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଓଡ଼ିଶାର କିଛି ଅଞ୍ଚଳ ଏହି ଆକ୍ସନ ପ୍ଲାନରେ ସାମିଲ ହୋଇଛି। ଏହି ହିଂସାକୁ ଦମନ କରିବା ପାଇଁ ପୋଲିସ ବଳ ସହିତ ବିଶେଷ ଜ୍ଞାନ, ନୂତନ ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ଯାହା ଆଜି ପରି ଡ୍ୟୁଟି ମିଟ୍‌ରୁ ମିଳିପାରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୋଜନାବଦ୍ଧ ଭାବେ ସମାଜରେ ଉନ୍ମାଦ କରିବା ପାଇଁ ଚେଷ୍ଟା କରୁଥିବା ଅପରାଧୀଙ୍କ ବିରୁଦ୍ଧରେ ଏମିତି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ଯାହାଫଳରେ ପ୍ରତି ମୁହୂର୍ତ୍ତରେ ସେମାଙ୍କ ମନରେ ଭୟର ସଂଚାର ହେବ। ଏଭଳି ଅପରାଧୀଙ୍କୁ ପୂର୍ବରୁ ଯେଉଁ ସୁରକ୍ଷା ଦିଆଯାଉଥିଲା ସେପରି ଆଉ ହେବ ନାହିଁ। ଆଇନର ଗଣ୍ଡି ଭିତରେ ରହି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କ୍ରାଇମବ୍ରାଞ୍ଚ ପକ୍ଷରୁ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ନିଶା କାରବାର ଜନିତ ସଂଗଠିତ ଅପରାଧ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଓଡ଼ିଶା ପୋଲିସ ପ୍ରମୁଖ ସଫଳତା ହାସଲ କରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ପୋଲିସ ବଳ ସହିତ ଦୃଢ଼ ଭାବେ ଛିଡା ହୋଇଛନ୍ତି। ସର୍ବ ଭାରତୀୟ ଡିଜି/ଆଇଜି ସମ୍ମିଳନୀରେ, କେନ୍ଦ୍ର ସରକାର ଗଞ୍ଜାମ ଜିଲ୍ଲାର ପାଟପୁର ଥାନାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ କରିଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ।

ପୋଲିସ ଡ୍ୟୁଟି ମିଟ୍‌ରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ସମସ୍ତ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବିଜେତାମାନେ ଆଗାମୀ ଜାନୁଆରୀ ମାସରେ ଝାଡଖଣ୍ଡର ରାଞ୍ଚି ଠାରେ ହେବାକୁ ଥିବା ସବର୍ଭାରତୀୟ ପୋଲିସ ଡ୍ୟୁଟି ମିଟ୍‌ରେ ଭାଗ ନେବେ। ମନୋନୀତ ହୋଇଥିବା ଦଳର ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ ପୋଲିସ ନିଜର ସେବା ଓ ସୁରକ୍ଷା ସ୍ଲୋଗାନକୁ କାୟ ମନୋବାକ୍ୟରେ ପାଳନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ସିଆଇଡି, କ୍ରାଇମ ବ୍ରାଞ୍ଚ ବିନୟ ତୋଷ ମିଶ୍ର ଧନ୍ୟବାଦ୍ ଅର୍ପଣ କରି ପୋଲିସ ବାହିନୀର କାର୍ଯ୍ୟକ୍ରମ, ସଫଳତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

### ଯାଞ୍ଚ ପରେ...

କରିବାକୁ ପରାମର୍ଶ ଦେବେ ବୋଲି ସେ ପ୍ରକାଶ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଏଯାବତ ୫୨ ଗୋଟି ଜନ ସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଥିବା ବେଳେ ବେଆଇନ ଭାବେ ହିତାଧିକାରୀଙ୍କୁ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ ଗୋଟି ଜନ ସେବା କେନ୍ଦ୍ର ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି । ଅନେକ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାହାରି ଯିବା ପାଇଁ ଦରଖାସ୍ତ ଦେଇଛନ୍ତି । କିନ୍ତୁ ଅନେକ ଆବେଦନକାରୀ ଭୁଲରେ ଏହି ଦରଖାସ୍ତ ଦେଇଛନ୍ତି ବୋଲି ଆମର ବହୁ ଅଭିଯୋଗ ହସ୍ତଗତ ହୋଇଛି ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟି ରେ ରଖି ଉକ୍ତ ସମସ୍ୟାକୁ ତର୍ଜମା କରି ସ୍ୱବାହାରି ଯିବାରଷ୍ଟ(ଛଛଚନ୍ଦ-ଛଛନ୍ଦଦ) ବିକଳ୍ପ ବ୍ୟବସ୍ଥାକୁ ସୁଭଦ୍ରା ପୋର୍ଟାଲରେ ବନ୍ଦ କରାଯାଇଛି ଏବଂ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

ଇ-କେୱାଇସି ହୋଇନଥିବା କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି ହୋଇଥିବା ସମସ୍ତ ହିତାଧିକାରୀଙ୍କର ବିସ୍ତୃତ ତାଲିକା ସୁଭଦ୍ରା ପୋର୍ଟାଲରେ ଉପଲବ୍ଧ ଅଛି । ହିତାଧିକାରୀମାନେ ମଧ୍ୟ ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡ଼ିପିଓ)ଙ୍କ ଅଫିସ ରେ ଥିବା ହେଲ୍ପ ଡେ଼ସ୍କ ମାଧ୍ୟମରେ ଏହି ତଥ୍ୟ ପାଇପାରିବେ।

ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେୱାଇସି କରାଇବା ନିମନ୍ତେ ସେମାନଙ୍କୁ ସ୍ୱୀକୃତି ରସିଦ କିମ୍ବା ନିଜ ଆଧାର ନମ୍ବର ସାଙ୍ଗରେ ନେଇ ନିକଟତମ ସିଏସସି/ ଏମଏସକେ କେନ୍ଦ୍ରକୁ ଯିବାକୁ ପଡିବ। ବାୟୋମେଟ୍ରିକ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଶୁଳ୍କ ଅଟେ। ଏଥି ନିମନ୍ତେ ହିତାଧିକାରୀମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ । ଏହି କେନ୍ଦ୍ରର ଅଧିକାରୀ ହିତାଧିକାରୀମାନଙ୍କୁ ସ୍ପଷ୍ଟ କରିବେ କି ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବାପରେ ହିତାଧିକାରୀମାନେ ନିଜର ବ୍ୟାଙ୍କକୁ ଯାଇ ବ୍ୟାଙ୍କ ଖାତାକୁ ଆଧାର ସହ ସଂଯୋଗ ଏବଂ ଡିବିଟି ସହ ସଂଯୋଗ କରାଇବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ବାହାରି...

ଅଧିକାଂଶ ମୋଟା ଅଙ୍କର ବେତନଧାରୀଙ୍କ ବୟସ ବି ୬୦ ପାର୍ କରିଗଲାଣି । ଅବସର ପରେ ଏଠାରେ ଥଇଥାନ ହେବା ସହିତ ମାର୍କେଟ ବେସ୍ ସାଲାରୀ ଫର୍ମାଟର ଲକ୍ଷାଧିକ ଟଙ୍କା ଦରମା ନେଉଛନ୍ତି। ଏମ୍‌ଡିଙ୍କ ବାର୍ଷିକ ଦରମା ୭୭ଲକ୍ଷ ଟଙ୍କା ହୋଇଥିବାବେଳେ ଅନ୍ୟମାନଙ୍କ ଦରମା ୪୫ ରୁ ୫୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ତେବେ ଓପିଜିସିର ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ରାଷ୍ଟ୍ରାୟତ ସଂସ୍ଥାରେ ବୃଦ୍ଧଙ୍କ ରାଜ୍‌ର ପରିସମାପ୍ତି ଘଟାଇ ଦକ୍ଷ ଯୁବ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାପାଇଁ ମତପ୍ରକାଶ ପାଉଛି । ନହେଲେ ପାଉଁଶ ପୋଖରୀ ଭାଙ୍ଗିବା ଠାରୁ କୋଇଲା କାରବାର ପର୍ଯ୍ୟନ୍ତ ଅଧିକାଂଶ ବିଭିନ୍ନ ବିବାଦରେ ଛନ୍ଦି ହେଉଥିବା ଓପିଜିସି ଆଗାମୀ ଦିନରେ କ୍ଷତିରେ ପଡ଼ିବା ସହିତ ଘରୋଇ କମ୍ପାନୀ ହାତକୁ ଚାଲିଯିବ ।

### ସମନ ସତ୍ତ୍ୱେ...

ରାସ୍ତା ଉପରେ ଶୋଇ ପଡିଥିବା ଦେଖିବାକୁ ମିଳିଛି। ତେବେ ବିଷ୍ଣୁପଦ ସେଠୀ ମହୁମାଛି ଛାଡ଼ି ଦେଇଥିଲେ ବୋଲି ଜରେ ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଏହି ମାମଲାରେ ଗିରଫ ଅଭିଯୁକ୍ତ ବ୍ରିଜ୍ ଆଣ୍ଡ ରୁଫ୍ କଂପାନୀର ଗ୍ରୁପ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ , ଆଦିତ୍ୟ ଇନଫ୍ରା ଏମଡି ଦେବଦତ୍ତ ମହାପାତ୍ର ଓ ପେଣ୍ଟା ଏ ଷ୍ଟୁଡିଓ ମୁଖ୍ୟ ସନ୍ତୋଷ ମହାରଣାଙ୍କ ରିମାଣ୍ଡ ଶେଷ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦାମୀ କାରରୁ ୧୦ ଲକ୍ଷ ଟଙ୍କା ଜବତ ହେବା ମାମଲାରେ ସେମାନଙ୍କୁ ସିବିଆଇ ଗିରଫ କରିଥିଲା। ଦ୍ବିତର ରିମାଣ୍ଡରେ ନେଇ ଜେରା କରିବା ପରେ ଆଜି ମେଡିକାଲ ଟେଷ୍ଟ କରାଯାଇଥିଲା। ଏହାପରେ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିଥିଲା ସିବିଆଇ।ସିବିଆଇ ପକ୍ଷରୁ ତୃତୀୟ ପର୍ଯ୍ୟାୟ ରିମାଣ୍ଡ ଆବେଦନ ନ ହେବାରୁ ତିନିଜଣଙ୍କୁ ଝାରପଡ଼ା ଜେଲକୁ ପଠାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ତିନି ଅଭିଯୁକ୍ତ ଓକିଲଙ୍କ ଜରିଆରେ ଜାମିନ ପାଇଁ ଆବେଦନ କରିଥିଲେ। ସନ୍ତୋଷ ମହାରଣାଙ୍କ ଓକିଲ ରାଜେନ୍ଦ୍ର ମିଶ୍ର କହିଛନ୍ତି, ସନ୍ତୋଷଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ । ସେହି କାରଣ ଦର୍ଶାଇ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଛି। ତାଙ୍କର ଏହି ମାମଲା ସହିତ ସିଧାସଳଖ ସମ୍ପୃକ୍ତ ନାହିଁ। ଜାମିନ ଉପରେ ଆସନ୍ତା ୧୮ ତାରିଖରେ ଶୁଣାଣି ହେବ।

ଦେବଦତ୍ତ ମହାପାତ୍ରଙ୍କ ଓକିଲ ଯଶୋବନ୍ତ ଦାସ ମଧ୍ୟ ଜମିନ ଆବେଦନ ପାଇଁ ପିଟିସନ ଫାଇଲ କରିଛନ୍ତି। ଦେବଦତ୍ତଙ୍କ ଗାଡ଼ିକୁ ବେଆଇନ ଭାବେ ସିବିଆଇ ଜବତ କରିଥିବା ଦର୍ଶାଇ ରିଲିଜ ଉପରେ ମଧ୍ୟ ପିଟିସନ ଫାଇଲ କରିଥିବା କହିଛନ୍ତି। ୧୮ରେ ଏହି ପିଟିସନର ମଧ୍ୟ ଶୁଣାଣି ହେବ।

**● ସରକାର ଠିକ୍ ସମୟରେ ନିଷ୍ପତ୍ତି ନେବେ**

ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସରକାର ଚିନ୍ତା କରୁଛନ୍ତି। ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବେ। କଂଗ୍ରେସର ଆନ୍ଦୋଳନ ଏବଂ ଅଭିଯୋଗ ନେଇ ମନମୋହନ କହିଛନ୍ତି, କଂଗ୍ରେସକୁ ପଚାରନ୍ତୁ ତାଙ୍କ ସମୟରେ କଣ କଣ କରିଥିଲେ। ତାର ଉତ୍ତର ତାଙ୍କୁ ମିଳିବ। ଆମ ସରକାର ସ୍ୱଚ୍ଛ ସରକାର ସବୁ ଦିଗରୁ ଯାହା ଠିକ ତାହା କରିବେ। ସେମାନେ ୫୬ ବର୍ଷ ଶାସନରେ ଭଲ କାମ କଣ କରିଛନ୍ତି ତାଙ୍କୁ ପଚାରନ୍ତୁ।

### ହାବିଲଦାର...

ପ୍ରଗତି ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ ଭୂମିକା ରାଜ୍ୟର ପୋଲିସ ବଳ ତୁଲାଇଥାନ୍ତି। ଏହି ପୋଲିସ ବିଭାଗରେ କନଷ୍ଟେବଳ ଏବଂ ସିପାହୀମାନେ ସବୁଠାରୁ ଗୁରୁ ଦାୟିତ୍ୱ ତୁଲାଉଛନ୍ତି । ତୃଣମୂଳ ସ୍ତରରେ ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ଗୁଇନ୍ଦା ପାଇଁ ଖବର ସଂଗ୍ରହ କରିବା ପରି ଦାୟିତ୍ୱ ନିର୍ବାହ କରୁଛନ୍ତି। କନଷ୍ଟେବଳ ଏବଂ ସିପାହୀମାନେ ପୋଲିସ ବିଭାଗର ମେରୁଦଣ୍ଡ ସଦୃଶ। ଖରା, ବର୍ଷା, ଶୀତ କାକରକୁ ଭ୍ରୂକ୍ଷେପ ନ କରି କନଷ୍ଟେବଳ ଓ ସିପାହୀମାନେ ନିଜର ଦାୟିତ୍ୱ ସମ୍ପାଦନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନଙ୍କ ପ୍ରତି ଆମ ସରକାରଙ୍କର ଯଥେଷ୍ଟ ସଂବେଦନଶୀଳତା ଓ ଦାୟିତ୍ୱବୋଧ ରହିଛି। ପୋଲିସ ସେବାକୁ ଆହୁରି ପ୍ରଭାବୀ କରିବା ପାଇଁ ଭିତ୍ତିଭୂମି ଓ ମାନବ ସମ୍ବଳ ଯୋଗାଇ ଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୋଲିସ ବଳ ହେଉଛି ଅତ୍ୟନ୍ତ ଶୃଙ୍ଖଳିତ। କିନ୍ତୁ ବିଶୃଙ୍ଖଳିତ କିମ୍ବା ଦୁର୍ନୀତିଗ୍ରସ୍ତଙ୍କୁ କୌଣସି ପ୍ରକାରେ କ୍ଷମା କରାଯିବ ନାହିଁ। ଓଡିଶା ପୋଲିସର ମୂଳ ମନ୍ତ୍ର ହେଉଛି, 'ସେବା ଓ ସୁରକ୍ଷା'। ପ୍ରତ୍ୟେକ କାର୍ଯ୍ୟରେ ଦାୟିତ୍ୱବୋଧ ଓ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ଉଚିତ। ଏକକାଳୀନ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ସମୟରେ ରାଜ୍ୟ ପୋଲିସର ଭୂମିକାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କଷ୍ଟେବଳଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ପ୍ରତି ଥାନାକୁ ମୋଟର ସାଇକେଲ ଯୋଗାଇ ଦେବାସହ ଏହି ବାବଦରେ ଅତିରିକ୍ତ ବଜେଟରେ ୩୫ କୋଟି ଟଙ୍କାର ପ୍ରାବଧାନ କରାଯାଇ ଥିବା ସୂଚନା ଦେଇ ସେ କହିଥିଲେ, ଅତିରିକ୍ତ ସିଏପିଏଫ୍ ପ୍ରତିଷ୍ଠା ପାଇଁ ୨୯୯ କୋଟି, ଏବଂ ପୋଲିସର ତ୍ୱରିତ ଗମନାଗମନ ପାଇଁ ୧୬ କୋଟି ଟଙ୍କା ପ୍ରବଧାନ କରାଯାଇଛି।

କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ସେଠୀ ଯୋଗ ଦେଇ ପୋଲିସର ଉତ୍ସର୍ଗୀକୃତ ମନୋଭାବକୁ ସାଲୁଟ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ କନଷ୍ଟେବଳ ଏବଂ ସିପାହୀ ମାନଙ୍କ ସହଯୋଗ ବିନା ପୋଲିସ କେବେ ସଶକ୍ତ କିମ୍ବା ସମୃଦ୍ଧ ହୋଇ ପାରିବ ନାହିଁ ବୋଲି କହିଥିଲେ। ଉତ୍ସବରେ ଓଡ଼ିଶା ପୋଲିସ ହାବିଲଦାର, କନେଷ୍ଟବଳ ଏବଂ ସିପାହୀ ମହାସଂଘ ର ସଭାପତି ଅନିଲ କୁମାର ଷଣ୍ଢ, ଉପସଭାପତି ସନ୍ତୋଷ କୁମାର ମହାନ୍ତି, ସାଧାରଣ ସମ୍ପାଦକ କିଶୋର କୁମାର ମହାନ୍ତି ପ୍ରମୁକ ଯୋଗଦେଇଥିଲେ।

### ଶ୍ରଦ୍ଧାଳୁଙ୍କ ...

କରିଥିଲେ। ପରେ ସେ ଏକ ୱେବସାଇଟରୁ ନମ୍ବର ନେଇ କଥା ହେବା ସହ ନୀଳାଦ୍ରି ଭକ୍ତ ନିବାସରେ ଗୋଟିଏ ଦିନ ରହିବା ଲାଗି ୧୫୦୦ଟଙ୍କା ଫୋନ୍ ପେ କରିଥିଲେ। ହେଲେ ପୁରୀରେ ପହଞ୍ଚି ସେ ରୁମ୍ ଖୋଜିଲା ବେଳକୁ ନୀଳାଦ୍ରି ଭକ୍ତନିବାସରେ ତାଙ୍କ ନାମରେ କୌଣସି ରୁମ୍ ବୁକ୍ ହୋଇନଥିବା ଜାଣିବାକୁ ପାଇଥିଲେ। ଏପରିକି ସେ ଠକି ଯାଇଥିବା ଜାଣିବା ପରେ କାନମୁଣ୍ଡା ଆଉଁସି ଘରକୁ ଯାଇଥିଲେ।

କେବଳ ପିଣ୍ଟୁ ନୁହଁନ୍ତି, ପ୍ରତିଦିନ ଏପରି ଶହ ଶହ ଲୋକଙ୍କୁ ଡିଜିଟାଲ୍ ଠକ ଠକି ଚାଲିଛନ୍ତି। ସିଂହଦ୍ୱାର ଥାନାଠାରୁ ଟାଉନ୍ ଥାନା ଯାଏଁ ଏନେଇ ଅଭିଯୋଗ ହେଉଛି। ଭକ୍ତନିବାସ ନାଁରେ ଲୋକଙ୍କୁ ଠକି ଚାଲିଥିବା ସାଇବର ଠକ ମାଲେମାଲ୍ ହେଉଛନ୍ତି। କିନ୍ତୁ ସବୁ ଜାଣି ବି ପୁରୀ ଓ ଶ୍ରୀମନ୍ଦିର ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ ହେଉଛି। ପୁରୀ ପୁଲିସ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ। ଫଳରେ ଗୁଗୁଲ୍ ଭଳି ସର୍ଚ୍ଚ ଇଂଜିନରୁ ଉକ୍ତ ଫେକ୍ ୱେବସାଇଟ୍ ହଟୁନାହିଁ। କେଉଁଟି ଠିକ୍ ୱେବସାଇଟ୍ ତାହା ଜାଣିବା ଶ୍ରଦ୍ଧାଳୁଙ୍କ ପକ୍ଷେ ସମ୍ଭବପର ନୁହେଁ। ଏପରିକି ଠିକ୍ ୱେବସାଇଟ୍ ନେଇ ପ୍ରଚାର ପ୍ରସାର ମଧ୍ୟ କରାଯାଉନାହିଁ। ଏହାଦ୍ୱାରା ଶ୍ରଦ୍ଧାଳୁ ଶୋଷଣର ଶିକାର ହେଉଥିଲାବେଳେ ପୁରୀ ପ୍ରତି ନକରାତ୍ମକ ଭାବନା ନେଇ ଘରକୁ ଫେରୁଛନ୍ତି। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବାକୁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

### ରାଜଧାନୀର...

ସେହିଭଳି ଏହି ଅଭିଶପ୍ତ ଗଳିରେ ସରକାରୀ ଘର ପାଇଥିବା ନେତାଙ୍କ ତାଲିକାରେ ସ୍ୱର୍ଗତ ଲଲ୍ଲୁ ମହାପାତ୍ର, ସ୍ୱର୍ଗତ ଗୋଲକ ନାଏକଙ୍କ ସହିତ ପ୍ରଭାତ ତ୍ରିପାଠୀ, ସଞ୍ଜୟ କୁମାର ଦାଶବର୍ମା, ପ୍ରଦୀପ ପାଣିଗ୍ରାହୀ, ରମେଶ ମାଝି, ଅରବିନ୍ଦ ଢାଲି, ସିପ୍ରା ମଲ୍ଲିକ ପ୍ରମୁଖ ରହିଛନ୍ତି ।

ଏହି ଗଳିରେ ରହିଥିବା ପ୍ରଭାତ ତ୍ରିପାଠୀ ଓ ପ୍ରଦୀପ ପାଣିଗ୍ରାହୀ ଜେଲ୍ ଯାଇଥିବାବେଳେ ସଞ୍ଜୟ କୁମାର ଦାଶବର୍ମା, ରମେଶ ମାଝି, ଅରବିନ୍ଦ ଢାଲି ଓ ସିପ୍ରା ମଲ୍ଲିକ ପ୍ରମୁଖ ସମସ୍ତ ଲୋକପ୍ରିୟତା ସତ୍ତ୍ୱେ ନିର୍ବାଚନରେ ହାରିଛନ୍ତି। ଏମାନଙ୍କ ରାଜନୈତିକ ଭବିଷ୍ୟତ ଏବେ ବାଜିରେ ଲାଗିଛି।

ଏହି ଆଲୋଚନା ଆରମ୍ଭ ହେବାପରେ ଏବେ ରାଜଭବନ ନିକଟରେ କ୍ୱାଟର୍ସ ପାଇ ଗର୍ବ କରୁଥିବା କିଛି ବାବୁ ଓ ନେତା ଚିନ୍ତାରେ ପଡିଛନ୍ତି । ତେବେ ଆଲୋଚନା ଭିତରକୁ ବାସ୍ତୁଶାସ୍ତ୍ର ପଶି ଆସିଥିବାରୁ ସେମାନେ ଅଧିକ ଛାନିଆ ହୋଇଛନ୍ତି । ଏହି ଘରଗୁଡ଼ିକ କୁଆଡେ ଦକ୍ଷିଣ ମୁହାଁ ହୋଇଥିବାରୁ ଯିଏ ସେଠାରେ ରହୁଛି ସିଏ ଫଳ ଭୋଗୁଥିବା କୁହାଯାଉଛି । ତେଣୁ ଅନେକ ଏବେ ଏଠାରେ କ୍ୱାଟର୍ସ ନେବାକୁ ରାଜି ହେଉନଥିବାବେଳେ ଘର ପାଇଥିବା ନେତା ଓ ବାବୁମାନେ କ'ଣ କରିବେ ତାହା ଜାଣିପାରୁ ନାହାନ୍ତି ।

### ମୋହନ...

ଦେଖାଇଛନ୍ତି ତାହା ଏବେ ଅପପ୍ରଚାରକାରୀ ଓ ବିରୋଧିଙ୍କ ମୁହଁରେ ତାଲା ଝୁଲାଇଥିବାବେଳେ ଦଳ ମଧ୍ୟରେ ଆଶା ଆଶଙ୍କାରେ ଥିବା କିଛି ନେତାଙ୍କୁ ମଧ୍ୟ ଭିନ୍ନ ବାର୍ତ୍ତା ଦେଇଛି । କାରଣ ବିଭିନ୍ନ ପଦ ପଦବୀ ପାଇଁ ଆଶାୟୀ ଥିବା ବିଜେପିର ବହୁ ନେତା ଅପପ୍ରଚାରରେ ପ୍ରଭାବିତ ହୋଇ ଗୋଷ୍ଠି ଗଠନରେ ଲାଗି ପଡିଥିଲେ ।ତେଣୁ ମୁକୁ-ମୋହନ-ଜୟ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଗୋଟିଏ ଗୁଳିରେ ତିନିଟି ଶିକାର ବୋଲି ଚର୍ଚ୍ଚା ଜୋର ଧରିଛି । ଆଗାମୀ ଦିନରେ ଏହା କେବଳ ରାଜ୍ୟ ରାଜନୀତିକୁ ପ୍ରଭାବିତ କରିବ ନାହିଁ, ବିଜେପିକୁ ଅଧିକ ମଜବୁତ କରିବା ସହିତ ବିରୋଧିଙ୍କ ମୂଳପୋଛ ପାଇଁ ବି ବାଟ ସଫା କରିଦେଇଛି।

### ଜାନୁଆରୀରେ...

ମାଝୀ।ଠିକ୍ ସେହିପରି ଜାନୁଆରୀ ୨୭ ଓ ୨୮ତାରିଖ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ ଭୁବନେଶ୍ୱରରେ ଆୟୋଜିତ ହେବ। ସେଥିରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବ। ରାଜ୍ୟ ପୁଲିସ ହାବିଲଦାର କନଷ୍ଟେବଳ ସିପାହୀ ମହାସଙ୍ଘ ଉତ୍ସବରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ସାଲେପୁରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ



**ସାଲେପୁର, ୧୬।୧୨ (ସଂଚାର ବ୍ୟୁରୋ) :** ସାଲେପୁର, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ଏକ ମୁଖ୍ୟ ରାସ୍ତା ହେଉଛି ସାଲେପୁର ବଜାର। ଏହି ରାସ୍ତା ଦେଇ ଦିନକୁ ହଜାର ହଜାର ଟ୍ରକ, ବସ, କାର, ବାଇକ, ଆମ୍ବୁଲାନ୍ସ ଇତ୍ୟାଦି ଗାଡି ଯାତାୟାତ କରନ୍ତି। ସାଲେପୁର ଅଞ୍ଚଳରେ ସମସ୍ତ ସ୍କୁଲ, କଲେଜ, ମେଡିକାଲ, ଥାନା, କୋର୍ଟ, ବ୍ୟାଙ୍କ, ସବ-ରେଜିଷ୍ଟ୍ରାର ଅଫିସ ଏବଂ ଶହ ଶହ ବେସରକାରୀ ସଂସ୍ଥାର କର୍ମଚାରୀ ଏହି ମୁଖ୍ୟ ରାସ୍ତା ଦେଇ ଯିବାଆସିବା କରନ୍ତି। ତା ସହ ପାଖାପାଖି ତିନିରୁ ଚାରିଟି ବ୍ଲକ ଯଥା ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସାଲେପୁର, କିଷାନନଗର, ଆଦି ଅଂଚଳର ଲୋକମାନଙ୍କର ମଧ୍ୟସ୍ଥଳୀ ହୋଇଥିବାରୁ ଏହି ସାଲେପୁର ବଜାରରେ ବହୁ ସମୟରେ ଭିଡ ଲାଗିରହେ। ଦ୍ୱିତୀୟରେ କିଛି ଅମାନିଆ ବ୍ୟକ୍ତି ଏହି ବଜାରର ମୁଖ୍ୟ ରାସ୍ତା ଉପରେ ଚାରି ଚକିଆ ଓ ଦୁଇ ଚକିଆ ଗାଡି ରଖିବା ଫଳରେ ଟ୍ରାଫିକ ବ୍ୟବସ୍ଥା ଅଣାୟତ୍ତ ହୋଇପଡେ। ଏଠାରେ ଥିବା ଟ୍ରାଫିକରେ ସନ୍ଧ୍ୟା ସମୟରେ ଜଣେ ମାତ୍ର ଟ୍ରାଫିକ ପୋଲିସ କାମ କରୁଥିବାରୁ ସମ୍ପୂର୍ଣ୍ଣ ବଜାରକୁ ଟ୍ରାଫିକ ନିୟନ୍ତ୍ରଣ କରିବା ସମ୍ଭବ ହୁଏନାହିଁ। ତେଣୁକରି ଜରୁରୀ କାଳୀନ ଗାଡି ଗୁଡିକ ଯିବାପାଇଁ ବହୁ ଅସୁବିଧାର ସାମ୍ନା କରନ୍ତି। ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେଲେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଲୋକ ଉପକୃତ ହୋଇପାରନ୍ତେ।

# ବୋରିଗୁମ୍ମାରେ ପ୍ରସୂତି ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ



**ବୋରିଗୁମ୍ମା, ୧୬।୧୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ନବ ନିର୍ମିତ ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ ଚିକିତ୍ସାଳୟ ଭବନ ଏବଂ ଜିଲ୍ଲା ଚିକିତ୍ସାଳୟ ଓ ଅଧିକାରୀ ଓ କର୍ମଚାରୀଙ୍କ ସରକାରୀ ବାସଭବନ ରବିବାର ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୩ ଦିନିଆ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଜୟପୁର ଗସ୍ତ କରିଥିଲେ। ଏହି ଅବସରରେ ଭିସି ଜରିଆରେ ବୋରିଗୁମ୍ମା ଠାରେ ୬ କୋଟି ଟଙ୍କା ବ୍ୟୟରେ ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ ଭବନର ଉଦଘାଟନ କରିଥିଲେ। ଏଥି ସହିତ ଜୟପୁର ଠାରେ ୧୪୦ କୋଟି ଟଙ୍କା ବ୍ୟୟରେ ଜିଲ୍ଲା ଚିକିତ୍ସାଳୟ ଭବନ, ୨୦ କୋଟି ଟଙ୍କାର ୧୭ଟି ଜିଲ୍ଲା ଚିକିତ୍ସାଳୟ ଅଧିକାରୀ କର୍ମଚାରୀଙ୍କ ସରକାରୀ ବାସଗୃହ, ୨ କୋଟି ଟଙ୍କାର ଜୟପୁର ବିମାନ ବନ୍ଦରର ୨ୟ ଟର୍ମିନାଲର ଉଦଘାଟନ କରିଥିଲେ। ଏବଂ କୋରାପୁଟଠାରେ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କୋରାପୁଟ ଜିଲ୍ଲା ଆଗାମୀ ଦିନରେ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା ଭାବେ ସାରା ଦେଶରେ ରହିବ। ଆଉ ପଛୁଆ ଜିଲ୍ଲା ହୋଇ ରହିବ ନାହିଁ ବୋଲି କହିଥିଲେ। ଏହି ଜିଲ୍ଲା ପ୍ରକୃତିର ଗନ୍ତାଘର ଏଠାରେ ଜଙ୍ଗଲ, ପାହାଡ, ଗଛଲତା ସହିତ ଜୀବଜଗତ ରହିଛନ୍ତି। ଏହି ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାର କୌଣସି ଅବହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଆନ୍ତରିକତାର ସହିତ ଭଲ ପାଉଥିବା ଯୋଗୁଁ ବାରମ୍ବାର ଗସ୍ତ କରୁଛନ୍ତି। ସେହିପରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଘୋଷଣା ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ଉନ୍ନତିପାଇଁ ଟଙ୍କାର ଅଭାବ ରହିବ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ମଞ୍ଚାସିନ ଥିଲେ।



## ଗଣିଆରେ ଜିଲ୍ଲାପାଳଙ୍କ ଜନ ଶୁଣାଣି

**ନୟାଗଡ଼, ୧୬।୧୨ (ସଂଚାର ବ୍ୟୁରୋ):** ଗଣିଆ ପଞ୍ଚାୟତ ସମିତି ଗୃହରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଡାର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଆଜି ମୋଟ ୪୦ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ମାମଲା ରହିଥିବା ବେଳେ ୪ ଗୋଟି ଗ୍ରାମ୍ୟ ମାମଲା ରହିଥିଲା। ମୁଖ୍ୟ ମନ୍ତ୍ରୀ ରିଲିଫ ଫଣ୍ଡରୁ ଗୋଟିଏ ମାମଲା ରହିଥିବା ବେଳେ ତୁରନ୍ତ ୧୧ ଗୋଟି ମାମଲାର ସମାଧାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ପ୍ରତିଭାବାଳା ରଣା, ବିଡିଓ ଡ. ଦେବିତା ମଞ୍ଜରି ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଜୟଦେବରେ ଜଳ ସଂପଦ ବିଭାଗ ପ୍ରକଳ୍ପର ଭିତ୍ତିପ୍ରସ୍ତର



**ବାଲିଅନ୍ତା, ୧୬।୧୨ (ସଂଚାର ବ୍ୟୁରୋ):** ବାଲିପାଟଣା କେନାଲ ସବ ଡିଭିଜନ ଅଞ୍ଚଳରେ ଆଜି ୩ଟି ବଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସୂଚନା ଅନୁସାରେ ଭୁବନପୁରଠାରୁ ଧବଳାହାର ଗ୍ରାମ ଉନ୍ନୟନ ବିଭାଗ (ନାଥ ସାହି) ପର୍ଯ୍ୟନ୍ତ ନିମାପଡ଼ା ବ୍ରାଞ୍ଚ କେନାଲ ଦୁଇ କିଲୋମିଟର ପର୍ଯ୍ୟନ୍ତ ଶଯ୍ୟା ଓ ଉଭୟ ପାର୍ଶ୍ୱ କଂକ୍ରିଟ ଢଳେଇ ନିର୍ମାଣ କାର୍ଯ୍ୟ ନେଇ ୬ କୋଟି ୩୫ ଲକ୍ଷ, ଭୁବନପୁର ଠାରୁ ବାଲକାଟି ପର୍ଯ୍ୟନ୍ତ ପୁରୀ କେନାଲ ବନ୍ଧ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ଓ ନବୀକରଣ ନେଇ ୫ କୋଟି ୮୭ ଲକ୍ଷ ଏବଂ ଭୁବନପୁର ଠାରୁ ଅଠାନ୍ତର ପର୍ଯ୍ୟନ୍ତ ନିମାପଡ଼ା ବ୍ରାଞ୍ଚ କେନାଲ ୧୮ କିମି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ ୬ କୋଟି ୬ ଲକ୍ଷ ଟଙ୍କା ଜଳ ସଂପଦ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ବନ୍ଧ ମାଟି ଫିଲିଂ କରି ସଂପ୍ରସାରଣ କରାଯିବା ସହ ପକ୍କା କରାଯିବ। ବାଲିଅନ୍ତା ବ୍ଲକର ବଇଁଚୁଆ, ଧବଳାହାର, ପଟୁପଡ଼ା, ବେଣ୍ଟପୁର, କାକରୁଦ୍ରପୁର, ଶିଶୁମଠ ଦେଇ ବାଲିପାଟଣା ବ୍ଲକ ଅଧୀନ ଅଠାନ୍ତର ପଞ୍ଚାୟତବାସୀଙ୍କ ଯାତାୟତ ସମସ୍ୟା ଦୂର ହେବ। ୩ଟିଯାକ ପ୍ରକଳ୍ପ କାର୍ଯ୍ୟ ଓସିସି (ଓଡ଼ିଶା କନଷ୍ଟ୍ରକସନ କରପୋରେସନ) କରିବ । ରାସ୍ତା ୧୨ଫୁଟ ଚଉଡ଼ା କରାଯିବ। ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା ପିଚୁ କରାଯିବ। ଅନ୍ୟୁନ ୬ ମାସ ମଧ୍ୟରେ ସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ।

ଏହି ଅବସରରେ ଭୁବନପୁର ସାଇଫନ ନିକଟରେ ଆୟୋଜିତ ସଭାରେ ସାଂସଦଙ୍କ ପ୍ରତିନିଧି ଶିବ ମଲ୍ଲିକ ସଭାପତିତ୍ୱ କରିଥିଲେ। ଜଳ ସଂପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇ ପ୍ରକଳ୍ପ କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବାଲିପାଟଣା କେନାଲ ସବ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନପୁର ସେକସନ ସହକାରୀ ଯନ୍ତ୍ରୀ ଜଳନ୍ଧର ସାଥୁଆ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବିଜେପିର ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଚୌଧୂରୀ ଦ୍ୱାରିକା ନାଥ ଦାଶ, ସିଦ୍ଧେଶ୍ୱର ନାଥ, ତାପସ ଜେନା, ବିଜୟ ମହାରଣା, ଓ ମାଗୁଣି ସେଠୀଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ୧୫୨ ଅଭିଯୋଗ ଶୁଣିଲେ ଏଡିଏମ୍

**ବାଲିଅନ୍ତା, ୧୬।୧୨ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲା ଏଡିଏମ ସାଫଲ୍ୟ ମଣ୍ଡିତ ପ୍ରଧାନ ଅଭିଯୋଗ ଶୁଣିଥିଲେ। ଏଡିଏମ ମୋଟ ୧୫୨ଗୋଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ଭତ୍ତା ଓ ପକ୍କାଘର ଓ ଅନ୍ୟାନ୍ୟ ସହାୟତା ଭଳି ୧୧୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସେହିପରି ପାନୀୟ ଜଳ ସମସ୍ୟା, ରାସ୍ତାଘାଟ, ପକ୍କାରାସ୍ତା, ଜମିଜମା ସଂପର୍କିତ ୨୭ଗୋଟି ସମୂହ ଅଭିଯୋଗ ଥିଲା। ୩ ଜଣ୍ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ , ସିଡିଓ କମ ଇଓ ଜ୍ୟୋତିଶଙ୍କର ସାହୁ ଓ ସିଡିଏମଓ ଡ. ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ବାଲିଅନ୍ତା ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ,ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା ଏବଂ ଉପାଧ୍ୟକ୍ଷା ଇତିଶ୍ରୀ ଜେନାଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଏବଂ ଜନ ପ୍ରତିନିଧି ସାମିଲ ଥିଲେ।



## ରାଇଘରରେ ଯୁଗ୍ମ ଜନଶୁଣାଣି ଶିବିର





**ନବରଙ୍ଗପୁର, ୧୬।୧୨ (ସଂଚାର ବ୍ୟୁରୋ):** ଆଜି ରାଇଘର ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଓ, ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ,ନବରଙ୍ଗପୁର ଶ୍ରୀ ପ୍ରକାଶ ମିଶ୍ର, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ବିଡି ଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ରିତୁ ସିଂ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୨୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ରାଇଘର ବ୍ଲକ ଗଞ୍ଜପରା ଗ୍ରାମ ପଞ୍ଚାୟତ ଗସ୍ତ କରି ଡିଗ୍ରୀ କଲେଜ ର ସ୍ଥାନ ଚିହ୍ନଟ ପ୍ରସ୍ତାବ କୁ ଦେଖିଥିଲେ ଏବଂ ନୂଆପାରା ପାଇଁ ଏକ ପ୍ରମୁଖ ଏସ ଏସ ଡି ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ଙ୍କୁ ଶ୍ରେଣୀରେ ପାଠ ପଢ଼ାଇ ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ।



## ଚାଷୀ ମୁଣ୍ଡରେ ଚଡକ ଜଳିଗଲା ଏକର ଏକର ପାଚିଲା ଧାନ

**ନାଉଗାଁ, ୧୬।୧୨ (ସଂଚାର ବ୍ୟୁରୋ):** ଏବେ ଖେତରେ ପାଚିଲା ଧାନ ଫସଲ। ଚାଷୀ ତାର ବଳ ସହିତ ବିଡ଼ା ବିଡ଼ା ଟଙ୍କା ଖର୍ଚ୍ଚ କରି ସୁନାର ଫସଲ ଫଳେଇଛି। କିନ୍ତୁ ଦୁଃଖର ବିଷୟ ଏହି ଫସଲ ଅମଳ କରିବା ବେଳକୁ ଦଇବ ଦାଉ ସାଜିଛି। ଏହିପରି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ମାରେଡା ପାଟରେ।

ଏହି ପାଟରେ ଅନ୍ୟ ଚାଷୀ ଭାଇଙ୍କ ପରି ନିଜ ଖେତରେ ଶିଖର ଗ୍ରାମର ଶିବ ଚରଣ ବେହୁରା ଓ ବଛାଲୋ ଗ୍ରାମର ସୁରେନ୍ଦ୍ର ନାଥ ଲେଙ୍କା ହଜାର ହଜାର ଟଙ୍କା ଖର୍ଚ୍ଚ କରି ଲହୁ ଲୁହକୁ ଏକାକାର କରି ଏକର ଏକର ଧାନ ଚାଷ କରିଥିଲେ। ଚଳିତ ବର୍ଷ ମଧ୍ୟ ଭଲ ଧାନ ଫସଲ ହୋଇଥିଲା। ହେଲେ ଠିକ୍ ଅମଳ ବେଳକୁ ବିଲରେ କୌଣସି କାରଣ ବଶତଃ ନିଆଁ ଲାଗିଯାଇ ଏକର ଏକର ଧାନ ଫସଲ ଜଳି ପୋଡି ପାଉଁଶ ହୋଇଯାଇଛି। ତେବେ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ସହିତ ସଠିକ୍ ସମୟରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାରୁ ଆଉ ଅଧିକ କ୍ଷୟକ୍ଷତି ରୁ ଅନ୍ୟ ଚାଷୀ ଭାଇ ମାନେ ବଞ୍ଚି ଯାଇଛନ୍ତି।

ତେବେ ଅମଳ ସମୟରେ ଏଭଳି ଦାରୁଣ ଘଟଣା ଦୁଇ ଚାଷୀ ଭାଇଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କ୍ଷୟକ୍ଷତି ହୋଇଥିବା ଦୁଇ ଚାଷି ଭାଇଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦୁଇ ଚାଷୀ ଭାଇ ଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ମାନେ ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ନବରଙ୍ଗପୁର, ୧୬।୧୨ (ସଂଚାର ବ୍ୟୁରୋ):** ରବିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଠାରେ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ମ୍ୟୁନିସପାଲଟି ନବରଙ୍ଗପୁର ବ୍ଲକ୍ ଚନ୍ଦାହାଣ୍ଡି, ରାଇଘର, ଉମରକୋଟ ତଥା ଅନ୍ୟାନ୍ୟ ସ୍ଥାନର ପ୍ରାୟ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶ୍ରୀ ଅଶୋକ ତ୍ରିପାଠୀ, ବିଦ୍ୟାଧର ସେଠୀ, ରଶ୍ମିତା ସାହୁ, ପ୍ରଶନ୍ନ ସାହୁ, ସନ୍ଧ୍ୟା ରାଣୀ ତ୍ରିପାଠୀ, ଜଗନ୍ନାଥ ସ୍ୱାଇଁ, ପବିତ୍ର କୁମାର ମିଶ୍ର,ତୁଳସୀ ରାମ ମହାନ୍ତି, ଲୋପାମୁଦ୍ରା ଦାସ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନନୀୟ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଗ୍ରୁପ୍ 'ଏ'ରେ ମନିଷା ଗୋଣ୍ଡ, ହରପ୍ରସାଦ ଦଳେଇ, ସୁଲଗ୍ନା ନାୟକ, ଗଞ୍ଜୁନ୍ କୁମାରୀ ଠାକୁର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିଲେ। ସେହିପରି ଗ୍ରୁପ୍ 'ବି'ରେ ସୂର୍ଯ୍ୟ ନାରାୟଣ, ସିଦ୍ଧାର୍ଥ ମିଶ୍ର, ସୁରୋଜ୍ ସିଂ ଗ୍ରୁପ୍ 'ସି'ରେ ସୂର୍ଯ୍ୟ ପ୍ରତାପ, ସନ୍ତୋଷି ଭତ୍ରା, ଗାୟତ୍ରୀ ଭତ୍ରା ଏବଂ ଗ୍ରୁପ୍ 'ଡି'ରେ ପ୍ରିୟଙ୍କା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗୀମାନେ ଆସନ୍ତା ୨୬,୨୭ରେ ହେବାକୁ ଥିବା ପ୍ରାନ୍ତ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଝରଣା ପଟ୍ଟନାୟକ, ବିଭବ୍ରହ୍ମା ସୁନୀଲ ବେହେରା, ରବି ଶଙ୍କର ସାହୁ ଆଦି ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜ୍ୟୋତି,ଚଞ୍ଚଳା, ମିନାକ୍ଷୀ, ଶୁଭଶ୍ରୀ ଏବଂ ଅନ୍ୟ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।





## ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ

**ଖୋର୍ଦ୍ଧା, ୧୬।୧୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ପୌରପରିଷଦ ହାବେଳୀ ପଡ଼ିଆଠାରେ ମହୋତ୍ସବ ୨୦୨୪ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟବକ୍ତା ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ମହୋତ୍ସବ କମିଟି ସଭାପତି ଓ ସଂଯୋଜକ ଭାବରେ ସମାଜସେବୀ ଡ଼ ସଂଜୟ ପଟ୍ଟନାୟକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରବିବାର ଦିନ ଉଦଘାଟନ ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା। ଖୋର୍ଦ୍ଧାର ଗାରିମାମୟ ଐତିହ୍ୟ,ମହାନ ସାମରିକ ସଂସ୍କୃତି , ବୀରତ୍ୱ ବ୍ୟଞ୍ଜକ ଇତିହାସକୁ ଉଜ୍ଜୀବିତ କରିବା ପାଇଁ ଖୋର୍ଦ୍ଧାର ସ୍ୱେଚ୍ଛାସେବୀ ସଂଗଠନ ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଖୋର୍ଦ୍ଧା ମହୋତ୍ସବ ଆରମ୍ଭ କରାଯାଇଥିଲା ୨୦୦୦ ମସିହାରେ। ତେବେ ଏହି ମହୋତ୍ସବକୁ ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ହୋଇଥିବାରୁ ଏହାର ରୌପ୍ୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ହାତକୁ ନେଇ କିଛି ନୂଆ ରୂପରେ ଚଳିତବର୍ଷ ମହୋତ୍ସବକୁ ପାଳନ କରିବା ପାଇଁ ପ୍ରୟାଶ କରିଥିବାରୁ ଉପସ୍ଥିତ ଅତିଥି ମାନେ ସଙ୍ଗଠନର କାର୍ଯ୍ୟକର୍ତା ମାନଙ୍କୁ ଧନ୍ୟବାଦ ଜଣାଇଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଇତିହାସ ବୀରତ୍ୱ ଗାଥା ଖୋର୍ଦ୍ଧାର ପାଇକ ବିଦ୍ରୋହ ଭାରତର ଇତିହାସରେ ଲିପିବଦ୍ଧ ହୋଇରହିଛି,ଏବଂ ଖୋର୍ଦ୍ଧା ପାଇକ ବିଦ୍ରୋହର ନାୟକ ମହାନ ବିପ୍ଲବୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ହୋଇଥିବା ବେଳେ ଆଜି ଖୋର୍ଦ୍ଧା ମାଟିରେ ସେହି ବୀର ମହାନ ପୁରଷଙ୍କ ଦାୟାଦ ରୂପେ ବିଧାୟିକା ଉପାସନା ମହାପାତ୍ରଙ୍କୁ ପାଇ ଖୋର୍ଦ୍ଧା ମାଟି ଗୌରବାନ୍ୱିତ ହୋଇଥିବା ମହୋତ୍ସବ କମିଟିର ଆୟୋଜକ ମାନେ ମତପ୍ରକାଶ କରିଛନ୍ତି।

### ବିଷମକଟକର ପଟ୍ଟା ସମସ୍ୟା

## ସ୍ଥାୟୀ ସମାଧାନ ପାଇଁ ବିଧାୟକଙ୍କ ଉଦ୍ୟମ

**ରାୟଗଡା, ୧୬।୧୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକର ଲୋକମାନଙ୍କୁ ବହୁ ବର୍ଷ ଧରି ଜମି ପଟ୍ଟା ସମସ୍ୟା ସମ୍ମୁଖୀନ ହେବାକୁ ପଡ଼ିଛି। ଏହି ଅଞ୍ଚଳର କିଛି ବିଶେଷ ସ୍ଥାନ, ଯଥା ଡୁକୁମ ରୋଡ଼, ହେମଗିରି ସାହି ଓ ସାନସାହି, ୨୦୧୧ରେ ହୋଇଥିବା ଲ୍ୟାଣ୍ଡ ସେଟେଲମେଣ୍ଟରୁ ବାଦ ପଡିଥିଲା। ଏହାର ପରିଣାମରେ, ସ୍ଥାନୀୟ ଲୋକମାନେ ଜମିର ପଟ୍ଟା ନଥିବାରୁ ନିଜ ସମ୍ପତ୍ତି ବନ୍ଧକ ଦେଇ ଆବଶ୍ୟକ ଅର୍ଥସାହାଯ୍ୟ ମଧ୍ୟ ପାଇପାରୁନାହାନ୍ତି । ଏହା ଫଳରେ ବ୍ୟାଙ୍କ ଋଣ, ଶିକ୍ଷା, ବିବାହ ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ବିଷମକଟକର ବିଧାୟକ ନୀଳମାଧବ ହିକକା ଏହାକୁ ଗୁରୁତ୍ୱ ଦେଇ ୭୧୧ଟି ଅଭିଯୋଗ ସଂଗ୍ରହ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରିଛନ୍ତି । ମନ୍ତ୍ରୀଙ୍କ ଦିନିକିଆ ରାୟଗଡା ଗସ୍ତ ସମୟରେ ବିଧାୟକ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଛନ୍ତି । ସ୍ଥାନୀୟ ତହସିଲ ଓ ଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ମୁଦ୍ଦାକୁ ଏକ ପ୍ରାଥମିକତା ମାନ୍ୟ ହୋଇଥିଲା ବୋଲି ଜଣାଯାଉଛି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଶ୍ୱାସନ ଦେଇଛନ୍ତି ଯେ ଏହି ସମସ୍ୟାର ସମାଧାନ ପାଇଁ ଜଟିଳ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ ଭଲଭାବେ ସମାପ୍ତ କରାଯିବ । ସେ ଜଣାଇଛନ୍ତି ଯେ ଭୂମିହୀନ ଲୋକଙ୍କୁ କେବଳ ୪ ଡେସିମିଲ ଜମି ଦିଆଯିବା ନୁହେଁ, ଏବଂ ସେମାନଙ୍କୁ ଉଚ୍ଛେଦ କରାଯିବ ନାହିଁ । ମନ୍ତ୍ରୀଙ୍କ ଏହି ଆଶ୍ୱାସନ ରାଜନୈତିକ ଅଞ୍ଚଳରେ ଆଶାର ପରିବେଶ ସୃଷ୍ଟି କରିଛି । ବିଧାୟକଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରୁଛନ୍ତି । ସେମାନଙ୍କ ଆଶା ଯେ,ଏହି ମୁଦ୍ଦାର ସ୍ଥାୟୀ ସମାଧାନ ତ୍ୱରିତ ହେବ ଓ ସାଧାରଣ ଲୋକଙ୍କ ଜୀବନରେ ସୁବିଧା ଆଣିବ ।



### ସଂଚାର ମହାପ୍ରଭାବ

## ଆକ୍ସନ ମୁଡ଼ରେ ଜେଏମ୍‌ସି କମ୍ପାନୀ



**ବୋରିଗୁମ୍ମା, ୧୬।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରେ ଗତ ଚାରି,ପାଞ୍ଚ ବର୍ଷ ତଳୁ ଜେଏମସି ନାମକ କମ୍ପାନୀ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ମୁରାନ ଡ୍ୟାମରୁ ଗାଁ ଗାଁ କୁ ପାନୀୟ ଜଳ ଯୋଗାଇବା ପାଇଁ କାର୍ଯ୍ୟ ଚଳାଇଛି ମେଗା ପାନୀୟ ଜଳ ପ୍ରକଳ୍ପ। ଏଥି ନିମନ୍ତେ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ଜେଏମସି ଠିକା ସଂସ୍ଥା କାର୍ଯ୍ୟ କରୁଛି। ଦୀର୍ଘ ବର୍ଷ ବିତିଥିଲେ ବି ଲୋକମାନେ ପାଣିପାଇବା ସ୍ୱପ୍ନ ପାଲଟିଥିବା ବେଳେ ରାସ୍ତାକୁ ଦୁଇ ଫାଳ କରି ଚିରି ପାଇପ ପକାଇବା ପରେ ମାଟି ଘୋଡ଼େଇ ଦେବା ଉଦ୍ୟମକୁ ସହରବାସୀଙ୍କ ପକ୍ଷରୁ ଜୋରଦାର ବିରୋଧ କରାଯାଇଥିଲା। ଉକ୍ତ ସମସ୍ୟା ସମ୍ପର୍କିତ ଖବର ୯/୧୨ ସୋମବାର ସଂଚାର ଖବରକାଗଜରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହକାରେ ନେଇ ପାଇପ ବିଛେଇ ମାଟି ପକାଇବା ସ୍ଥାନକୁ ପୁନର୍ବାର ମାଟି ବାହାରକରି ସିମେଣ୍ଟ କଂକ୍ରିଟ ଦ୍ୱାରା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ବୋରିଗୁମ୍ମା ଅଂଚଳବାସୀ ସଂଚାର ଖବରକାଗଜକୁ ସାଧୁବାଦ ଜ୍ଞାପନ କରିଛନ୍ତି।

# ଡୋକରୀ ଚଞ୍ଚରାରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

**କଳାହାଣ୍ଡି, ୧୬।୧୨ (ସଂଚାର ବ୍ୟୁରୋ) :** ଏବେ ଶୀତ ଧୀରେ ଧୀରେ ବଢ଼ି ଚାଲିଥିବା ବେଳେ ଆରମ୍ଭ ହେଲାଣି ପିକନିକ୍ ଋତୁ। ଶୀତୁଆ ସକାଳ ସହ ଜଙ୍ଗଲ ପରିବେଷ୍ଟିତ ଶାନ୍ତ ଓ ସବୁଜ ପରିବେଶରେ ଭରପୁର ମଜା ନେବା ସହ ବଣଭୋଜି କରିବାରେ ମିଳିଥାଏ ନିଆରା ଅନୁଭୂତି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ସ୍ଥାନମାନଙ୍କରେ ବଣଭୋଜି ପାଇଁ ଲୋକଙ୍କ ସମାଗମ ଲାଗିରହିଛି। ଜିଲ୍ଲାର କୋକସରା ବ୍ଲକ ଖଲିଗଡ଼ ସହାଜଖୋଲ ସଂରକ୍ଷିତ ଜଙ୍ଗଲ ପଦଦେଶରେ ଥିବା ଅନ୍ୟତମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବହୁ ପ୍ରାଚୀନ ପର୍ଯ୍ୟଟନ ସ୍ଥଳି ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ସପ୍ତାହେ ହେବ ପିକ୍‌ନିକ୍ ପାର୍ଟିର ଭିଡ ଦେଖୁବାକୁ ମିଳିଛି। କୋକସରା ବ୍ଲକ ସଦର ମହକୁମା ଠାରୁ ମାତ୍ର ୨୨. କିମି. ଅତିକ୍ରମ କଲାପରେ ଆଖି ଆଗରେ ଝଲସି ଉଠେ ଗୁଡହାଣ୍ଡି ଡୋକରୀ ଚଞ୍ଚରାର ଦୁଇ ଜଳପ୍ରପାତ, ଡୋକରୀଦର ଓ ଭୈରବ- ଧାର। ତା' ସହିତ ଗୁଡହାଣ୍ଡିର ହଜାର ହଜାର ବର୍ଷତଳର କଳା-ଖଇ ଅନ୍ଧାରର ଶିଳାଲିପି, ଯୋନଚିତ୍ର ଓ ପ୍ରାକୃତିକ ବିଭବ, ଗୁମ୍ଫା ସହ ଜଳପ୍ରପାତର ଦୃଶ୍ୟ ସାଙ୍ଗକୁ ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମା ଦୃଶ୍ୟ ବର୍ଷ ବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ରହି ଆସିଛି। ତେବେ ସପ୍ତାହେ ହେବ ବଣଭୋଜି ପାଇଁ ଏହି ସ୍ଥାନ ପର୍ଯ୍ୟଟକଙ୍କ ଆସର ପାଲଟିଛି।

ଏହି ପର୍ଯ୍ୟଟନ ସ୍ଥଳୀର ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୨ କିମି. ପାଖାପାଖୁ ଗଲାପରେ ପଡେ ଭୈରବଧାର। ଏହି ଝରଣାର ଭୟଙ୍କର ଦୃଶ୍ୟ ପ୍ରାୟ ୨ ଶହ ଫୁଟ୍‌ରୁ ଉର୍ଦ୍ଧ୍ୱ। ଏଠାରେ ସହସ୍ର ମଧୁମଖିଙ୍କ ଫେଣ ସାଙ୍ଗକୁ ଜଙ୍ଗଲି ପକ୍ଷୀଙ୍କ କିଛିରି ମିଚିରି ଶବ୍ଦ ଦର୍ଶକଙ୍କ ମନରେ ଭରପୁର ଆନନ୍ଦ ଭରି ଦେଇଥାଏ। ସେହିପରି ମନ୍ଦିର ପରିସରରେ ରହିଛି ଡୋକରୀ ଚଞ୍ଚରା ଏକ ପଥର ଶଯ୍ୟା । ପଥର ଶଯ୍ୟାରେ ଲାଗିକି ରହିଛି ପ୍ରାୟ ୨ ଶହ ଫୁଟର ଜଳପ୍ରପାତ ଡୋକରୀଦର। ତା' ସହିତ ବହୁ ଆକର୍ଷଣୀୟ ସ୍ଥାନ ରହିଥିବାବେଳେ ଏହାର ଚତୁଃପାର୍ଶ୍ୱରେ ବଣ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ପ୍ରତି ବର୍ଷ ଏଠାରେ ଚୈତ୍ରା ମାସରେ ୯ ଦିନ ଧରି ଲାଗିଥାଏ ରାମନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ। ଏହି ସମୟରେ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଧାଳୁଙ୍କ ସୁଅ ଛୁଟିଥାଏ। କଳାହାଣ୍ଡି ଜିଲ୍ଲା ସଦର ମହକୁମାରୁ ପାଖା- ପାଖି ୮୫ କି.ମି ଦୂରରେ ଡୋକରୀ ଚଞ୍ଚରା ଅବସ୍ଥିତ। ଏହି ସ୍ଥାନକୁ ଯିବାକୁ ହେଲେ ଭବାନୀପାଟଣାରୁ ଧର୍ମଗଡ଼ ଗୋଲେଇ ଛକରୁ ବିଜୁ ଏକ୍ସପ୍ରେସ ୱେ ରାସ୍ତା ପର୍ଲା, ବେହେରା, ଗୋତମୁଣ୍ଡା ଦେଇ ଘଣ୍ଟିଗୁଡା ଆସିବାକୁ ପଡୁଥିବାବେଳେ ୨୬ ନମ୍ବର ଜାତୀୟ ରାଜପଥ ଜୁନାଗଡ, ମୋଟେରରୁ କୋକସରା ପହଞ୍ଚି ବଙ୍ଗୋମୁଣ୍ଡା ପେଟ୍ରୋଲ ପମ୍ପ ଛକ ଠାରୁ ଟେମରା, ମହିମା ଦେଇ ଘଣ୍ଟିଗୁଡା ଆସିବାକୁ ପଡେ । ଘଣ୍ଟିଗୁଡା ଛକ ଠାରୁ ପଶ୍ଚିମ ଦିଗକୁ ୧୨. କି.ମି ଗଲା- ପରେ ଡୋକରୀ ଚଞ୍ଚରା ପହଞ୍ଚି ପାରିବେ। ସେହିପରି ଅନ୍ୟ ଏକ ରାସ୍ତା କୋକସରାରୁ ବୋବରିଆ ଢାବା ଛକ ଠାରୁ ଡେଙ୍ଗାଗୁଡା, ଦର୍ଲିପଡା ଛକ ହୋଇ ଧୋବେନପଡା ପରେ ଖଲିଗଡ଼ ଦେଇ ଡୋକରୀ ଚଞ୍ଚରାରେ ପହଞ୍ଚି ପାରିବେ। ସେହିପରି ପଡ଼ୋଶୀ ଜିଲ୍ଲା ନବରଙ୍ଗପୁର ପଟୁ ଆସୁଥାନ୍ତି ତେବେ ପାପଡାହାଣ୍ଡି, ମୈଦଲପୁର, ଆମପାଣି, ବଡକେନ୍ଦୁଗୁଡା, ଦର୍ଲିପଡା ଛକ ଠାରୁ ଧୋବେନପଡା, ଖଲିଗଡ଼ ଦେଇ ଡୋକରୀ ଚଞ୍ଚରା ପହଞ୍ଚି ପାରିବେ। ଶୀତ ଋତୁରେ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ ଲାଗିଥିବାବେଳେ ଏଠାକାର ମନରୋମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ସକାଳୁ ସନ୍ଧ୍ୟା ଯାଏ ପ୍ରକୃତି ପ୍ରେମୀଙ୍କ ଭିଡ ଜମିଥାଏ ।



# ଲୋକଙ୍କ ମୁଖ୍ୟମନ୍ତ୍ରୀ ଶୁଣିଲେ ୧୦୦୦ ଅଭିଯୋଗ



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ସବୁ ସମୟରେ ସାଧାରଣ ଲୋକଙ୍କୁ ଭେଟିବା, ସେମାନଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି।

ଅଭିଯୋଗଗୁଡ଼ିକ ମଧ୍ୟରେ ଅଧିକାଂଶ ଅଭିଯୋଗ ଘର, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରଶାସନ ପକ୍ଷରୁ ଏହି ସବୁ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ସମାଧାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

ଦିବ୍ୟାଙ୍ଗମାନଙ୍କ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଥମିକତା ଦେଇଥାନ୍ତି। ସେମାନଙ୍କ ଅଭିଯୋଗକୁ ସେ ପ୍ରଥମେ ଶୁଣାଣି କରିଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିଲେ। ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ନିଜେ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ମଧ୍ୟ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭିନ୍ନକ୍ଷମ ଅଭିଯୋଗକାରୀମାନେ ଆଶା ଓ ଭରସା ସହିତ ଆନନ୍ଦ ମନରେ ଫେରିଥିଲେ। କେନ୍ଦୁଝରରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ପ୍ରେମଲତା ନନ୍ଦ, ସୋରରୁ ଯୋଗାଯୋଗ ଘର ସମସ୍ୟା ନେଇ ଆସିଥିବା ପୁରୁଷୋତ୍ତମ ମହାନ୍ତି, ଧର୍ମଶାଳାରୁ ଜମିଜମା ସମସ୍ୟା ନେଇ ଆସିଥିବା ରଘୁନାଥ ମିଶ୍ର ପ୍ରମୁଖ ସମସ୍ତେ ସମାଧାନର ଆଶା ନେଇ ଖୁସି ମନରେ ଫେରିଥିଲେ। ଆଜି ପ୍ରାୟ ୧୦୦୦ ଜଣ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜିକରଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଦିବ୍ୟାଙ୍ଗମାନଙ୍କ ସମସ୍ୟା ସମାଧାନ ଉପରେ ସର୍ବାଧିକ ଗୁରୁତ୍ୱ**

**ମୌଳିକ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ସମାଧାନ କରିବାକୁ ନିର୍ଦ୍ଦେଶ**

# ବାଲିମେଳା ଜଳଭଣ୍ଡାରରେ ସୌର ପ୍ରକଳ୍ପ





**ମାଲକାନଗିରି, ୧୬।୧୨(ସଂଚାର ବ୍ୟୁରୋ):** ବାଲିମେଳା ଜଳଭଣ୍ଡାର ଭିତରେ ତିଆରି ହେବ ଫ୍ଲୋଟିଙ୍ଗ ପାୱାର ପ୍ରୋଜେକ୍ଟ। ଜଳଭଣ୍ଡାରେ ସୌର ଶକ୍ତିରୁ ଉତ୍ପନ୍ନ ହେବ ବିଦ୍ୟୁତ। ମାଲକାନଗିରି ଜିଲ୍ଲା ବାସୀଙ୍କୁ କମ୍ ଶୁଳ୍କରେ ମିଳିବ ବିଦ୍ୟୁତ ସେବା। ଆଜି ଏହି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମାଲକାନଗିରି ଗସ୍ତରେ ଯାଇଛନ୍ତି। ସେ ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ ବୁଲି ଦେଖିଲେ। ପରେ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ ନେଇ ଆୟୋଜିତ ହୋଇଥିବା ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ବୈଠକ ପରେ ଶ୍ରୀ ସିଂଦେଓ କହିଛନ୍ତି, ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପର ନବୀକରଣ କରାଯିବ। ଏଠାରୁ ଆହୁରି ଅଧିକ ୬୦୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କରାଯିବ। ଏଥିପାଇଁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ଲାଗିବ। ଜଙ୍ଗଲ ବିଭାଗର ଅନୁମତି ମିଳିଲେ ୨୦୩୧ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ ପରିଦର୍ଶନ ପରେ ମାଲକାନଗିରି ଫେରିଆସିଥିଲେ। ଏଠାରେ କୃଷି ବିଭାଗ ତରଫରୁ ହୋଇଥିବା ସମୀକ୍ଷା ବୈଠକରେ ଯୋଗଦେବା ପରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହାସହିତ ମାଲ୍ୟବନ୍ତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# ବିପୁଳ ପରିମାଣର ମାଓସାମଗ୍ରୀ ଜବତ



**ବଲାଙ୍ଗୀର,୧୬।୧୨:(ସୁନିଲ କୁମାର ମହାନ୍ତି):** ବଲାଙ୍ଗୀର ପୋଲିସକୁ ବଡ଼ଧରଣର ସଫଳତା ମିଳିଛି। ବଲାଙ୍ଗୀର ଜିଲା ଛତରଦାଣ୍ଡି ସଂରକ୍ଷଣ ଜଙ୍ଗଲ ଅଞ୍ଚଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ସୋମବାର ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡାନଦେଓ ଖିଲାରୀ ମଧ୍ୟ ଉପସ୍ଥିତ ରହି ସମଗ୍ର ମାଓବାଦୀ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ। ଆଇଜି ହିମାଂଶୁ ଲାଲ ଆମ ଅପରେଶନ ଗନ୍ଧମାର୍ଦ୍ଦନ ଏରିଆ ବଲାଙ୍ଗୀର ଓ ବରଗଡ଼ ଅଞ୍ଚଳରେ ଚାଲୁଛି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ମାଓବାଦୀ ମୁକାବିଲା କାର୍ଯ୍ୟକ୍ରମର ଏହା ଅଂଶବିଶେଷ ବୋଲି କୁହାଯାଉଛି।

## ଶ୍ରୀମନ୍ଦିରରେ ସେବାୟତ ହାତାହାତି

**ପୁରୀ,୧୬।୧୨:** ରାଜ୍ୟ ସରକାରଙ୍କ ତାଗିଦ୍ ସତ୍ତ୍ୱେ ସୁଧୁରୁନାହାନ୍ତି ଶ୍ରୀମନ୍ଦିର ସେବାୟତ। ବେହରଣ ଦ୍ୱାର ନିକଟରେ ଦୁଇ ସେବାୟତ ପିଟାପିଟି ହୋଇ ଜଣେ ବରିଷ୍ଠ ସେବାୟତ ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ଣରେ ବେହରଣ ଦ୍ୱାର ନିକଟସ୍ଥ ମୁକ୍ତିମଣ୍ଡପ ପାଖରେ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ଶ୍ରଦ୍ଧାଳୁଙ୍କୁ ପାଦୁକା ବାଣ୍ଟୁଥିଲାବେଳେ ସେବାୟତ ମଦନ ଖୁଣ୍ଟିଆ ତାଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିପାଇଁ ଶ୍ରୀ ଖୁଣ୍ଟିଆ ଲହୁଲୁହାଣ ହୋଇଥିଲେ। ମନ୍ଦିର ପୁଲିସ୍ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ପାରିବାରିକ ଗଣ୍ଡଗୋଳ ଯୋଗୁ ଏପରି ହୋଇଥିବା ଚର୍ଚ୍ଚା ହେଉଛି।

● ଗାନ୍ଧୀ ମାର୍ଗରେ ଗଢ଼ିବ ପ୍ରଜ୍ଞାପନ ମେଢ଼

# ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହେବ ଐତିହ୍ୟ ଓ ବିକାଶ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନବେଳେ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ପ୍ରଜ୍ଞାପନ ମେଢ଼ ଗଢ଼ିବ। ଏଥିରେ ରାଜ୍ୟର ଐତିହ୍ୟ, ପରମ୍ପରା, ଅସ୍ମିତା ଏବଂ ବିକାଶକୁ ନେଇ ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ ପ୍ରଦର୍ଶିର୍ତ ହେବ। ପରେଡ୍ ପ୍ରଦର୍ଶନ ସହ ପ୍ରଜ୍ଞାପନ ମେଢ଼ ଉକ୍ତ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ହେବ । ଏଥି ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରାରମ୍ଭିକ ବୈଠକ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଚଳିତ ବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ଏଥି ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ । ରାଜ୍ୟର ଐତିହ୍ୟ ଓ ବିକାଶ ଉପରେ ମୁଖ୍ୟତଃ ଏହି ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରିବାକୁ ଶ୍ରୀ ସିଂହ ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହାକୁ ଅଧିକ ଆକର୍ଷଣ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଆସନ୍ତା ୨୪ ତାରିଖ ସୁଦ୍ଧା ସଂପୃକ୍ତ ବିଭାଗଗୁଡ଼ିକ ସେମାନଙ୍କ ବିଷୟବସ୍ତୁ ସମ୍ପର୍କିତ ପ୍ରଜ୍ଞାପନ ମେଢ଼ର ସଂରଚନା ପ୍ରଦାନ କରିବେ। ଏହାକୁ ଯାଞ୍ଚ କରାଯାଇ ଶ୍ରେଷ୍ଠ ନମୁନାଗୁଡ଼ିକୁ ଚୟନ କରାଯିବ। ଏହି ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କା: ମା’ ଆଗରେ ଗଲା ପୁଅର ଜୀବନ

**ନୟାଗଡ଼,୧୬।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥର ବାଣୀଗୋଛା ଥାନା କୁଲୁରୁକୁମ୍ଭା ପଞ୍ଚାୟତ କୁମ୍ଭାରବିଡ଼ା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର ଧକାରେ ମା’ ଜ୍ୟୋସ୍ନାରାଣୀ ନାୟକ ଏବଂ ୧୨ ବର୍ଷର ବଡ଼ ପୁଅ ଗୁରୁତର ହୋଇଥିବା ବେଳେ ୧୦ ବର୍ଷର ସାନ ପୁଅଙ୍କ ମୃତ୍ୟୁ ଘଟିଛି। ମା’ ଓ ବଡ଼ ପୁଅଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଲକୁ ଯିବାପାଇ ଜ୍ୟୋସ୍ନାରାଣୀ ୨ ପୁଅଙ୍କ ସହ ଘର ସମ୍ମୁଖରେ ଛିଡା ହୋଇଥିଲେ। ସେତିକିବେଳେ କଟକରୁ ସୋନପୁର ଯାଉଥିବା ଏକ କାର୍ (ଓଡ଼ି୦୩ଭି-୭୪୩୦) ଭାରସାମ୍ୟ ହରାଇ ମା’ ଓ ଦୁଇ ପୁଅଙ୍କୁ ଧକ୍କା ଦେଇଥିଲା। ଫଳରେ ସାନ ପୁଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ମା’ ଏବଂ ବଡ଼ ପୁଅ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ବାଣୀଗୋଛା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ପୋଲିସ କାର୍ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆଜିଠୁ ରତ୍ନଭଣ୍ଡାର ମରାମତି



**ପୁରୀ,୧୬।୧୨ (ସଂଚାର ବ୍ୟୁରୋ):** ମଙ୍ଗଳବାରଠାରୁ ଆରମ୍ଭ ହେଉଛି ରତ୍ନଭଣ୍ଡାର ମରାମତି। ସମୟ ନିର୍ଘଣ୍ଟ ଅନୁଯାୟୀ, ଦି’ପହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ପରେ ପ୍ରତ୍ୟେହ ଦିନ ପ୍ରାୟ ସାଢ଼େ ୧୨ଟା କିମ୍ବା ଗୋଟାଏରୁ ମରାମତି କାମ ଆରମ୍ଭ ହେବ। ଦୈନିକ ୫ ଘଣ୍ଟା ଧରି ମରାମତି କାମ ହେବାକୁ ଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀଜିଉଙ୍କ ଶୃଙ୍ଖଳିତ ନୀତି ନିର୍ଘଣ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ହୋଇଥିବା ଜିପିଆର୍ ସର୍ଭେ ରିପୋର୍ଟ ଆଧାରରେ ଓ ରାଜ୍ୟ ସରକାରଙ୍କ ଏସଓପି ଭିତ୍ତିରେ ହେବ ମରାମତି କାମ। ଉପସ୍ଥିତ ରହିବେ ଏଏସ୍‌ଆଇର ବରିଷ୍ଠ ବୈଷୟିକ ବିଶେଷଜ୍ଞ। ଏଥିସହ ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହିବେ। ରତ୍ନଭଣ୍ଡାରକୁ ପ୍ରବେଶ କରିବାକୁ ଥିବା ସମସ୍ତେ ସେବାୟତଙ୍କ ଭଳି ପାରମ୍ପରିକ ପୋଷାକ ପରିଧାନ କରିବେ। ଶ୍ରମିକ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଦିଆଯିବ। ବିନା ପରିଚୟପତ୍ରରେ କାହାରିକୁ ଭିତରକୁ ଛଡ଼ାଯିବ ନାହିଁ। ପ୍ରଥମେ ଭିତର ଭଣ୍ଡାର ମରାମତି ହେବ। ପ୍ରଥମେ ଭାରାବନ୍ଧା କାମ ହେବ। ଏହାପରେ ସଂପୂର୍ଣ୍ଣ କାନ୍ଥର ପ୍ଲାଷ୍ଟର ଛଡ଼ାଯିବ। ଏହାପରେ ଯେଉଁ ଯେଉଁ ସ୍ଥାନରେ ଫାଟ ଅଛି ତା’ର ମରାମତି ହେବ। ପଥର ପ୍ରଭାବିତ ହୋଇଥିଲେ, ପରିବର୍ତ୍ତନ କରାଯିବ। ଚଟାଣର ଅନେକ ସ୍ଥାନରେ ମୂଷା ଗାତ ଥିବାରୁ, ସଂପୂର୍ଣ୍ଣ ଚଟାଣର ମଧ୍ୟ ଡିପ୍ଲାଷ୍ଟରିଂ କରାଯାଇ ମରାମତି କରାଯିବ। ଯେଭଳି ଆଗାମୀ ଶହେ ବର୍ଷ ପାଇଁ କୌଣସି ସମସ୍ୟା ନରିବ ତାକୁ ଦୃଷ୍ଟିରେ ରଖି ମରାମତି କାର୍ଯ୍ୟ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ ନୀତି। ନିର୍ଦ୍ଧାରିତ ସମୟରେ ହୋଇଛି ନୀତି। ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହିଲି ଭୋଗ ନୀତି ହେବାକୁ ଥିବାରୁ ଏହିଭଳି ଶୃଙ୍ଖଳିତ ନୀତିକାନ୍ତି ଉପରେ ଏବେ ସମସ୍ତଙ୍କ ନଜର।

# ଏନ୍‌ସିଇଆର୍‌ଟି ଦେଶର ଏକ ସାମୂହିକ ଶୈକ୍ଷିକ ଭଣ୍ଡାର




- ଏନ୍‌ସିଇଆରଟି-ଫ୍ଲିପକାର୍ଟ ଏମଓୟୁକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା
- ବଢ଼ିବ ପାଠ୍ୟପୁସ୍ତକ ଉପଲବ୍ଧତା, ଡୋରଷ୍ଟେପରେ ପହଞ୍ଚିବ ପୁସ୍ତକ
- ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ

**ଭୁବନେଶ୍ୱର,୧୬।୧୨ (ସଂଚାର ବ୍ୟୁରୋ):** ଏନ୍‌ସିଇଆରଟି ଭାରତର ଗୌରବ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଏହା କେବଳ ଏକ ଅନୁଷ୍ଠାନ ନୁହେଁ ବରଂ ଦେଶର ଏକ ସାମୂହିକ ଶୈକ୍ଷିକ ଭଣ୍ଡାର। ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ସିଇଆରଟିର ୯୦୦ ସିଟ୍ କ୍ଷମତା ବିଶିଷ୍ଟ ନୂତନ ଅଡିଟୋରିୟମ ଏବଂ ଅନେକ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏନସିଇଆରଟି ଏବଂ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହା ଦ୍ୱାରା ସାରା ଦେଶରେ ବିଶେଷ କରି ଟାୟାର-୨ ଏବଂ ଟାୟାର-୩ ସହରରେ ଏନସିଇଆରଟି ପ୍ରକାଶନର ପୁସ୍ତକଗୁଡ଼ିକ ସୁଲଭ ମୂଲ୍ୟରେ ଶିକ୍ଷାର୍ଥୀଙ୍କ ପାଖରେ ପହଞ୍ଚିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ଗୁଗୁଲ ଲର୍ଣ୍ଣିଂ ସେଣ୍ଟରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ । ଏହି ପଦକ୍ଷେପ ଏଆଇ ସମେତ ଡିଜିଟାଲ ଉପକରଣରେ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବିକାଶରେ ସହାୟକ ହେବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଏକ ଅତ୍ୟାଧୁନିକ ଲ୍ୟାବ୍ ଓ ୨୦୦ ୟୁଟ୍ୟୁବ ଚ୍ୟାନେଲର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀ ପ୍ରଧାନ ନିଷ୍ଠା ସମନ୍ୱିତ ଶିକ୍ଷକ ପ୍ରଶିକ୍ଷଣ ମଡ୍ୟୁଲ, ନିଷ୍ଠା-ଇଟି, କୌଶଳ ଏବଂ ଏଜୁ୍ୟକେସନ ଲିଡରକୁ ଉନ୍ମୋଚନ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନସିଇଆରଟି ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଏହା ଗୋଟିଏ ଛାତ ତଳେ ବିଷୟବସ୍ତୁ ବିକାଶ, ପାଠ୍ୟକ୍ରମ ଡିଜାଇନ୍, ଶିକ୍ଷାଗତ ପଦ୍ଧତି, ଅଭିନବ ଶିକ୍ଷାଗତ ଅଭ୍ୟାସ, ଶିକ୍ଷକ ଦକ୍ଷତା ବୃଦ୍ଧି ଏବଂ ଟେକ୍ନୋଲୋଜି ନିବେଶକୁ ସମନ୍ୱିତ କରି ଏକ ମେଲଟିଂ ପଟରେ ପରିଣତ ହେବାର ଇଚ୍ଛା ରଖିବା ଆବଶ୍ୟକ। ଏକବିଂଶ ଶତାବ୍ଦୀର ଶିକ୍ଷା ଓ ଲର୍ଣ୍ଣରଙ୍କ ପାଇଁ ଭାରତର ନୂତନ ପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ସେ ଏନସିଇଆରଟିର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନସିଇଆରଟି ଏବଂ ଫ୍ଲିପକାର୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଏନସିଇଆରଟି ପାଠ୍ୟପୁସ୍ତକର ଉପଲବ୍ଧତା ବୃଦ୍ଧି ପାଇବା ସହ ଶିକ୍ଷାର୍ଥୀଙ୍କ ଡୋରଷ୍ଟେପରେ ପହଞ୍ଚିପାରିବ। ନିଷ୍ଠା ଶିକ୍ଷକ ପ୍ରଶିକ୍ଷଣ ମଡ୍ୟୁଲ୍ ଏବଂ ଗୁଗୁଲ ଇଣ୍ଡିଆ ଦ୍ୱାରା ଅନୁଭୂତିମୂଳକ ଶିକ୍ଷା କେନ୍ଦ୍ର ଭଳି ପଦକ୍ଷେପ ଶିକ୍ଷକମାନଙ୍କ ଦକ୍ଷତାକୁ ସୁଦୃଢ଼ କରିବ। ଏହା ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ ବୋଲି ସେ କହିଛନ୍ତି।

# ଆନ୍ଧ୍ର ଚାଲାଣ ବେଳେ ୪ ଧାନ ବୋଝେଇ ଗାଡ଼ି ଅଟକ



**ଦିଗପହଣ୍ଡି,୧୬।୧୨:** ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁଙ୍କ ନେତୃତ୍ୱରେ ସୋମବାର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦିଗପହଣ୍ଡି- ଚିକିଟି ମୁଖ୍ୟରାସ୍ତାର କଲ୍ୟାଣପୁର ନିକଟରୁ ୪ଟି ଧାନବୋଝେଇ ଗାଡ଼ି ଜବତ କରି ଦିଗପହଣ୍ଡି ଥାନାକୁ ହସ୍ତାନ୍ତର କରିଥିଲେ। ଆନ୍ଧ୍ରକୁ ଧାନ ଚାଲାଣ ହେଉଥିବା ସନ୍ଦେହରେ ପିକ୍‌ଅପ ଭ୍ୟାନ ନଂ. ଓଡ଼ି ୦୭ -୬୫୬୩, ଓଡ଼ି ୩୩ ପି - ୬୧୪୮, ଓଡ଼ି ୧୩ ଜି - ୩୮୩୯ ଏବଂ ଟାଟା ଏସି ଡାଲାଗାଡ଼ି ନଂ. ଓଡ଼ି ୦୭ ପି - ୧୯୭୦କୁ ଅଟକ ରଖି ଥାନାକୁ ନେଇଥିଲେ। ପରେ ଚାଲାଣ ସମ୍ପର୍କିତ ନଥିପତ୍ର ଯାଞ୍ଚପରେ ସେଗୁଡିକ ପଞ୍ଜିକୃତ ଚାଷୀଙ୍କ ପୁରୁଣା ଧାନ ଏବଂ ଷ୍ଟିମ ଦେବା ଉଦ୍ଦେଶ୍ୟରେ ମିଲକୁ ଚାଲାଣ ହେଉଥିବା ଜଣାପଡିବାରୁ ଚାଷୀଙ୍କ ଠାରୁ ସ୍ୱିକାରୋକ୍ତି ସଂଗ୍ରହ ପରେ ଛାଡ଼ି ଦିଆଯାଇଥିବା ତହସିଲଦାର କହିଛନ୍ତି। ଅପରପକ୍ଷରେ ଦିଗପହଣ୍ଡି ଅଞ୍ଚଳରେ ଚାଷୀ ଅଭାବୀ ଧାନବିକ୍ରିର ଶିକାର ହେଉଛି। ଧାନ ଅମଳ ସରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏଁ ଧାନ ମଣ୍ଡି ଖୋଲିନାହିଁ। ଚାଷୀଙ୍କ ଉତ୍ପାଦିତ ଧାନକୁ ସାଇତି ରଖିବାରେ ସମସ୍ୟା, ଚଳିତ ବର୍ଷ ଏଫଏକ୍ୟୁ ମାନକୁ କଡ଼ାକଡ଼ି କରାଯିବା ସମେତ ବିଭିନ୍ନ କାରଣକୁ ନେଇ ଚାଷୀ ଖଳାମୂଳେ ବ୍ୟବସାୟୀଙ୍କୁ କମ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ଆସନ୍ତା ୨୩ ତାରିଖରୁ ଦିଗପହଣ୍ଡି ବ୍ଲକ ଏବଂ ଏନ୍‌ଏସି ଇଲାକାରେ ୨୧ଟି ଧାନମଣ୍ଡି ଖୋଲାଯିବା ସହ କୋଟିନଡ଼ା ଏବଂ ଚୌଧୁରୀ ଟିକରପଡ଼ା ପଞ୍ଚାୟତରେ ପଞ୍ଜିକୃତ ୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚାଷୀଙ୍କ ଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ସିଧାସଳଖ ଧାନ କ୍ରୟ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା କହିଛନ୍ତି।

# ଚାଲିଚାଲି ଚାରି ଧାମ ଯାତ୍ରା



**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଚାରିଧାମ୍ ଯାତ୍ରାରେ ବାହାରିଛନ୍ତି ଉତ୍ତର ପ୍ରଦେଶ ଉନ୍ନାଓ ଜିଲ୍ଲା ରୁକ୍‌ନାପୁର ଗାଁର ମିଥିଲେଶ କୁମର ମୌର୍ଯ୍ୟ। ଚାଲି ଚାଲି ୧୨୦୦ କିମି ଅତିକ୍ରମ କରି ସେ ଓଡ଼ିଶାରେ ପହଞ୍ଚିଛନ୍ତି। ଆଉ ୧୦/ ୧୫ ଦିନ ପରେ ଶ୍ରୀକ୍ଷେତ୍ରରେ ପହଞ୍ଚିବେ। ପ୍ରଭୁଙ୍କ ଆଶୀର୍ବାଦ ନେଇ ରାମଶ୍ୱରମ୍ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

ମିଥିଲେଶ ଚାରି ଧାମ ଯାତ୍ରା ପାଇଁ ମାଆଙ୍କ ପାଖରେ ଆଗ୍ରହ ପ୍ରକାଶ କରିଥିଲେ। ମାଆଙ୍କ ଆଶୀର୍ବାଦ ନେଇ ଅକ୍ଟୋବର ୨୩ରେ ଘରୁ ବାହାରିଥିଲେ। ସେ ପ୍ରଥମେ ଚାଲିଚାଲି ଅଯୋଧ୍ୟା ଯାଇଥିଲେ। ସେଠାରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଅଯୋଧ୍ୟାରୁ କାଶି ବିଶ୍ୱନାଥ ଯାଇଥିଲେ ମିଥିଲେଶ। ବାବାଙ୍କୁ ଦର୍ଶନ କରିବା ପରେ ସେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ୫୩ ଦିନ ହେଲା ଚାଲୁଛନ୍ତି। ପିଠିରେ ଝୁଲୁଥିବା ବ୍ୟାଗରେ ତ୍ରିରଙ୍ଗା ଓ ସନାତନ ପତାକୁ ଉଡାଇ ଚାଲିଛନ୍ତି। ଏ ପର୍ଯ୍ୟନ୍ତ ସେ ୧୨୦୦ କିମି ଅତିକ୍ରମ କରିସାରିଲେଣି। ରବିବାର ସେ ଓଡ଼ିଶା ଭିତରେ ପ୍ରବେଶ କରିଛନ୍ତି। ଯାତ୍ରା ସମ୍ପର୍କରେ ମିଥିଲେଶ କହିଛନ୍ତି, ଦିନ ସାରା ଚାଲୁଛି। ସଞ୍ଜ ନଇବା ପୂର୍ବରୁ କୌଣସି ମନ୍ଦିର ବା ଧର୍ମଶାଳା ଦେଖି କଣ ଟିକେ ଖାଇ ବିଶ୍ରାମ ନେଉଛି। ମାଆଙ୍କ ସହିତ କଥା ହେଉଛି। ଯେଉଁଠାରେ ବିଶ୍ରାମ ନେଉଛି, ମାଆଙ୍କୁ ପୂରା ଠିକଣା ଦେଉଛି। ରାତି ପାହିଲେ ଗାଧୋଇ ଗନ୍ତବ୍ୟ ପଥରେ ବାହାରି ପଡୁଛି।

# ୩ ଦିନରେ ୨ ହାତୀ ମୃତ

**ଢେଙ୍କାନାଳ, ୧୬।୧୨ (ସଂଚାର ବ୍ୟୁରୋ):** କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ୩ ଦିନରେ ୨ ହାତୀଙ୍କ ମୃତ୍ୟୁ ଘଟିଛି। ଏହି ହାତୀ ଦୁଇଟି ଆହତ ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ମୋଟଙ୍ଗା ଥାନା ଚିନ୍ତାପୋଖରୀ ଅଞ୍ଚଳରେ ନଭେମ୍ବର ୨ ରେ ଟ୍ରେନ ଦୁର୍ଘଟଣାରେ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା ଓ ଆଉ ଏକ ହାତୀ ଆହତ ହୋଇଥିବାରୁ ତାକୁ ଚିକିତ୍ସା ପାଇଁ ଏହି କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୩ ଦିନ ପୂର୍ବେ ଏହାର ମୃତ୍ୟୁ ଘଟିଥିଲା। ନିକଟରେ ଆଠଗଡରେ ବୋମା ଚୋବାଇ ପାଟିରେ ଗୁରୁତର କ୍ଷତ ଯୋଗୁଁ ଏକ ଦନ୍ତା ହାତୀ ଏଠାକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଉକ୍ତ ହାତୀର ମୃତ୍ୟୁ ଘଟିଛି।

# ଆବର୍ଜନାରୁ ପ୍ରସ୍ତୁତ ହେବ ବାୟୋ ଗ୍ୟାସ୍

## ବିଏମ୍‌ସି-ଅଏଲ ଇଣ୍ଡିଆ ଏମ୍‌ଓୟୁ




**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ-ଅଏଲ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଅଏଲ ଇଣ୍ଡିଆ ଲିମିଟେଡ୍ ପକ୍ଷରୁଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୭୫ କୋଟି ଟଙ୍କା ବ୍ୟୟରେ ୨୦୦ ଟିପିଡି (ଟନ୍ ପର୍ ଡେ) ବିଶିଷ୍ଟ କମ୍ପ୍ରେସଡେ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି।

ଏହି ଅବସରରେ ଅଏଲ୍ ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ ସଚିବ ବିନୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ବର୍ଜ୍ୟରୁ ପ୍ରସ୍ତୁତ ହେବ ବାୟୋଗ୍ୟାସକୁ ସିଏଏନ୍‌ଜି ଗ୍ୟାସକୁ ରୂପାନ୍ତରିତ ହେବ। କେବଳ ସେତିକି ନୁହେଁ, ଏଥିରୁ ପ୍ରସ୍ତୁତ ଖତ ଅର୍ଗାନିକ ଫାର୍ମିଂକୁ ବେଶ ଉତ୍ସାହିତ କରିବ। ଅଏଲ ଇଣ୍ଡିଆ ପକ୍ଷରୁ ପ୍ରଥମଥର ପାଇଁ ଏପରି ପଦେକ୍ଷେପ ନେଇଥିବାରୁ ମନ୍ତ୍ରୀ ଡ.ମହାପାତ୍ର ଧନ୍ୟବାଦ ଦେବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆହୁରି ୬ରୁ ୮ଟି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଅନୁରୋଧ ଜଣାଇଛନ୍ତି। ଏହା ଦ୍ୱାରା ଭୁବନେଶ୍ୱର ମହାଗନର ନିଗମ ଆଉ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବ। ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବାରେ ବେଶ ସହାୟକ ହୋଇପାରିବ। ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଅତି କମରେ ଦୁଇ ବର୍ଷ ଲାଗିବ ବୋଲି ଅଏଲ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମାତ୍ର ଯୁଦ୍ଧ କାଳୀନ ଭିତ୍ତିରେ ରୁ କାମ ସାରିବାକୁ ଅନୁରୋଧ କରିଛନ୍ତି ମନ୍ତ୍ରୀ ।

ବର୍ଜ୍ୟ ପରିଚାଳନାରେ ବି ଏମ୍ ସି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟକାରୀ ହେଲେ ବିଏମ୍‌ସି ଆଉ ପାଦେ ଆଗକୁ ଯିବ। ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ଆଗେଇ ଆସିଥିବାରୁ ଧନ୍ୟବାଦ ଜଣାଇଛନ୍ତି ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢୀ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସହ ଲୋକମାନଙ୍କର ଜୀବନ ଧାରଣ ମାନ ବୃଦ୍ଧି ହେବ। ଅଏଲ ଇଣ୍ଡିଆ ପକ୍ଷରୁ ୧୭୫ କୋଟି ଟଙ୍କା ବ୍ୟୟରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବ । ଏହା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଭୁବନେଶ୍ୱର ପରିବେଶ ଅନୁକୂଳ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ହୋଇ ରହିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

# ଆଉ ୨୪ ଘଣ୍ଟା ଶୀତ

**ଭୁବନେଶ୍ୱର, ୧୬।୧୨ (ସଂଚାର ବ୍ୟୁରୋ):** ପ୍ରାୟ ଏକ ସପ୍ତାହ ହେଲା ଶୀତରେ ଥରୁଛି ସାରା ଓଡିଶା । ୧୦ ଡିଗ୍ରୀ ତଳେ ରହୁଛି ୧୫ ସହରର ତାପମାତ୍ରା। ରାଜ୍ୟରେ ଆହୁରି ୨୪ ଘଣ୍ଟା ଯାଏଁ ଲାଗି ରହିବ ଶୀତ ଲହରୀ। ଥରିବ ଆଭ୍ୟନ୍ତରୀଣରୁ ଉପକୂଳ ଅଞ୍ଚଳ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟାରେ ଝାରସୁଗୁଡ଼ା, ଅନୁଗୋଳ, ଜଗତସିଂହପୁର ଓ ସୁନ୍ଦରଗଡ଼କୁ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ। ଏହାସହ ଆହୁରି ଦୁଇଦିନ ଯାଏଁ ଘନ କୁହୁଡି ଦୃଶ୍ୟମାନ ନେଇ ବିଭାଗ ଚେତାବନୀ ବିଭାଗ ଦେଇଛି। ୨୪ ଘଣ୍ଟା ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ମଙ୍ଗଳବାରଠାରୁ ୩ ରୁ ୫ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେବାର ପୂର୍ବାନୁମାନ କରିଛି ବିଭାଗ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ବାଇକର ବିକ୍ରି ବନ୍ଦ କଲା ହିରୋ



**ନୂଆଦିଲ୍ଲୀ:** ହିରୋ ମୋଟୋକର୍ପରେ ଏଣ୍ଟ୍ରି ଲେଭଲ୍ ବାଇକ୍ ଠାରୁ ଆରମ୍ଭ କରି ପ୍ରିମିୟମ୍ ସେଗମେଣ୍ଟ୍ ପର୍ଯ୍ୟନ୍ତ ବାଇକ୍ ଅଛି। କିନ୍ତୁ ବର୍ତ୍ତମାନ ହିରୋ ମୋଟୋକର୍ପ ଏହାର ଗ୍ରାହକଙ୍କୁ ଏକ ବଡ଼ ଝଟକା ଦେଇଛି। କମ୍ପାନୀ ଭାରତରେ ତିନୋଟି ବାଇକ୍ ସଂପୂର୍ଣ୍ଣ ଭାବେ ବନ୍ଦ କରି ଦେଇଛି। ହଁ, ବର୍ତ୍ତମାନ ଆପଣ ହିରୋ ଏକ୍ସପ୍ଲସ ୨୦୦ଟି ୪ୟୁ, ଏକ୍ସଟ୍ରିମ ୨୦୦ଏସ ୪ଭି, ପ୍ୟାସନ ଏକ୍ସଟେକ କିଣିବାକୁ ସକ୍ଷମ ହେବେ ନାହିଁ। କମ୍ପାନୀ ଏହାକୁ ନିଜ ୱେବସାଇଟରୁ ମଧ୍ୟ ହଟାଇ ଦେଇଛି। ତେବେ ଆସନ୍ତୁ ବିସ୍ତୃତ ଭାବେ ଜାଣିବା କେଉଁ ତିନିଟି ବାଇକକୁ ହିରୋ ଆଉ ବିକ୍ରି କରିବ ନାହିଁ।

**ହିରୋ ପାସନ ଏକ୍ସଟେକ:** ହିରୋ ପାସନ ଏକ୍ସ-ଟେକ୍ ହେଉଛି ଏକ ଷ୍ଟାଇଲିସ୍ ଏଣ୍ଟ୍ରି ଲେଭଲ୍ ବାଇକ୍। କିନ୍ତୁ ଚଳାଇବା ସମୟରେ ଏହି ବାଇକ୍ ର ସନ୍ତୁଳନ ବହୁତ ଭଲ ନଥିଲା। ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, ବାଇକରେ ୧୧୩.୨ସିସି, ସିଙ୍ଗଲ୍ ସିଲିଣ୍ଡର, ଏୟାର-କୁଲ୍ଡ ଇଞ୍ଜିନ ଦିଆଯାଇଥିଲା। ଏହାର ଇଞ୍ଜିନ୍ ୪-ସ୍ପିଡ୍ ଗିଅରବକ୍ସ ସହିତ ଯୋଡି ହୋଇଥିଲା। ଏହି ବାଇକ୍ ଡ୍ରମ୍ ବ୍ରେକ୍ ଏବଂ ଡିସ୍କ ବ୍ରେକ୍ ସହିତ ଦୁଇଟି ପ୍ରକାରରେ ଉପଲବ୍ଧ ଥିଲା। ଏହି ବାଇକରେ ଏକ ଡିଜିଟାଲ୍ ସ୍ପିଡୋମିଟର ଅଛି ଯାହା ବ୍ଲୁଟୁଥ୍ କନେକ୍ଟିଭିଟି ସହିତ ସଂଯୋଗ ହୋଇପାରିବ। ବାଇକରେ ଏକ ୟୁଏସବି ଚାର୍ଜିଂ ପୋର୍ଟ ମଧ୍ୟ ଯୋଗାଇ ଦିଆଯାଇଥିଲା।

**ଏକ୍ସଟ୍ରିମ ୨୦୦ଏସ ୪ଭି:** ହିରୋ ମୋଟୋକର୍ପର ଏହି ବାଇକ୍ ର ଡିଜାଇନ୍ ଭଲ ଥିଲା, କିନ୍ତୁ ଏହା ଗ୍ରାହକଙ୍କୁ ସେତେଟା ଆକର୍ଷିତ କରିପାରିନଥିଲା। ଏହି ବାଇକରେ ୧୯୯.୬ ସିସି ଇଞ୍ଜିନ୍ ସହ ବାଇକରେ ୧୭ ଇଞ୍ଚ ଚକ, ଟେଲିସ୍କୋପିକ୍ ଫୋର୍କ୍ସ ଏବଂ ପଛରେ ଏକ ମୋନୋଶକ୍ ଥିଲା।

**ହିରୋ ଏକ୍ସପ୍ଲସ ୨୦୦ଟି ୪ଭି:** ହିରୋ ମୋଟୋକର୍ପର ଏକ୍ସପ୍ଲସ ୨୦୦ଟି ୪ଭି ଏକ ଷ୍ଟ୍ରିଟ୍ ବାଇକ୍ ଭାବରେ ଆସିଥିଲା ଯାହା କମ୍ପାନୀର ନିଜସ୍ୱ ଏକ୍ସପ୍ଲସ ୨୦୦ଟି ୪ଭି ଉପରେ ଆଧାରିତ। ଅଫ୍ ରୋଡିଂ ପାଇଁ ଏହି ବାଇକ୍ ବହୁତ ବ୍ୟବହୃତ ହୋଇଥିଲା। ଇଞ୍ଜିନ ବିଷୟରେ କହିବାକୁ ଗଲେ, ବାଇକରେ ୨୦୦ସିସି ସିଙ୍ଗଲ୍ ସିଲିଣ୍ଡର, ଏୟାର / ଅଏଲ-କୁଲ୍ଡ, ଚାରି-ଭଲଭ୍ ଇଞ୍ଜିନ୍ ପ୍ରଦାନ କରାଯାଇଥିଲା।

## ଏକ୍ସପାୟରୀ ୪୫ ଦିନରୁ କମ ଥିବା ସାମଗ୍ରୀର ହୋଇପାରିବନି ଡେଲିଭରୀ

ନୂଆଦିଲ୍ଲୀ ୧୫।୧୨: ଅନଲାଇନରେ ଖାଦ୍ୟପଦାର୍ଥ ମଗାଇବା ବେଳେ ଏହା କେଉଁ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ଏହା ଦେଖି ନିଅନ୍ତୁ। ଯଦି ସାମଗ୍ରୀର ଏକ୍ସପାୟରୀ ୪୫ ଦିନରୁ କମ ଥାଏ ତେବେ ଆପଣ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ)ଙ୍କ ନିକଟରେ ଏ ନେଇ ଅଭିଯୋଗ କରିପାରିବେ। ନିକଟରେ ଅନଲାଇନରେ କାମ କରୁଥିବା ସବୁ ଫୁଡ ବିଜନେସ୍ ଅପରେଟର (ଏଫବିଓ)ଙ୍କୁ ଏଫଏସଏସଏଆଇ ଏ ନେଇ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶରେ ଫୁଡ ଡେଲିଭରୀ ଅପରେଟରଙ୍କୁ ଏପରି ଖାଦ୍ୟପଦାର୍ଥ ଡେଲିଭରୀ ନ କରନ୍ତୁ ଯେଉଁଗୁଡିକର ଉପଯୋଗ ଅବଧି ୪୫ ଦିନ ନଥିବ। ଏଫଏସଏସଏଆଇ ନିକଟରେ ଏଫବିଓଙ୍କ ଏକ ବୈଠକ କରିଥିଲେ। ଏଥିରେ ଏପରି କରିବା ଦ୍ୱାରା ସେମାନଙ୍କ ଉପରେ ଗ୍ରାହକଙ୍କ ଭରସା ବଢ଼ିବ ବୋଲି କହିଥିଲେ। ଏଫବିଓଙ୍କୁ ଏହା ମଧ୍ୟ କୁହାଯାଇଥିଲା ଯେ ଅନଲାଇନ ପ୍ଲାଟଫର୍ମରେ କୌଣସି ଖାଦ୍ୟପଦାର୍ଥ ନେଇ ଏପରି ଦାବି କରନ୍ତୁ ନାହିଁ ଯାହା ଫିଜିକାଲ ରୂପେ ସେହି ବସ୍ତୁର ଲେବୁଲରେ ନାହିଁ। ସେମାନଙ୍କୁ ଲେବଲିଂ ଓ ଡିସପ୍ଲେ ନିୟମ କଡାକଡି ପାଳନ କରିବାକୁ କୁହାଯାଇଛି। ସେହିପରି ଅନଲାଇନରେ ଖାଦ୍ୟପଦାର୍ଥ ଡେଲିଭରୀ କରିବା ବେଳେ ପରିଷ୍କାର ପରିଚ୍ଛନ୍ନତା ନେଇ ଡେଲିଭରି ବୟମାନଙ୍କୁ ପ୍ରଶିକ୍ଷିତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ନିଜର ସ୍ୱଚ୍ଛତା ରେଟିଂ, ଏଫଏସଏସଏଆଇ ଲାଇସେନ୍ସ ଓ ବିକ୍ରେତାଙ୍କ ରେଜିଷ୍ଟ୍ରେସନ ସୂଚନା ଗ୍ରାହକଙ୍କୁ ଉପଲବ୍ଧ କରିବାକୁ ମଧ୍ୟ କୁହାଯାଇଛି। ଉପଭୋକ୍ତାଙ୍କୁ ସଠିକ ସମୟରେ ନ୍ୟାୟ ଦେବାକୁ ଓ ସାଧାରଣ ଲୋକଙ୍କୁ ଅଭିଯୋଗ ଲାଗି ଆଗକୁ ଆସିବା ନିମନ୍ତେ ପ୍ରେରିତ କରିବା ପାଇଁ ଉପଭୋକ୍ତା ବ୍ୟାପାର ମନ୍ତ୍ରାଳୟ ଇ-ଜାଗ୍ରୁତି ଆପ ଆରମ୍ଭ କରିବେ। ଏହି ଆପରେ ଗ୍ରାହକ କଥାରେ କହି ମଧ୍ୟ ଅଭିଯୋଗ କରିପାରିବେ। ଗତବର୍ଷ ଡିସେମ୍ବର ୨୪ ତାରିଖରେ ଇ-ଜାଗ୍ରୁତି ପୋର୍ଟାଲକୁ ଆରମ୍ଭ କରାଯାଇଥିଲା।

### ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟାଙ୍କ ଚେତାବନୀ

## ବିଲିୟନେୟାର ଟ୍ୟାକ୍ସ ଯୋଗୁ ଦେଶ ବାହାରକୁ ଚାଲିଯିବ ପୁଞ୍ଜି



ନୂଆଦିଲ୍ଲୀ ୧୬/୧୨: ଧନକୁବେରମାନଙ୍କ ଉପରେ ପୃଥକ ଭାବେ ଟିକସ ଅର୍ଥାତ୍ 'ବିଲିୟନେୟାର୍ ଟ୍ୟାକ୍ସ' ଦେଶକୁ ବର୍ବାଦ କରିପାରେ ବୋଲି ଏକ ନୂଆ ଚେତାବନି ଆସିଛି। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା(ସିଇଏ) ଅନନ୍ତ ନାଗେଶ୍ୱରନ 'ବିଲିୟନେୟାର ଟ୍ୟାକ୍ସ' ବିରୋଧରେ ମତ ଦେଇଛନ୍ତି ଏବଂ କହିଛନ୍ତି ଯେ, ଏହା ଦ୍ୱାରା ଦେଶକୁ ବିଭିନ୍ନ ପ୍ରକାର କ୍ଷତି ହୋଇପାରେ। ଏହି ଟିକସ ଲଗାଯିବା ଦ୍ୱାରା ଦେଶରୁ ପୁଞ୍ଜି ବାହାରକୁ ଯାଇପାରେ ଏବଂ ନିବେଶ ବି ପ୍ରଭାବିତ ହୋଇପାରେ। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସିଇଏ କହିଛନ୍ତି ଯେ, ସାର୍ବଜନୀନ ନୀତିର ପ୍ରଭାବ ଅନେକ ସମୟରେ ବିପରୀତ ହୋଇଥାଏ। ପୁଞ୍ଜି ଉପରେ ଅଧିକ ଟିକସ ଲଗାଯିବା ଦ୍ୱାରା ପୁଞ୍ଜି ବାହାରକୁ ଚାଲିଯିବ। ପୁଞ୍ଜି ବାହାରକୁ ଚାଲିଯିବା ସହଜ କିନ୍ତୁ ତାହାକୁ ଫେରାଇ ଆଣିବା କଷ୍ଟକର। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ସଦସ୍ୟ ଶାମିକା ରବି କହିଛନ୍ତି ଯେ, ଆୟକର ବିଭାଗର ଆକଳନ ଅନୁସାରେ, କମ୍ ଟିକସ ଅନୁପାଳନରେ ସୁଧାର ଆଣିଛି। ଭାରତରେ ଅଧିକ ଟିକସ ଦ୍ୱାରା ଅଧିକ ଟିକସ ଚୋରି ହୋଇପାରେ।

## ପିଏନ୍‌ଜି ଦର ହ୍ରାସ କଲା ଗେଲ୍




ଭୁବନେଶ୍ୱର, ୧୬/୧୨: ଲଗାତାର ୨ମାସରେ ଦ୍ୱିତୀୟ ଥର ଲାଗି ଘରୋଇ ପିଏନ୍‌ଜି ଦରରେ ହ୍ରାସ ହୋଇଛି। ଅକ୍ଟୋବର ୨୦୨୪ ରେ ଏହା ୟୁନିଟ ପିଛା ୫୭.୧୮ ଟଙ୍କା ଏବଂ ୫୭.୨୧ ଟଙ୍କା ଥିଲା। ୨ ଥର ଦର ପରିବର୍ତ୍ତନ ପରେ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର (ଏସ୍‌ସିଏମ୍) ପିଛା ଏହା ୪୮.୩୩ ଟଙ୍କା ଏବଂ ୪୮.୩୬ ଟଙ୍କା ରହିଛି। ଉଭୟ ଭୁବନେଶ୍ୱର ଏବଂ କଟକ ଲାଗି ଲାଗୁ ହେବ ଏହି ଦର। ଦରରେ ୧୬% ବା ୮ ଟଙ୍କା ହ୍ରାସ ହୋଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଭୁବନେଶ୍ୱରରେ ୧୨ ହଜାର ପାଇପ୍ ଗ୍ୟାସ ୟୁଜର ରହିଛନ୍ତି। କଟକରେ ଏହି ୟୁଜରଙ୍କ ସଂଖ୍ୟା ୬ ହଜାର। ଉଭୟ ସହରରେ ମାର୍ଚ୍ଚ ସୁଦ୍ଧା ଆଉ ୫ ହଜାର ଗ୍ରାହକ ଯୋଡିବା ନେଇ କମ୍ପାନି ଲକ୍ଷ୍ୟ ରଖିଛି। ଭୁବନେଶ୍ୱରରେ ୫୦ ହଜାର ଗ୍ରାହକଙ୍କ ଲାଗି ଗ୍ୟାସ୍ ପାଇପ୍ ଲାଇନ ଏବଂ କଟକରେ ୨୫ ହଜାର ଗ୍ରାହକଙ୍କ ଲାଗି ପାଇପ୍ ଲାଇନ୍ ଭିତ୍ତିଭୂମି ବିକାଶ ହୋଇଥିବା କମ୍ପାନି ପକ୍ଷରୁ ସୂଚନା ମିଳିଛି।

## ମୁଣ୍ଡପିଛା ଆୟରେ ଓଡ଼ିଶା ସ୍ଥାନ ୧୫: ଏକ ନମ୍ବରରେ ସିକିମ୍



**ନୂଆଦିଲ୍ଲୀ, ୧୬।୧୨:** ଦେଶରେ ମୁଣ୍ଡପିଛା ଆୟ ୨୦୧୯-୨୦ ତୁଳନାରେ ୪୧ ପ୍ରତିଶତ ବୃଦ୍ଧି ପାଇ ୨୦୨୩-୨୪ରେ ୨,୧୧,୭୨୫ ଟଙ୍କା ହୋଇଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟରେ ମୁଣ୍ଡପିଛା ଆୟ ମଧ୍ୟ ବଢ଼ିଛି। କିଛି ରାଜ୍ୟ ଏକ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମୁଣ୍ଡପିଛା ଆୟ ବଢ଼ାଇବାରେ ସବୁ ରାଜ୍ୟକୁ ପଛରେ ପକାଇ ଦେଇଛି ଛୋଟ ରାଜ୍ୟ ସିକିମ୍। ତାହାର ମୁଣ୍ଡପିଛା ଆୟ ୭ ଲକ୍ଷ ୭ ହଜାର ୧୮୧ ଟଙ୍କା ରହିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ତେଲେଙ୍ଗାନାରେ ମୁଣ୍ଡପିଛା ଆୟ ସିକିମ୍ ତୁଳନାରେ ପାଖାପାଖି ଅଧା (୩,୯୩,୩୮୫ ଟଙ୍କା) କମ୍। ମୁଣ୍ଡପିଛା ଆୟ କ୍ଷେତ୍ରରେ ୧,୮୩,୭୬୭ ଟଙ୍କା ସହ ଓଡ଼ିଶା ୧୫ତମ ସ୍ଥାନରେ ରହିଛି। ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ହାରଠାରୁ କମ୍ ରହିଛି। ବିହାରର ମୁଣ୍ଡପିଛା ଆୟ ସର୍ବନିମ୍ନ ୬୬୮୨୮ ଟଙ୍କା ରହିଛି। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ମୁଣ୍ଡପିଛା ଆୟ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ସ୍ଥାନରେ ରହିଛନ୍ତି ସିକିମ୍, ତେଲେଙ୍ଗାନା, କର୍ଣ୍ଣାଟକ (୩,୬୮,୦୮୫ ଟଙ୍କା), ହରିୟାଣା (୩,୬୧,୯୯୩ ଟଙ୍କା) ଓ ତାମିଲନାଡୁ (୩,୫୩,୪୮୩ ଟଙ୍କା)। ଶ୍ରେଷ୍ଠ ୧୦ଟି ରାଜ୍ୟ ଭିତରେ ଏମାନଙ୍କ ପଛକୁ ରହିଛନ୍ତି ମହାରାଷ୍ଟ୍ର (୩,୧୮୫୬୦ ଟଙ୍କା), କେରଳ (୩,୧୭,୭୨୩ ଟଙ୍କା), ଉତ୍ତରାଖଣ୍ଡ (୩,୯୫,୭୯୧ ଟଙ୍କା), ହିମାଚଳ ପ୍ରଦେଶ (୨୭୬,୯୪୩ ଟଙ୍କା) ଓ ଆନ୍ଧ୍ରପ୍ରଦେଶ (୨୭୦୨୯୫ ଟଙ୍କା)। ଦେଶର ୧୧ଟି ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ହାରଠାରୁ ଅଧିକ ରହିଛି। ଆସାମ, ତ୍ରିପୁରା, ରାଜସ୍ଥାନ, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ମେଘାଳୟ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ବିହାରର ମୁଣ୍ଡପିଛା ଆୟ ଜାତୀୟ ହାରଠାରୁ କମ୍ ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆକଳନ ଅନୁସାରେ ୨୦୨୪ ଅକ୍ଟୋବର ସୁଦ୍ଧା ମୁଣ୍ଡପିଛା ଆୟ କ୍ଷେତ୍ରରେ ଭାରତର ସ୍ଥାନ ୧୪୨ ରହିଛି। କ୍ରୟ ଶକ୍ତି ସମାନତା ଅନୁସାରେ ଏହା ୧୨୫ତମ ସ୍ଥାନରେ ରହିଛି। ଗତ ଅକ୍ଟୋବରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ମୁଣ୍ଡପିଛା ଆୟ ୨୩୭୦ ଡଲାରରେ ପହଞ୍ଚିବାକୁ ଭାରତକୁ ୭୫ ବର୍ଷ ସମୟ ଲାଗିଥିଲା। କିନ୍ତୁ ତାହା ଆଉ ୨୦୦୦ ଡଲାର ବଢ଼ିବା ଲାଗି ମାତ୍ର ୫ ବର୍ଷ ସମୟ ଲାଗିଛି। ଆସନ୍ତା ପାଞ୍ଚ ବର୍ଷ ଭିତରେ ଦେଶର ମୁଣ୍ଡପିଛା ଆୟ ଦ୍ୱିଗୁଣିତ ହେବ ବୋଲି ସେ ଆଶାବାଦୀ ରହିଛନ୍ତି।

## ନଭେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧.୯୮%କୁ ଖସିଲା



ନୂଆଦିଲ୍ଲୀ, ୧୬।୧୨: ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ନଭେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧.୯୮%କୁ ଖସି ଆସିଛି। ଖାଦ୍ୟ ସାମଗ୍ରୀ, ବିଶେଷକରି ପନିପରିବା ଦାମରେ ହ୍ରାସ କାରଣରୁ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ୨.୩୬% ଥିଲା। ଯେତେବେଳେକି ୨୦୨୩ ନଭେମ୍ବରରେ ଏହା କେବଳ ୦.୩୯% ରହିଥିଲା। ତଥ୍ୟ ଅନୁଯାୟୀ, ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନଭେମ୍ବରରେ ୮.୬୩%କୁ ଖସି ଆସିଛି, ଯାହା ଅକ୍ଟୋବରରେ ୧୩.୫୪% ରହିଥିଲା। ପନିପରିବା ଦରବୃଦ୍ଧିରେ ହ୍ରାସ ଦେଖିବାକୁ ମିଳିଥିବାବେଳେ ଏବେ ଏହା ୨୮.୫୭%ରେ ରହିଛି। ଅକ୍ଟୋବରରେ ପନିପରିବାର ମୁଦ୍ରାସ୍ଫୀତି ୬୩.୦୪% ଥିଲା। ତେବେ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ହୋଇଥିଲେବି ଆଳୁ ଏବେବି ମହଙ୍ଗା ରହିଛି। ଆଳୁର ମୁଦ୍ରାସ୍ଫୀତି ହାର ୮୨.୭୯%ରେ ରହିଛି। ସେପଟେ ପିଆଜର ମୁଦ୍ରାସ୍ଫୀତିରେ ହ୍ରାସ ଦେଖିବାକୁ ମିଳିଛି। ଏବେ ପିଆଜର ମୁଦ୍ରାସ୍ଫୀତି ୨.୮୫% ରହିଛି। ଅନ୍ୟାନ୍ୟ କ୍ଷେତ୍ରକୁ ଦେଖିଲେ, ନେଭମ୍ବରରେ ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମୁଦ୍ରାସ୍ଫୀତି ୫.୮୩% ରହିଛି, ଯାହା ଅକ୍ଟୋବରରେ ୫.୭୯% ଥିଲା। ସେହିଭଳି ବିନିର୍ମାଣ ସାମଗ୍ରୀର ଦରବୃଦ୍ଧି ନଭେମ୍ବରରେ ବଢ଼ି ୨%ରେ ପହଞ୍ଚିଛି, ଯାହା ଅକ୍ଟୋବରରେ ୧.୫୦% ରହିଥିଲା।

## ପାଇପ୍ ରନ୍ଧନ ଗ୍ୟାସ୍ ଦର କମିଲା ଉପକୃତ ହେବେ ୧୮ ହଜାର ଗ୍ରାହକ



ଭୁବନେଶ୍ୱର: ରୋଷେଇ ଲାଗି ପାଇପ୍ ଜରିଆରେ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ଘରୋଇ ପିଏନ୍‌ଜି ଗ୍ୟାସ୍‌ର ଦର ହ୍ରାସ ପାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱର ଓ କଟକର ପାଇପ୍ ଗ୍ୟାସ୍ ଗ୍ରାହକମାନଙ୍କ ଲାଗି ଦର କମ୍ କରାଯାଇଛି। ଗତ ଦୁଇ ମାସରେ ଦ୍ୱିତୀୟ ଥର ଲାଗି ପାଇପ୍ ଗ୍ୟାସ୍ ଶସ୍ତା ହୋଇଛି। ଚଳିତ ବର୍ଷ ଅକ୍ଟୋବରରେ ଭୁବନେଶ୍ୱରରେ ପାଇପ୍ ଗ୍ୟାସ୍‌ର ୟୁନିଟ୍ ପିଛା ଦାମ୍ ୫୭ ଟଙ୍କା ୧୮ ପଇସା ଓ କଟକରେ ୫୭ ଟଙ୍କା ୨୧ ପଇସା ଥିଲା। ଡିସେମ୍ବର ୧୬ରୁ ତାହା ୪୮ ଟଙ୍କା ୩୩ ପଇସା ଓ ୪୮ ଟଙ୍କା ୩୬ ପଇସାକୁ ହ୍ରାସ ପାଇବ। ଏହି ନିଷ୍ପତ୍ତି ଯୋଗୁଁ ଭୁବନେଶ୍ୱର ଓ କଟକର ୧୮ ହଜାରରୁ ଅଧିକ ଗ୍ରାହକ ଉପକୃତ ହେବେ। ସେମାନଙ୍କୁ କମ୍ ଦାମ୍‌ରେ ଗ୍ୟାସ୍ ମିଳିବ। ଗେଲ୍ ପକ୍ଷରୁ ପାଇପ୍ ଗ୍ୟାସ୍ ଦାମ୍‌ରେ ପ୍ରାୟ ୧୬ ପ୍ରତିଶତ ହ୍ରାସ କରାଯାଇଛି ଯାହା ସିଏସ୍‌ଏମ୍ ପିଛା ୮ ଟଙ୍କା ୮୫ ପଇସା ରହିଛି। ବର୍ତ୍ତମାନ କମ୍ପାନିର ଭୁବନେଶ୍ୱରରେ ୧୨,୦୦୦ରୁ ଅଧିକ ଓ କଟକରେ ୬୦୦୦ରୁ ଅଧିକ ପାଇପ୍ ଗ୍ୟାସ୍ ଗ୍ରାହକ ରହିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ଦୁଇ ସହରରେ ୫୦୦୦ ନୂଆ ଗ୍ରାହକ ସୃଷ୍ଟି ହେବେ ବୋଲି କମ୍ପାନି ଆଶା କରୁଛି। ଭୁବନେଶ୍ୱରରେ ୫୦,୦୦୦ ଓ କଟକରେ ୨୫୦୦୦ରୁ ଅଧିକ ଗ୍ରାହକଙ୍କୁ ପାଇପ୍ ଜରିଆରେ ଗ୍ୟାସ୍ ଯୋଗାଣ ଲାଗି କମ୍ପାନି ଭିତ୍ତିଭୂମି ପ୍ରସ୍ତୁତ କରିସାରିଛି।

## ପୁରୁଣା ଗାଡ଼ି ହୋଇପାରେ ମହଙ୍ଗା।

**ନୂଆଦିଲ୍ଲୀ, ୧୬।୧୨:** ପୁରୁଣା ତଥା ବ୍ୟବହୃତ ଯାନର ମାର୍କେଟ୍ ବହୁତ ବଢ଼ିଯାଇଛି। ଅନେକ କମ୍ପାନୀ ସେମାନଙ୍କ ପୁରୁଣା ଗାଡ଼ିଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। ଏବେ କିନ୍ତୁ ଏହି ପୁରୁଣା ଗାଡ଼ିଗୁଡ଼ିକର କ୍ରେତାମାନଙ୍କୁ ଏକ ବଡ଼ ଝଟକା ଲାଗିପାରେ। କାରଣ, ଜିଏସଟି କାଉନସିଲ୍ ଇଭି ସମେତ ପୁରୁଣା ତଥା ବ୍ୟବହୃତ ଯାନ ଉପରେ ଜିଏସଟି ବଢ଼ାଇ ୧୮% କରିପାରେ। ବର୍ତ୍ତମାନ ଏହା ୧୨% ରହିଛି। ଯଦି ଏପରି ହୁଏ, ତେବେ ପୁରୁଣା ଗାଡ଼ିଗୁଡ଼ିକ ମହଙ୍ଗା ହୋଇପାରେ। ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜିଏସଟି କାଉନସିଲର ଫିଟମେଣ୍ଟ କମିଟି ପୁରୁଣା ଗାଡ଼ିଗୁଡ଼ିକ ଉପରେ ଦ୍ରବ୍ୟ ଏବଂ ସେବା କର (ଜିଏସଟି) ହାରକୁ ୧୨%ରୁ ବଢ଼ାଇ ୧୮% କରିବାକୁ ସୁପାରିଶ କରିଛି। ଏହା ବୈଦ୍ୟୁତିକ ଯାନ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇପାରେ। ସମ୍ପ୍ରତି ଗାଡ଼ିଗୁଡ଼ିକ ଉପରେ ସପ୍ଲାୟାରଙ୍କ ମାର୍ଜିନ ଆଧାରରେ ଟ୍ୟାକ୍ସ ଲାଗୁ ହୋଇଥାଏ, ଯାହା ଟିକସ ଭାରକୁ ଅପେକ୍ଷାକୃତ କମ୍ କରିଥାଏ। ଖାସ୍ କଥା ହେଉଛି, ବର୍ତ୍ତମାନ ନୂତନ ଇଭି ଯାନ ଉପରେ ୫% ଜିଏସଟି ଲାଗୁ କରାଯାଉଛି, ଯାହା ଦ୍ୱାରା ଏହି ସେକ୍ଟରରେ ଅଭିବୃଦ୍ଧି ଅଣାଯାଇ ପାରିବ। କିନ୍ତୁ ରି-ସେଲ୍ ଉପରେ ଯଦି ୧୮% ଜିଏସଟି ଲାଗୁ ହୁଏ, ତା' ହେଲେ ସେକେଣ୍ଡ ହ୍ୟାଣ୍ଡ ଇଭି ପ୍ରତି ଗ୍ରାହକଙ୍କ ଆକର୍ଷଣ କମି ଯାଇପାରେ। ଏହା ପୂର୍ବରୁ ହିଁ ସେକେଣ୍ଡ ହ୍ୟାଣ୍ଡ ଗାଡ଼ିର ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ଇନପୁଟ୍ ପାର୍ଟସ ଏବଂ ସର୍ଭିସେସ୍ ଉପରେ ୧୮% ଜିଏସଟି ଦର ଲାଗୁ ହୋଇଛି। ଏହାର ଅର୍ଥ, ପୂର୍ବରୁ ଏହି ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଢ଼ିସାରିଛି। ଯଦି ଜିଏସଟି ହାରରେ ବୃଦ୍ଧି ଘଟେ, ତେବେ ଏହା ଅଧିକ ମହଙ୍ଗା ହୋଇପାରେ ଏବଂ ସେକେଣ୍ଡ ହ୍ୟାଣ୍ଡ ଯାନର ମୋଟ ମୂଲ୍ୟ ଆହୁରି ବଢ଼ିପାରେ। ଏମିତି ପରିବର୍ତ୍ତନ ଦ୍ୱାରା ସେକେଣ୍ଡ ହ୍ୟାଣ୍ଡ ଯାନର କ୍ରେତାଙ୍କ ସଂଖ୍ୟା ହ୍ରାସ ପାଇବା ସହ ବିକ୍ରି ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କର ରେକର୍ଡ ପରିମାଣର ଲାଭ

ଭୁବନେଶ୍ୱର,୧୬।୧୨: କ୍ରମାଗତ ଭାବେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକର କାରବାର ବେଶ ଉତ୍ସାହ ଜନକ ରହିଛି। ଏପରିକି ବ୍ୟାଙ୍କ ଗୁଡିକର ଲାଭ ପୂର୍ବପେକ୍ଷା ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକ ସର୍ବାଧିକ ୧.୪୧ ଲକ୍ଷ କୋଟି ଟଙ୍କାର ନେଟ୍ ଲାଭକରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଅପରପକ୍ଷରେ ଏହାର ଗ୍ରସ୍ ନନ୍‌ପର୍ଫମିଂ ଆସେଟସ୍ (ଜିଏନ୍‌ପିଏ) ଉଲ୍ଲେଖନୀୟ ହ୍ରାସ ଘଟି ୨୦୨୪ ସେପ୍ଟେମ୍ବରରେ ୩.୧୨%କୁ ଖସି ଆସିଛି। ଏପରିକି ଏହାର କ୍ରମାଗତ ପ୍ରଦର୍ଶନ ସହ ୮୫,୫୨୦ କୋଟିର ନେଟ୍ ଲାଭ ହାସଲ କରିଛି। ଏହା ବ୍ୟତୀତ ଗତ ୩ବର୍ଷ ମଧ୍ୟରେ ମୋଟ ୯, ୬୧,୯୬୪ କୋଟି ଡିଭିଡେଣ୍ଡ ଦେଇ ଶେୟାର ହୋଲ୍ଡର ରିଟର୍ନରେ ଯଥେଷ୍ଟ ଅବଦାନ ରଖିଛି। ଏହି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରର କାର୍ଯ୍ୟକ୍ଷମ ଦକ୍ଷତା, ଉନ୍ନତ ସମ୍ପତ୍ତି ଗୁଣବତ୍ତା ଏବଂ ଦୃଢ଼ ପୁଞ୍ଜି ଆଧାରକୁ ସୂଚିତକରେ। ସେମାନଙ୍କର ଆର୍ଥିକ ସଫଳତା ବ୍ୟତୀତ ଏହି ବ୍ୟାଙ୍କଗୁଡିକ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅଟଳ ପେନ୍‌ସନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜ୍ୟୋତି ବୀମା ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି। ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକର ମୋଟ ଏନ୍‌ପିଏ ଅନୁପାତରେ ଏକ ଉଲ୍ଲେଖନୀୟ ଉନ୍ନତି ହୋଇଛି। ୨୦୧୮ ମାର୍ଚ୍ଚରେ ଏହା ୧୪.୫୮% ଥିବାବେଳେ ୨୦୨୪ ସେପ୍ଟେମ୍ବର ମଧ୍ୟରେ ୩.୧୨% କୁ ହ୍ରାସ ପାଇଛି। ୨୦୧୫ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମ୍ପତ୍ତି ଗୁଣବତ୍ତା ସମୀକ୍ଷା (ଏକ୍ୟୁଆର୍) ପ୍ରବର୍ତ୍ତନ କରିଥିବାବେଳେ ବ୍ୟାଙ୍କଗୁଡିକରେ ଲୁକ୍କାୟିତ ଚାପକୁ ଚିହ୍ନଟକରିବା ଏବଂ ସମାଧାନ କରିବା ସହ ଅନ୍ୟାନ୍ୟ ଦିଗରେ ଏହା ସହାୟକ ହୋଇଥିଲା। ଅନ୍ୟପଟେ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକର ସିଆର୍‌ଏଆର୍ ୨୦୧୪-୧୫ ତୁଳନାରେ ୩୯% ବୃଦ୍ଧି ପାଇଛି। ୨୦୨୪ ସେପ୍ଟେମ୍ବରରେ ୧୫.୪୩% କୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚ ୨୦୧୫ ରେ ୧୧.୪୫% ଥିଲା। ଏହି ସିଆର୍‌ଏଆର୍ ଆର୍‌ବିଆଇର ସର୍ବନିମ୍ନ ଆବଶ୍ୟକତାଠାରୁ ୧୧.୫% ଠାରୁ ବହୁତ ଅଧିକ। ଏହା ଅନୁଷ୍ଠାନଗୁଡ଼ିକର ଆର୍ଥିକ ସୁଦୃଢ଼ତାକୁ ଦର୍ଶାଉଛି। ପିଏମ୍ ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପିଏମ୍-ସ୍ୱନିଧି, ପିଏମ୍ ବିଶ୍ୱକର୍ମା ଆଦି ପ୍ରମୁଖ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା ଅଧୀନରେ ୫୪ କୋଟି ଜନଧନ ଆକାଉଣ୍ଟ ଏବଂ ୫୨ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର କରାଯାଇଛି। ୨୦୧୪ ମାର୍ଚ୍ଚରେ ବ୍ୟାଙ୍କ ଶାଖା ସଂଖ୍ୟା ୧,୧୭,୯୯୦ ଥିବାବେଳେ ସେପ୍ଟେମ୍ବରରେ ଏହି ସଂଖ୍ୟା ୧,୬୦,୫୦୧କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୧,୦୦,୬୮୬ ଶାଖା ଗ୍ରାମୀଣ ଏବଂ ଅର୍ଦ୍ଧ ସହରୀ ଅଞ୍ଚଳରେ ଅଛି। ସେହିପରି କିଷାନ କ୍ରେଡିଟ କାର୍ଡ (କେସିସି) ମାଧ୍ୟମରେ କୃଷକମାନଙ୍କୁ ସ୍ୱଳ୍ପକାଳୀନ ଫସଲ ଋଣ ଯୋଗାଇଦିଆଯାଉଛି। ସେହିପରି କ୍ରମାଗତ ଭାବରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଉଛି। ଗତ ୩ ବର୍ଷ ମଧ୍ୟରେ ୧୫% ସିଏଜିଆର୍ ପଞ୍ଜୀକୃତ ହୋଇଛି। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ଅଗ୍ରଗତି ୨୮.୦୪ ଲକ୍ଷ କୋଟିରେ ପହଞ୍ଚିଛି। ଏହା ବାର୍ଷିକ ୧୭.୨% ଅଭିବୃଦ୍ଧି ଦର୍ଶାଉଛି। ୨୦୦୪-୨୦୧୪ ମଧ୍ୟରେ ଧାର୍ଯ୍ୟ ବାଣିଜ୍ୟିକ ବ୍ୟାଙ୍କଗୁଡିକର ମୋଟ ଅଗ୍ରଗତି ୮.୫ ଲକ୍ଷ କୋଟିରୁ ୬୧ ଲକ୍ଷ କୋଟିକୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚ ୨୦୨୪ ସୁଦ୍ଧା ୧୭୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ବର୍ଷର ଶେଷ ମାସରେ କାର୍‌ରେ ମିଳିବ ବମ୍ପର ଡିସକାଉଣ୍ଟ




**ନୂଆଦିଲ୍ଲୀ, ୧୬।୧୨:** କିଛି ସମୟ ପାଇଁ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଇଲେକ୍ଟ୍ରିକ୍ କାରର ଡିମାଣ୍ଡ ବେସ୍ ବଢ଼ିଚାଲିଛି। ଯଦି ଆପଣ ଏକ ନୂଆ ଇଭି କିଣିବାକୁ ପ୍ଲାନ୍ କରୁଛନ୍ତି ତେବେ ଆପଣଙ୍କ ପାଇଁ ଗୁଡ ନ୍ୟୁଜ୍। ଟାଟା ମୋଟର୍ସ ନିଜର ଅନେକ ଇଭି ମଡେଲ୍ ଡିସେମ୍ବର ୨୦୨୪ ରେ ବମ୍ପର ଡିସକାଉଣ୍ଟ ପ୍ରଦାନ କରୁଛି। ଯେଉଁଥିପାଇଁ ଆପଣ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେଭିଙ୍ଗ କରିପାରିବେ।

ଟାଟା ଟିଆଗୋ ଇଭି ଏବଂ ଟିଗୋର ଇଭି ରେ ୧.୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ମିଳିବ। ଏହା ବ୍ୟତୀତ କିଛି ଭ୍ୟାରିଆଣ୍ଟରେ ଏକ୍ସଚେଞ୍ଜ ବୋନସ୍ ମଧ୍ୟ ସାମିଲ୍ ରହିଛି। ଏହା ସହ ଟିଆଗୋ ଏବଂ ଟିଗୋର ଇଭି ରେ ଇନଭେଣ୍ଟୋରିକୁ ଆଧାର କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଡିସ୍ନାଲ୍ ଏକ୍ସଚେଞ୍ଜ ବୋନସ ସହିତ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ମିଳିବ। ଏହା ସହିତ ଟାଟା ପଞ୍ଚ ଇଭି ବେସ୍ ଭ୍ୟାରିଆଣ୍ଟରେ ୨୫,୦୦୦ ଟଙ୍କାରୁ ଆରମ୍ଭ କରି ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ମିଳିବ। ୨୦୨୪ ଶେଷ ବର୍ଷରେ ଟାଟା ନେକ୍ସନ ଇଭି ରେ କୌଣସି ଡିସକାଉଣ୍ଟ ନାହିଁ। ଯେତେବେଳେ ୨୦୨୩ରେ ପ୍ରି- ଫେସଲିଫ୍ଟ ଟାଟା ନେକ୍ସନ ଇଭି ପ୍ରାଇମ ଏବଂ ମାକ୍ସ ଭ୍ୟାରିଏଣ୍ଟସରେ ୩ ଲକ୍ଷ ଟଙ୍କାର ଡିସକାଉଣ୍ଟ ମିଳୁଛି। ଏହା ବ୍ୟତୀତ ମହିନ୍ଦ୍ରା ଓ ଏମଜି ମୋଟର୍ସ ମଧ୍ୟ ନିଜର ଇଲେକ୍ଟ୍ରିକ୍ କାରରେ ଡିସକାଉଣ୍ଟ ବିଷୟରେ କହିଛନ୍ତି।

ବର୍ଷ ଶେଷ ମାସରେ ମହିନ୍ଦ୍ରାର ଇଲେକ୍ଟ୍ରିକ ଏସୟୁଭି ଏକ୍ସୟୁଭି ୪୦୦ ଉପରେ ଅନେକ ବେନିଫିଟ୍ସ ଦିଆଯାଇଛି। କାରର ଉଭୟ ବ୍ୟାଟେରୀ ପ୍ୟାକ୍ ଅପ୍ସନ ୩.୧୦ ଲକ୍ଷ ଟଙ୍କାରେ ଅଫର ଦିଆଯାଉଛି। ଏହା ବ୍ୟତୀତ ଏମଜି କମେଟ ଇଭି ରେ ୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ବେନିଫିଟ୍ସ ମିଳିବ। ଏମଜି ଇଲେକ୍ଟ୍ରିକ କାର ଜେଡଏସ ଇଭି ରେ ୧.୫ ଲକ୍ଷ ଟଙ୍କାରୁ ୨.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ ଦିଆଯାଉଛି।

# ଏସିଏଫ ଟିମ୍ ଉପରେ ଆକ୍ରମଣ

● ୫ ହାତୀଦାନ୍ତ ମାଫିଆ କାବୁ



**ରାୟଗଡା,୧୬।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାରେ ହାତୀଦାନ୍ତ ଚୋରାଚାଲାଣ ରୋକିବାକୁ ବନ ବିଭାଗ ଏବଂ ଏସିଏଫ ଟିମ୍ ଏକ ଜନସଂଘର୍ଷକ ଅଭିଯାନ ଚାଲାଇଥିଲା । ଗତ ତିନିଦିନ ଧରି ମାଲିମୁଣ୍ଡା ଓ ଜାରପା ଗ୍ରାମରେ ହାତୀଦାନ୍ତ ଚୋରାଚାଲାଣ ସଂପୃକ୍ତ ମାଫିଆଙ୍କ ପିଛା କରି ବନ ବିଭାଗ ଅଧିକାରୀ ଙ୍କ ମୁଖ୍ୟତ୍ୱରେ ଏକ ଅଭିଯାନ ଚାଲିଥିଲା । ଘଟଣା ସ୍ଥଳରୁ ୫ ଜଣ ମାଫିଆଙ୍କୁ ହାତୀଦାନ୍ତ ସହିତ ଧରିବା ପରେ, ଅଧିକ ତଦନ୍ତ ପାଇଁ ଏସିଏଫ ଟିମ୍ ଜାରପା ଗ୍ରାମରେ ପହଞ୍ଚିଥିଲା । ତଥାପି, ତଦନ୍ତ ଚାଲିଥିବା ବେଳେ କିଛି ଦୁର୍ବୃତ୍ତ ଘର ଭିତରକୁ ଲୁଚି ଥିଲେ ଓ ଅଧିକାରୀଙ୍କ ଉପରେ ଗୁଳି ମାଡ଼ ଚଲାଇଥିଲେ । ମାଫିଆମାନଙ୍କ ଆକ୍ରମଣରେ ଗାଡି ଉପରେ ୪ ରାଉଣ୍ଡ ଗୁଳି ମାଡ଼ ହୋଇଥିଲା । ଏହି ଅଘଟଣାରେ କୌଣସି ଜୀବହାନି ହୋଇନଥିଲା ଏସିଏଫ ଟିମ୍ ଅନ୍ଧାରରେ ନିଜ ଜୀବନ ବଞ୍ଚାଇ ସୁରକ୍ଷିତ ଭାବରେ ଫେରି ଆସିଥିଲା । ବନ ବିଭାଗ ସୂଚନା ଅନୁଯାୟୀ, ମାଫିଆମାନେ ଛତିଶଗଡ଼ର ବେପାରୀମାନଙ୍କ ସହିତ ଯୋଗାଯୋଗ ରଖି ଥିଲେ । ଏହି ଚକ୍ରର ଅନ୍ୟ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ ଚାଲିଛି । ଅଭିଯାନ ମଧ୍ୟରେ ଏସିଏଫ ଅଧିକାରୀ ସନ୍ଦୀପ କୁମାର କହିଛନ୍ତି ଯେ ମାଫିଆମାନଙ୍କ ରାସ୍ତା ରୋକିବାକୁ ଏହି ପ୍ରତିବାଦ ଜାରି ରହିବ । ଗୁଳି ଆକ୍ରମଣ ଘଟଣା ପରେ ଏହି ବେପାର ଚକ୍ରରେ ଜଡିତ ଅନ୍ୟମାନଙ୍କ ଠାରୁ ସୂଚନା ମିଳିବା ପାଇଁ ଅଧିକାରୀମାନେ ଚାଷୀ ଓ ଗ୍ରାମବାସୀଙ୍କୁ ପଚାରାଉଚ୍ଚର କରୁଛନ୍ତି ।

# ପିଲାଛୁଆଙ୍କୁ ଧରି ରାଜରାସ୍ତାରେ ଖଣି ଠିକା ଶ୍ରମିକ

**ବରଗଡ଼,୧୬।୧୨(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଡୁଙ୍ଗୁରି ଚୂନପଥର ଖଣିର ଠିକା ଶ୍ରମିକମାନେ ସୋମବାର ସକାଳୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ୩ ଦଫା ଦାବି ନେଇ ପିଲାଛୁଆ ଧରି ସେମାନେ ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ରାଜପଥ ଅବରୋଧ କରିଛନ୍ତି। ଫଳରେ ବରଗଡ଼-ବଲାଙ୍ଗୀର, ବରଗଡ଼-ପଦ୍ମପୁର ଏବଂ ରୟପୁର ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଖଣିର ଲିଜ୍ ଅବଧି ଥିବା ପର୍ଯ୍ୟନ୍ତ ଖଣିକୁ କାର୍ଯ୍ୟକ୍ଷମ କରିବା, ଯଦି ଖଣି କାର୍ଯ୍ୟକ୍ଷମ ନ ହୁଏ, ତେବେ ଲିଜ ଅବଧି ପର୍ଯ୍ୟନ୍ତ ସମସ୍ତ ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ, ୨୦୨୩ ଅକ୍ଟୋବରରୁ ବର୍ତ୍ତମାନ ପର୍ଯ୍ୟନ୍ତ ବକେୟା ଦରମା ପ୍ରଦାନ ଆଦି ପାଇଁ ସେମାନେ ଦାବି କରିଛନ୍ତି। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଆନ୍ଦୋଳନସ୍ଥଳରେ ପହଞ୍ଚି ଆଲୋଚନା ଜାରି ରଖିଛନ୍ତି।



# ବାବୁ ଖାଇଗଲେ ପାର୍କ ଟଙ୍କା




**ବଲାଙ୍ଗୀର,୧୬।୧୨ (ସଂଚାର ବ୍ୟୁରୋ):** ଯୁଆଡେ ଆଖି ବୁଲାଇବ, ସବୁଠି ଦୁର୍ନୀତି ଆଉ ଦୁର୍ନୀତିର ଗନ୍ଧ । ରାଜ୍ୟରେ ବିଭିନ୍ନ ଯୋଜନାରେ ଅର୍ଥ ହଡ଼ପ ଅଭିଯୋଗ ହୋଇଛି। ସବୁଦିନ କେଉଁଠୁ ନା କେଉଁଠୁ ଆସୁଛି ଏଭିଳି ଅଭିଯୋଗ । ବଲାଙ୍ଗୀର ପୌରାଂଚଳରେ ପାର୍କ ନିର୍ମାଣ ଏହି ଦୁର୍ନୀତିର ଏକ ଜ୍ୱଳନ୍ତ ଉଦାହରଣ ।

ଠିକାଦାର ଓ ଅଧିକାରୀଙ୍କ ପକେଟ ଗରମ ହୋଇଛି। ତଦନ୍ତ ହେଲେ ସତ ପଦାକୁ ଆସିବ ।..୨୦୨୦ରୁ ୨୩ ମଧ୍ୟରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଂଚଳରେ ପାର୍କ ତିଆରି କରାଗଲା। ମନରେଗାରେ ଲୋକଙ୍କୁ କାମ ମିଳିଲା। ଛୋଟ ପାର୍କ ପାଇଁ ୫ରୁ ୮ ଲକ୍ଷ ଓ ବଡ଼ ପାର୍କ ପାଇଁ ୧୨ରୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହାର ନିର୍ମାଣ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଓ ଠିକାଦାରଙ୍କ ମିଳିତ ଦୁର୍ନୀତି ଆପଣଙ୍କୁ ତାଜୁବ କରିଦେବ। ପାର୍କରେ ଲଗା ଯାଇଥିବା ଏରିକା ପାମ୍ ଗଛ ଆଳରେ ବାବୁଙ୍କ ପକେଟକୁ ଯାଇଛି ଟଙ୍କା ! ବଜାରରେ ଏହି ଗଛର ଦାମ୍ ୧୫୦ରୁ ୨୦୦, ଅତି ବେଶିରେ ୫୦୦ ଟଙ୍କା। କିନ୍ତୁ ସେହି ଗଛକୁ ୧୭୦୦ ଟଙ୍କାରେ କିଣାଯାଇଥିବା ଦର୍ଶାଇ ବିଲ୍ କରାଯାଇଛି !... ସବୁଠୁ ବଡ଼ ପ୍ରଶ୍ନ, ବଲାଙ୍ଗୀର ସହରର ବହୁ ନର୍ସରୀରେ ଏହି ଗଛ ମିଳୁଥିବା ବେଳେ ଦୂରରୁ କାହିଁକି ଗଛ ଅଣାଯାଇଛି। ଠକେଇ ଉଦେଶ୍ୟରେ ଏଭଳି କରାଯାଇଛି ବୋଲି ସ୍ଥାନୀୟ ଲୋକ ସନ୍ଦେହ କରିଛନ୍ତି। ପାର୍କ ପଇସା ଖାଇଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।... ସେତେବେଳେ ପୌର ପରିଷଦ ଅଧ୍ୟକ୍ଷ ନଥିଲେ, ଜିଲ୍ଲାପାଳ ଥିଲେ ସର୍ବେସର୍ବା । ବଲାଙ୍ଗୀର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ବିଭାଗୀୟ ଜେଇଙ୍କ ତତ୍ତ୍ୱାବଧାନରେ ଠିକାଦାର ପାର୍କ ନିର୍ମାଣ କରିଛନ୍ତି। ତେଣୁ ନିରପେକ୍ଷ ତଦନ୍ତ ହେଲେ ଅହୁରି ଅନେକ ବଡ଼ବଡ଼ ଦୁର୍ନୀତି ଧରା ପଡିବ।

# ୫୬ ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା



**ଯୋଡ଼ା,୧୬।୧୨ (ସଂଚାର ବ୍ୟୁରୋ):** ଆଜି କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରେ ୫୬ଜଣ କନିଷ୍ଠ ଶିକ୍ଷକ ଙ୍କୁ ସରକାରୀ ନିୟମିତ ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କ୍ଷେତ୍ରମୋହନ ହାଁସଦା ଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଶତପଥୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ଶତପଥୀ ନୂତନ ଭାବେ ଯୋଗଦାନ କରିଥିବା ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ଉନ୍ନତି ଆଣିବା ସହିତ ଯୋଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କର ଶୈକ୍ଷିକ ଉନ୍ନତି ଦିଗରେ ବଳିଷ୍ଠ ଉଦ୍ୟମ ଜାରି ରଖି ଯୋଡ଼ା ବ୍ଲକ ରୁ ଡ୍ରପ ଆଉଟ ହାର କମାଇବା, ଶତ ପ୍ରତିଶତ ଉପସ୍ଥାନ ବୃଦ୍ଧି କରିବା, ନିୟମିତ ଶିକ୍ଷାଦାନ, ଓ କର୍ମଠ ହୋଇ ଯୋଡ଼ା ବ୍ଲକ କୁ ଜିଲ୍ଲାର ମାନ୍ୟତା ପ୍ରଦାନ କରାଇବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ଯୋଡ଼ା ବ୍ଲକ ର ଏନ ପି ଏସ ସଙ୍ଘ ର ସଭାପତି ଧ୍ରୁବ ଚରଣ ପାତ୍ର, ସମ୍ପାଦକ ବସନ୍ତ କୁମାର ପୃଷ୍ଟି, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମା ସାବତ, ଦୀନବନ୍ଧୁ ପତି ଓ ଅକ୍ଷୟ କୁମାର ରାଉତ ଉପସ୍ଥିତ ରହି ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ଓ ଯୋଡ଼ା ଏନ ପି ଏସ ସଙ୍ଘ କୁ ଭବିଷ୍ୟତରେ ଅଧିକ ସୁଦୃଢ଼ କରିବା ସହିତ ଯୁବ ପ୍ରତିଭା ନେଇ ସଂଘୀୟ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଇବା ପାଇଁ ଆହ୍ୱାନ ଦେଇଥିଲେ. ଆଗାମୀ ନବ ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସୁଖମୟ ହେବା ସହିତ ନୂଆ ନିୟମିତ ଦରମା ପାଇ ନବବର୍ଷ କୁ ଆନନ୍ଦ ଉଲ୍ଲାସ ରେ କଟାଇବା ପାଇଁ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ଦୀନବନ୍ଧୁ ପତି ଜଣାଇଥିଲେ। କାର୍ଯ୍ୟାଳୟ ତରଫରୁ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦ୍ୱିବେଦୀ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ଜାନୁଆରୀ ମାସରେ ନୂଆ ଦରମା ପ୍ରଦାନ କରାଇବା ପାଇଁ ଶତ ପ୍ରତିଶତ ଚେଷ୍ଟା ଜାରି ରଖିବାକୁ ଉଦ୍ୟମ କରିବାକୁ କହିବା ପରେ ସମସ୍ତ ଙ୍କ ମୁଖରେ ହସ ଖେଳିଥିଲା ଓ କରତାଳି ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଙ୍ଘ ର ସମ୍ପାଦକ ପୁନାଲ ପାତ୍ର ବିଗତ ୬ବର୍ଷ ର ଶିକ୍ଷାଦାନ ଓ ସଂଘର୍ଷ କରି ଆଜି ଶିକ୍ଷକ ମାନେ ନିୟମିତ ହୋଇ ପାରିଥିବା ଓ ସଂଘୀୟ କାର୍ଯ୍ୟ ରେ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହିତ ଏହି ଯୁବ ଶିକ୍ଷକ ମାନଙ୍କର ଏନ. ପି. ଏସ. ସଙ୍ଘ କୁ ଅଧିକ ମଜବୁତ କରାଇବା ପାଇଁ ପ୍ରତିଶୃତି ଦେଇଥିଲେ। ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଶତପଥୀ ଉପସ୍ଥିତ ନବ ନିଯୁକ୍ତି ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉତ୍ତୋରତର ଉନ୍ନତି କାମନା କରିବା ସହିତ ଜଣେ ଜଣେ ଆଦର୍ଶ ଶିକ୍ଷକ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସଙ୍ଘ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁକୁର କାମୁଡ଼ାରେ ୨୦ ଆହତ



**ସୁବର୍ଣ୍ଣପୁର,୧୬।୧୨ (ସଂଚାର ବ୍ୟୁରୋ):** ସୋନପୁର ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତକାଲି ସୋନପୁର ସହରର ବିଭିନ୍ନ ପଡ଼ାରେ ୧୮ଜଣ କୁକୁର କାମୁଡ଼ାର ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେଥିରୁ ୫ଜଣ ଆହତଙ୍କ ଠିକଣା ମିଳିଥିବାବେଳେ ଅନେକଙ୍କ ଠିକଣା ମିଳିପାରିନାହିଁ। ଆହତ ୫ଜଣ ହେଲେ ସହରର ଧିବରପଡ଼ାର ସିଦ୍ଧାନ୍ତ ପଧାନ, ପଟାଭାଡ଼ିର ଅଲକା ମେହେର, ଥନାପତି ପଡ଼ାର ସୌମ୍ୟ ପ୍ରଧାନ, ବ୍ଲକଛକର ଗୋଲେଖ ସାହୁ ଏବଂ ନୂଆମାଳି ପଡ଼ାର ଗିରି ଗୋବର୍ଦ୍ଧନ ମହାପାତ୍ର ବୋଲି ଜଣା ପଡିଛି। ସେପଟେ ଆଜି ସୋମବାର ସକାଳୁ ମଧ୍ୟ ମଝିପଡାର ରାଜୀବ ସାହୁ ଓ ପୂର୍ଣାବାସୀ ନାଏକ ମଧ୍ୟ କୁକୁର କାମୁଡ଼ା ରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବୁଲା କୁକୁର ଦଳ ସହରର ବିଭିନ୍ନ ଛକ ତଥା ଗଳି ମାନଙ୍କୁ ଦଳ ଦଳ ହୋଇ ଆତଙ୍କ ସୃଷ୍ଟି କରୁଛନ୍ତି ଫଳରେ ଛୋଟ ଶିଶୁ ଏବଂ ବୟସ୍କ ବ୍ୟକ୍ତି ବାହାରକୁ ବାହାରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ସୂଚନା ଅନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୩ ନଭେମ୍ବରରୁ ୨୦୨୪ ନଭେମ୍ବର ମଧ୍ୟରେ ୮୯୩ ବ୍ୟକ୍ତି କୁକୁର କାମୁଡା ଯୋଗୁ ଚିକିତ୍ସିତ ହୋଇଛନ୍ତି। ଗୋଟିଏ ଦିନରେ ସହରରେ ୧୮ଜଣଙ୍କୁ କୁକୁର କାମୁଡିବା ଘଟଣାକୁ ନେଇ ସହରରେ ଆତଙ୍କ ଖେଳିଯାଇଛି। ବୁଲା କୁକୁର ମାନଙ୍କୁ ସହର ରୁ ବାହାର କରିବା ସହ ଦୌରାତ୍ମ୍ୟ ରୋକିବାକୁ ସୋନପୁର ପୌର ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସେପଟେ କିଛି ମାସ ପୂର୍ବରୁ ସୋନପୁରରୁ ୮ କିମି ଦୂର ବଲାଙ୍ଗୀର ରାସ୍ତାରେ ଏକ କୁକୁର ବୋଝେଇ ଗାଡି କୌଣସି ସହରରୁ ଆଣି ସୋନପୁର ପଟକୁ ଛାଡି ଚାଲି ଯାଇଥିବା କିଛି ସ୍ଥାନୀୟ ଭଦ୍ରବ୍ୟକ୍ତି ଦେଖିଥିବା ପ୍ରକାଶ କରିଛନ୍ତି।

# ଚୋରା ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ



**ନାଉଗାଁ,୧୬।୧୨ (ସଂଚାର ବ୍ୟୁରୋ) :** ନାଉଗାଁ ତହସିଲ୍ ଅଧୀନରେ ଥିବା ଛଅଗୋଟି ବାଲି ସୈରାତ ଯଦିଓ ନିଲାମ କରାଯାଇଛି ତେବେ ସେଥିମଧ୍ୟରୁ ଦୁଇଗୋଟି ବାଲି ସୈରାତ ଯଥା ବଛାଲୋ ଓ ଗଳଧାରି କୁ ବାଲି ଉତ୍ତୋଳନ କରିବା ପାଇଁ ସରକାରୀ ସ୍ତରରେ ମଞ୍ଜୁରୀ ମିଳିଛି ଏବଂ ଏହି ଦୁଇଗୋଟି ବାଲି ସୈରାତ ବାଲି ଉତ୍ତୋଳନ ମଧ୍ଯ କରୁଛି। କିନ୍ତୁ ଦୁଃଖର ବିଷୟ ବାଲି ସୈରାତ ଗୁଡିକ ତହସିଲ୍ ଅଧୀନରୁ ଏବେ ଖଣି ଅଧିନକୁ ଚାଲିଯାଇଛି ତେଣୁ ଚୋରା ବାଲି ମାଫିଆ ପୁରା ସକ୍ରିୟ ହୋଇପଡିଛନ୍ତି। ସୂଚନା ଅନୁସାରେ ନାଉଗାଁ ତହସିଲ୍ ଅଧୀନ ଶିଖର, ପାଳେନ୍ଧି, ଅନନ୍ତପୁର, ଅଙ୍ଗେସ୍ୱରପଡା, ଭଟଣା, ଓଷକଣା, ଭଣ୍ଡିସାହି, ଡାହାଣୀଖିଆ ଆଦି ଦେବୀ ନଦୀ ପଠାରୁ ଦୈନିକ ଦିନ ରାତି ସହ ସହ ଟ୍ରିପ ଚୋରା ବାଲି ଟ୍ରାକ୍ଟର ଜରିଆରେ ଖୁଲମ୍ ଖୁଲା ଭାବେ ଚାଲାଣ କରାଯାଉଛି। ଏହି ଘଟଣା ବିଷୟରେ ଖଣି ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାହା ଚାପରେ ଖଣି ଅଧିକାରୀ ଚୁପ୍ ହୋଇ ବସିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ତମାମ ଘଟଣା ଉପରେ ନାଉଗାଁ ପୋଲିସ ନଜର ରହିଛି ଆଜି ନାଉଗାଁ ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ନୀଳମଣି ନାୟକ ଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଧୂଆଁପଦା ନିକଟରୁ ଏକ ଚୋରା ବାଲି ଗାଡିକୁ ଜବତ କରିବା ସମୟରେ ତରବରିଆ ଭାବେ ଉକ୍ତ ଟ୍ରାକଟର ଚାଳକ ବାଲିଟିକୁ ଡାଲା ଟେକି କିଛି ଅନଲୋଡ କରିଦେଇଥିଲା। ତେବେ ଏହି ଘଟଣା ବିଷୟରେ ଆମେ ଖଣି ଅଧିକାରୀ ସତୀଶ କୁମାର ତରାଇ ଙ୍କୁ ପଚାରିବାରୁ ସେ କହିଲେ ମୁଁ ଉକ୍ତ ଘଟଣା ବିଷୟରେ ଅବଗତ ଅଛି ଆଇନ୍ ଅନୁସାରେ ଯାହା ନିୟମ ଅଛି ତାହା କାର୍ଯ୍ୟକାରୀ କରାଯିବ ଓ ନିଶ୍ଚିନ୍ତ ଭାବେ ଉକ୍ତ ଟ୍ରାକଟର ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଲାଠୋର ଅଞ୍ଚଳରେ ବେଧଡ଼କ୍ ଚାଲିଛି ଦାଦନ ଚାଲାଣ

## ରୋକ୍ ଲଗାଇପାରୁନାହିଁ ସରକାରଙ୍କ ଟାସ୍କଫୋର୍ସ

**ଖପ୍ରାଖୋଲ,୧୬।୧୨ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ରେ ଚାଲିଛି ବେଧଡ଼କ୍ ଦାଦନ ଚାଲାଣ। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳ ହେଉଛି ଦାଦନ ପ୍ରବଣ ଅଞ୍ଚଳ ପ୍ରତି ବର୍ଷ ଏହି ଅଞ୍ଚଳ ରୁ ହଜାର ହଜାର ଲୋକ ବାହାର ରାଜ୍ୟ କୁ ଦାଦନ ଖଟି ଯାଇ ପରିବାର ଚଳାଉଛନ୍ତି। ଏହି ବର୍ଷ ମଧ୍ୟ ବାହାର ରାଜ୍ୟ ଦାଦନ ଚାଲାଣ ପାଇଁ ବାହାର ରାଜ୍ୟର ମାଲିକ ମାନେ ଆସି ସର୍ଦ୍ଦାର ମାନଙ୍କ ଘରେ ବସା ବାନ୍ଧିଛନ୍ତି । ସର୍ଦ୍ଦାର ମାନେ ନୁଆଖାଇଁ ପୂର୍ବରୁ ଗାଁ ମାନଙ୍କର ଶ୍ରମିକ ମାନଙ୍କୁ ଅଗ୍ରିମ ଟଙ୍କା ଦେଇ ନିଜ ଆୟତ ରେ ରଖିଥାନ୍ତି ପରେ ବେଆଇନ ଭାବେ ତାଙ୍କୁ ବାହାର ରାଜ୍ୟ କୁ ଚାଲାଣ କରିଥାନ୍ତି । ଲାଠୋର ଓ ବେଳପଡ଼ା ଅଞ୍ଚଳ ସର୍ଦ୍ଦାର ମାନେ ଭାନପୁର, ତୁର୍ଲା, ଝାଙ୍କରପାଲି, ଧଣ୍ଡାମୁଣ୍ଡା, ବାଞ୍ଜିପାଲି, ତେଲେନପାଲି, ଜମୁନାପାଲି, ଡୁଡୁକିପଦର, କର୍ଲାମାଲ, ରେଙ୍ଗାଲି, ଲହଡୁଙ୍ଗୁରି, ଆମ୍ବବାହାଲି, ଭରୁଆମୁଣ୍ଡା, ଖପ୍ରାଖୋଲ, କର୍ଲାକୁଟୁନା, କୁର୍ଲୁମାଲ, ଭାଲୁଡୁଙ୍ଗୁରି(କଲନିପଡ଼ା), ମହୁରୁଣ୍ଡି, ବଡ଼ଗୁର୍ଜିଭଟା, ଘୁନସର ଗ୍ରାମରେ ଲେବର ଚାଲାଣ ପାଇଁ ଘୁରିବୁଲୁଥାନ୍ତି। ଚୋରାରେ ଲେବର ଚାଲାଣ ବେଳେ ପୋଲିସ ହାବୁଡ ରେ ଧରା ପଡିଲେ ମୁଖ୍ୟ ସର୍ଦାର ଫେରାର ମାରୁଥିବା ବେଳେ ତାଙ୍କ ଛୋଟିଆ ସହଯୋଗୀ ଗିରଫ ହେଉଛନ୍ତି । ଖପ୍ରାଖୋଲ ଓ ଲାଠୋର ଥାନା ଅଧିନ ରେ ଯେତିକି ଲେବର ଧରାପଡୁଛନ୍ତି । ମୁଖ୍ୟ ସର୍ଦ୍ଦାର ଙ୍କ ନାମ ନାହିଁ ନିରିହ ସହଯୋଗୀ ଜେଲ ଯାଉଛନ୍ତି। ପୋଲିସ ଯଦି ମୁଖ୍ୟ ସର୍ଦ୍ଦାର ମାନଙ୍କୁ ଗିରଫ କଲେ ବେଆଇନ ଲେବର ଚାଲାଣ ନିଶ୍ଚିତ ଭାବେ ରୋକାଯାଇ ପାରନ୍ତା ବୋଲି ଲୋକମାନଙ୍କ ମୁଖରୁ ଶୁଣିବାକୁ ମିଳୁଛି ।



# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୁବର୍ଣ୍ଣପୁର,୧୬।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୨ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି। ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟାରୁପା ରଥ , ଜିଲ୍ଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରେବତୀ ସିଂ, ଆର ଡବ୍ଲୁ ଏସ ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ , ଡେପୁଟି କଲେକ୍ଟର ଜରୁରୀ ଶାଖା କୃଷ୍ଣ ମୋହନ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ଶ୍ରମ ଅଧିକାର,ତହସିଲଦାର ବିନିକା ସୀତାରାମ ଭୋଇ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହ ଉଦଯାପିତ

**ଭେଡେନ,୧୬।୧୨(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ୧୧ଦଶ ସଂକୁଳ ସ୍ତରୀୟ କ୍ରୀଡ଼ା ସମାରୋହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତେନ୍ତୁଲିଟିକ୍ରା ତରଫରୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ତେନ୍ତୁଲିଟିକ୍ରା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।ଏ ଅବସରରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାନନୀୟ ଶ୍ରୀଯୁକ୍ତ ସରୋଜ ମିଶ୍ର(ଲୋକ ସଭା ସଦସ୍ୟ ପ୍ରତିନିଧି) ଯୋଗ ଦେଇ ଧ୍ୱଜା ଆରୋହଣ କରି ବାର୍ଷିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ।ସଂକୁଳ ସଂଯୋଜକ ଶ୍ରୀଯୁକ୍ତ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ତଥା ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ୍ ରିଙ୍କୁ କୁମାର ଦାଶ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ।ପରିଚାଳନା ସମିତିର ସଂପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ଦେହେରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।କାଳିଚରଣ ହୋତା ସମେତ ଶିଶୁ ମାନେ ହନୁମାନ ମନ୍ଦିରରୁ ମଶାଲ ଆଣି ଗ୍ରାମ ପରିକ୍ରମା କରି ମୁଖ୍ୟ ଅତିଥିଙ୍କର କମଳ ଦ୍ୱାରା ସ୍ଥାପନ କରିଥିଲେ।କାର୍ଯ୍ୟକ୍ରମକୁ ସୁଶ୍ରୀ ଲକ୍ଷ୍ମୀ କର୍ମୀ ପରିଚାଳନା କରିଥିଲେ। ପରିଶେଷରେ ଶ୍ରୀଯୁକ୍ତ କ୍ଷମାନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ମିଳନ ସେଟ୍(ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ) ଧ୍ୱଜା ଅବତରଣ ଓ ଅଗ୍ନି ନିର୍ବାପଣ କରିଥିଲେ।ସଂପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ଦେହେରୀ ଅତିଥି ପରିଚୟ ଓ ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।୯ଟି ବିଦ୍ୟାଳୟରୁ ୧୯୬ ଜଣ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ।ଏ ସମାରୋହରେ ସଂଭାଗ ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ଶିବାନନ୍ଦ ଦାଶ ,ସଂକୁଳ ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ସୁବ୍ରତ କୁମାର ଶତପଥୀ ସମେତ ୧୨ ଜଣ ପରିଚାଳକ ୪୬ଟି ଖେଳ ପରିଚାଳନା କରିଥିଲେ।।ଏ କାର୍ଯ୍ୟକ୍ରମକୁ ମାତୃଭାରତୀର ୧୭ ଜଣ ସଦସ୍ୟା ସାହାଯ୍ୟ ଓ ସହଯୋଗ କରିଥିଲେ।ସଂକୁଳ ଶାରୀରିକ ପ୍ରମୁଖ ସୁବ୍ରତ ଶତପଥୀ ବୃତ୍ତ ପଠନ କରିଥିଲେ।କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ଅଧିକାରୀ ମାନେ ପୁରସ୍କାର କରିଥିଲେ। କ୍ରୀଡ଼ା ସମାରୋହକୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଭୋଜରାଜ ଦୁଆନ,ଶ୍ରୀଯୁକ୍ତ ଅଶୋକ କୁମାର ଧର,ଶ୍ରୀଯୁକ୍ତ ମକୁନ୍ଦ ମହାରଣା,ଶ୍ରୀଯୁକ୍ତ ନରେନ୍ଦ୍ର ରଣା ସମେତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ,ସେବକ ସେବିକା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ ଶିଶୁମନ୍ଦିର ପ୍ରତିଷ୍ଠାତା କୃଷ୍ଣ ଚନ୍ଦ୍ର ଦନ୍ତା ଉପସ୍ଥିତ ରହି ସାହାଯ୍ୟ ଓ ସହଯୋଗ କରିଥିଲେ।ପରିଶେଷରେ ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ମାଇଲ ନୟାଗଡ଼ ପକ୍ଷରୁ 'ଉଲ୍ଲାସ ଉତ୍ସବ'




**ନୟାଗଡ଼,୧୬।୧୨(ସଂଚାର ବ୍ୟୁରୋ):** ନୟାଗଡ଼ର ଅଗ୍ରଣୀ ସଂସ୍ଥା ସ୍ମାଇଲ ନୟାଗଡ଼ ପକ୍ଷରୁ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଉଲ୍ଲାସ ଉତ୍ସବ ଅନୁଷ୍ଠିତ ହୋଇଛି । ପୁରୁଣାସହର ଜଗନ୍ନାଥ ମନ୍ଦିର ଯଦୁମଣି ମଣ୍ଡପଠାରେ ଅନୁଷ୍ଠାର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ସମାଜସେବୀ ଦାମୋଦର ସାହୁ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସନ୍ତୋଷ କୁମାର ପ୍ରଧାନ, ଶିବରାମ ମହାପାତ୍ର ପ୍ରମୂଖ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହତ୍ୟା ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କଲା ଗୁଜୁରାଟ ପୋଲିସ୍

**ବ୍ରହ୍ମପୁର,୧୬।୧୨(ସଂଚାର ବ୍ୟୁରୋ):** ଗୁଜୁରାଟରେ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କରିଛି ଗୁଜୁରାଟ ପୋଲିସ୍। ସହରର ବଡ ବଜାର ଥାନା ପୋଲିସ୍ ସହାୟତାରେ ଗୁଜୁରାଟ ପୋଲିସ୍ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ, ଡିସେମ୍ବର ୧୫ ତାରିଖରେ ଗୁଜୁରାଟର ସୁରଟ ପାଣ୍ଡେସାରା ପୋଲିସ୍ ବ୍ରହ୍ମପୁର ବଡ ବଜାର ଥାନାରେ ପହଂଚି ଜଣେ ଅଭିଯୁକ୍ତକୁ ଗିରଫ କରିବା କ୍ଷେତ୍ରରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଗଂଜାମ ଜିଲ୍ଲା ସେରଗଡ଼ ଥାନା ଅନ୍ତର୍ଗତ ସୁଗୁଳିଆପଲ୍ଲୀ ଅଂଚଳର ଡି. କେଶବ ପାତ୍ର(୨୫)। ଯିଏ କି ବର୍ତ୍ତମାନ ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଅଂଚଳରେ ରହୁଥିଲା। ତେବେ ଗୁଜୁରାଟର ପାଣ୍ଡେସାରା ଅଂଚଳରେ ଅଭିଯୁକ୍ତ ଜଣକ ରହୁଥିବା ବେଳେ ନିଜର ୭ ଜଣ ସହଯୋଗୀଙ୍କ ସହ ମିଶି ଅରବିନ୍ଦ ଯାଦବ ନାମକ ଜଣେ ବ୍ୟକ୍ତିଙ୍କୁ ଛୁରୀରେ ଆକ୍ରମଣ କରିଥିଲା। ଏନେଇ ପାଣ୍ଡେସାରା ଥାନାରେ ମାମଲା ରୁଜୁ ହୋଇଥିଲା। ଘଟଣାର ପର ଦିନ ଆହତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ପରେ ଏହା ହତ୍ୟା ମାମଲାରେ ପରିଣତ ହୋଇଥିଲା। ଘଟଣା ପରେ ଏହି ଅଭିଯୁକ୍ତ ଜଣକ ସେଠାରୁ ଫେରାର୍ ହୋଇଯାଇଥିଲା।

# ପୀରଜାହାନିଆ ଓ ଗଙ୍ଗାଦେବୀରେ ପର୍ଯ୍ୟଟକଙ୍କ ଭିଡ଼

## ଜମୁଛି ବଣଭୋଜି, ସମୁଦ୍ର ସ୍ନାନ ସହ ବୋଟିଂରେ ବୁଲି ନାଲି କଙ୍କଡା ଦେଖିବା ମଜା ନିଆରା

**କାକଟପୁର/ଅସ୍ତରଙ୍ଗ,୧୬।୧୨(ସଂଚାର ବ୍ୟୁରୋ):** ପର୍ଯ୍ୟଟନଋତୁରେ ମଜା ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। ଶୀତଋତୁପାଇଁ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ କୁ ଉପଭୋଗ କରିବା ପାଇଁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ଦର୍ଶନ ସାରି ଅସ୍ତରଙ୍ଗ ଅଭିମୁଖେ ହେନ୍ତାଳ ବଣ ସହ ପୀରଜାହାନିଆ ଗଙ୍ଗାଦେବୀ ଓ କେଲୁଣୀ ମୁହାଁଣ ନିକଟରେ ବଣଭୋଜିର ଆସର ଜମୁଛି। ବିଶେଷ କରି ଡିସେମ୍ବର ମାସଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ମୁହାଁଣ ପାଲଟିଛି ଏକ ପ୍ରକୃଷ୍ଟ ସ୍ଥାନ। ଝାଉଁ ଜଙ୍ଗଲ ରେ ଅବସ୍ଥିତ ଏହି ପୀଠଟି ଏବେ ପିକିନିକି ସ୍ପଷ୍ଟ ପାଇଁ ପ୍ରଥମ ପସନ୍ଦ ପାଲଟିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ଏହି ପୀରଜାହାନିଆ ପୀଠ।ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଶୋଭା ଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଙ୍କ ସୁଅ ଛୁଟୁଛି।ପୀରଜାହାନିଆ ପୀଠ ହେଉଛି ହିନ୍ଦୁ ଓ ମୁସଲିମ ଙ୍କ ସମନ୍ୱୟ ପୀଠ। ପର୍ଯ୍ୟଟକ ଆସିଲେ ପୀରବାବା ଙ୍କୁ ଦର୍ଶନ ସହ ସମୁଦ୍ରରେ ସ୍ନାନ କରିବା ମଜା ସହ ବଣଭୋଜି ର ମଜା ନେଉଛନ୍ତି।୨୦୨୪ବର୍ଷ ବିଦାୟ ନେବାକୁ ଆଉ ଅଳ୍ପ କିଛି ଦିନଥିବାରୁ କିଏ ନିଜ ପରିବାର ସହ ଆଉ କିଏ ସାଙ୍ଗସାଥି ସହିତ ପିକିନିକି ପାଇଁ ଆସୁଛନ୍ତି। ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚ ଗୀତ ମଜା ବି ଉଠାଉଛନ୍ତି ପର୍ଯ୍ୟଟକ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକ ଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାକାର ବଣଭୋଜି କରିବାର ମଧ୍ୟ ନିଆରା ଆନନ୍ଦ ରହିଥାଏ। ପର୍ଯ୍ୟଟନ ଋତୁ ଥିବାରୁ ପର୍ଯ୍ୟଟନସ୍ଥଳୀ ସମ୍ପୂର୍ଣ୍ଣ ଲୋକାରଣ୍ୟ ହେଉଛି।

